بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 14-15

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

5-12 ଏପ୍ରିଲ୍ 2018 5-12 ଶାହାଦତ୍ 1397 ହି.ଶ 17-22 ରଜବ୍ 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوا
اسۡتَعِيۡنُوۡا بِالصَّبۡرِ وَالصَّلٰوةِ ؕ
اِنَّ اللّٰهَ مَعَ الصّٰبِرِيۡنَ
(سورۃ البقرہ:154)

ଅନୁବାଦ - ହେ ଲୋକମାନେ ! ଯେଉଁମାନେ ବିଶ୍ୱାସ ସ୍ଥାପନ କରିଅଛ ଧୈର୍ଯ୍ୟ ଓ ପ୍ରାର୍ଥନା ଦ୍ୱାରା (ଅଲ୍ଲାଃଙ୍କର) ସାହାଯ୍ୟ ଭିକ୍ଷା କର । ଅଲ୍ଲାଃ ବାସ୍ତବରେ ଧୈର୍ଯ୍ୟଶୀଳ ମାନଙ୍କ ସହିତ ଥାଆନ୍ତି ।

ସୁରା ବକ୍ରା: ୧୫୪

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

ନମାଜରେ ଅଲ୍ଲାଃତାଲା ଏହି ଦୁଆଟିକୁ ଶିଖାଇଛନ୍ତି ଓ ଧାର୍ଯ୍ୟ କରିଛନ୍ତି କି ଏହା ବ୍ୟତୀତ ନମାଜ ହୋଇପାରିବ ନାହିଁ । ଗଏରିଲ୍ ମଗ୍‌ଜୁବେ ଆଲୈହିମ୍ । ଅର୍ଥାତ୍-ଏପରି ନହେଉ କି ଆମ୍ଭେ ମୁନଅମ୍ ଆଲୈହିମ୍ ହେବା ପରେ ମଗ୍‌ଜୁବେ ଆଲୈହିମ୍ ହୋଇଯିବା । ସୁତରାଂ ସର୍ବଦା ଖୁଦାତାଲାଙ୍କ ବେନିୟାଜି (ସର୍ବଶକ୍ତିମାନ ହେବାର ବିଶେଷ ଗୁଣ)କୁ ଭୟ କରିବା ଉଚିତ୍ ।

# ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

**୧୨୬ ତମ ନିଦର୍ଶନ –** ମୀର୍ ଅବାସ୍ ଅଲୀ ନାମକ ଜଣେ ବ୍ୟକ୍ତି ଲୁଧିଆନାରେ ଥିଲେ । ଯିଏ ବୟତ୍‌କାରୀଙ୍କ ମଧ୍ୟରେ ସାମିଲ୍ ଥିଲେ । କିଛି ବର୍ଷ ପର୍ଯ୍ୟନ୍ତ ସେ ନିଷ୍ଠାରେ ଏତେ ବଢ଼ିଗଲେ କି ତାଙ୍କର ଏପରି ଅବସ୍ଥା ଯୋଗୁ ଥରେ ତାଙ୍କ ଉପରେ ଏଲ୍‌ହାମ୍ ହେଲା *ଅସଲୁହା ସାବିତୁନ୍ ଓ୍ୱ ଫରଉହା ଫିସ୍ ସମାଏ* । ଏହି ଏଲ୍‌ହାମ୍‌ର ଅର୍ଥ କେବଳ ଏପରି ଥିଲା କି ସେ ସମୟରେ ସେ ଅତି ବିଶ୍ୱସନୀୟ ଥିଲା । ସେହି ସମୟରେ ସେ ଏପରି ବ୍ୟବହାର କରୁଥିଲେ ଯେପରି ତାଙ୍କ ପାଖରେ ମୋ ଚର୍ଚ୍ଚା କରିବା ବ୍ୟତୀତ ଆଉ କିଛି କାର୍ଯ୍ୟ ନଥିଲା । ମୋର ପ୍ରତ୍ୟେକ ଚିଠିକୁ ଅତ୍ୟନ୍ତ ମୁତବରିକ୍ (ପବିତ୍ର) ରୂପେ ଜାଣି ନିଜ ହାତରେ ତାକୁ ନକଲ କରୁଥିଲେ ଓ ଲୋକମାନଙ୍କୁ ଉପଦେଶ ଦେଉଥିଲେ । ଓ ଯଦି (ମୋର) ଖଣ୍ଡେ ଶୁଖିଲା ରୁଟି ଖଣ୍ଡକୁ ଖାଇବା ସ୍ଥାନରେ ପାଉଥିଲେ ତେବେ ତାକୁ ବିଭୁତି ଭାବି ଖାଇଯାଉଥିଲେ । ଓ ସର୍ବପ୍ରଥମେ ସେ ଲୁଧିଆନାରୁ କାଦିଆନ୍ ଆସିଥିଲେ । ଥରେ ମୋତେ ଖୁଦାଙ୍କ ତରଫରୁ ଦେଖାଇ ଦିଆଗଲା କି ଅବାସ ଅଲୀ ଠୋକର୍ ଖାଇବ ଓ ବିମୁଖ ହୋଇଯିବ । ସେ ମୋର ଏହି ଚିଠିକୁ ମଲ୍‌ଫୁଜାତ୍‌ରେ ଦରଜ କରିଦେଲା । ପରେ ଯେବେ ତାଙ୍କ ସହିତ ସାକ୍ଷାତ୍ ହେଲା ସେ ମୋତେ କହିଲେ କି ମୋ ବିଷୟରେ ଯେଉଁ କଶଫ୍ (ଦିବାସ୍ୱପ୍ନ) ହୋଇଛି, ସେଥିରେ ମୁଁ ଆଶ୍ଚର୍ଯ୍ୟଚକିତ କାରଣ ମୁଁ ତ ଆପଣଙ୍କ ପାଇଁ ଜୀବନ ଦେବାପାଇଁ ପ୍ରସ୍ତୁତ ଅଛି । ଏଥିରେ ମୁଁ ଉତର ଦେଲି କି ଯାହା ଆପଣଙ୍କ ଭାଗ୍ୟରେ ଥିବ ତାହା ପୂରଣ ହେବ । ଏହାପରେ ଯେବେ ସେ ସମୟ ଆସିଲା ଅର୍ଥାତ୍ ମୁଁ ମସିହ୍ ମଉଦ୍ ହେବାର ଦାବୀ କଲି । ସେତେବେଳେ ସେହି ଦାବୀ ଯୋଗୁଁ ସେ ଅସନ୍ତୁଷ୍ଟ ହେଲେ । ପ୍ରଥମତଃ ମନ ଭିତରେ ଗୋଳେଇ ଘାଂଟି ହେଲେ । ଏହାପରେ ସେହି ମୁବାହିସା ସମୟରେ, ଅର୍ଥାତ୍ ଯାହା ମୌଲବୀ ଅବୁସଇଦ୍ ମୁହମ୍ମଦ୍ ହୁସେନ୍ ସାହେବ୍‌ଙ୍କ ସହିତ ମୋ ତରଫରୁ ଲୁଧିଆନାରେ ହୋଇଥିଲା ଓ ସେହି ସମୟରେ କିଛି ଦିନ ତାଙ୍କୁ ବିରୋଧିମାନଙ୍କ ସଙ୍ଗତି ମିଳିଗଲା । ଫଳତଃ ଅଲ୍ଲାଃଙ୍କ ବାଣୀ ପ୍ରକାଶ ହୋଇଗଲା ଓ ସେ ସମ୍ପୂର୍ଣ୍ଣ ରୂପେ ପଥଭ୍ରଷ୍ଟ ହୋଇଗଲେ । ଓ ଏପରି ପଥଭ୍ରଷ୍ଟ ହେଲେ କି ଉକ୍ତ ବିଶ୍ୱାସ ଏବଂ ମୁଖ ମଣ୍ଡଳରେ ଥିବା ଉକ୍ତ ଜ୍ୟୋତି, ସବୁକିଛି ନିଃଶେଷ ହୋଇଗଲା । ଏବଂ (ଧର୍ମ) ପରିତ୍ୟାଗର ଅନ୍ଧକାର ସ୍ୱଷ୍ଟ ହୋଇଗଲା । ଓ ମୁରତଦ୍ (ଧର୍ମ ପରିତ୍ୟାଗକାରୀ) ହେବା ପରେ ଦିନେ ସେ ଲୁଧିଆନାରେ ପୀର୍ ଇଫ୍‌ତେଖାର୍ ଅହେମଦ୍ ସାହେବ୍‌ଙ୍କ ଘରେ ମତେ ମିଳିଲେ ଓ କହିଲେ କି ଆପଣ ଓ ମୋ ମଧ୍ୟରେ ଏପରି ମୁକାବିଲା ହୋଇପାରିବ କି ଗୋଟିଏ କୋଠରୀରେ ଆମ ଦୁଇଜଣଙ୍କୁ ବନ୍ଦ୍ କରିଦିଆଯିବ ଓ ଦଶଦିନ ପର୍ଯ୍ୟନ୍ତ ବନ୍ଦ୍ ରହିବା । ପୁଣି ଆମ ମଧ୍ୟରୁ ଯିଏ ମିଥ୍ୟାବାଦୀ ଥିବ ସେ ମରିଯିବ । ଏଥିରେ ମୁଁ କହିଲି ମୀର୍ ସାହେବ୍, ଏପରି ଶରୀୟତି ବିରୋଧ ପରୀକ୍ଷାର କଣ ଆବଶ୍ୟକ । କୌଣସି ନବୀ ଖୁଦାଙ୍କ ପରୀକ୍ଷା ନେଇନାହାଁନ୍ତି । କିନ୍ତୁ ମୋତେ ଓ ଆପଣଙ୍କୁ ଖୁଦା ଦେଖୁଛନ୍ତି । ଓ ସେ ନିଜେ ମିଥ୍ୟାବାଦୀକୁ ସତ୍ୟବାଦୀଙ୍କ ସମ୍ମୁଖରେ ନିଃଶେଷ କରିଦେବାର ଶକ୍ତି ରଖିଛନ୍ତି । ଖୁଦାଙ୍କ ନିଦର୍ଶନ ତ ବର୍ଷାପରି ବରଷୁଛି । ଯଦି ଆପଣ ସତ୍ୟାନୁରାଗୀ ତେବେ ମୋ ସହିତ କାଦିଆନ୍ ଚାଲନ୍ତୁ । ସେ ଏଥିରେ ଉତର ଦେଲେ କି ମୋ ସ୍ତ୍ରୀ ବେମାର ଅଛନ୍ତି ତେଣୁ ମୁଁ ଯାଇପାରିବି ନାହିଁ ଓ ବୋଧେ ସେ ଉତର ଦେଲେ କି କେଉଁଆଡେ ଯାଇଛନ୍ତି, ମନେ ରହିଲା ନାହିଁ । ମୁଁ କହିଲି କି ବର୍ତମାନ ଖୁଦାତାଲାଙ୍କ ନିଷ୍ପତିକୁ ଅପେକ୍ଷା କର । ପୁଣି ସେହିବର୍ଷ ସେ ମରିଗଲେ ଓ କୌଣସି କୋଠରୀରେ ବନ୍ଦ ହୋଇ ରହିବାର ଆବଶ୍ୟକ ହେଲାନାହିଁ । ସୁତରାଂ ଏହା ଭୟ କରିବାର ସ୍ଥାନ ଅଟେ କି (ଦେଖନ୍ତୁ) ପରିଶେଷରେ ଅବାସ୍ ଅଲୀଙ୍କର କଣ ଫଳ ହେଲା । ଓ ଏତେ ଉନ୍ନତି କରିବା ପରେ ଗୋଟିଏ କ୍ଷଣରେ ହିଁ ଅବନତିର ଗାଡ଼ ଭିତରେ ଯାଇ ପଡ଼ିଲା । ତାର ଅବସ୍ଥାରୁ ଏ ଶିକ୍ଷା ମିଳିଲା କି ଯଦି କୌଣସି ବ୍ୟକ୍ତି ସମ୍ବନ୍ଧରେ (ତା) ପ୍ରସନ୍ନତା ନିମନ୍ତେ ମଧ୍ୟ ଏଲ୍‌ହାମ୍ ହୋଇଥିବ ତେବେ ବେଳେବେଳେ ଏହି ପ୍ରସନ୍ନତା ମଧ୍ୟ କୌଣସି ବିଶେଷ ସମୟ ପର୍ଯ୍ୟନ୍ତ ହୋଇଥାଏ ।* ଅର୍ଥାତ୍ ଯେପର୍ଯ୍ୟନ୍ତ ଜଣେ ପ୍ରଶଂସନୀୟ କାର୍ଯ୍ୟ କରିଚାଲେ, ଯେପରିକି ଖୁଦାତାଲା ପବିତ୍ର କୁର୍‌ଆନ୍‌ରେ ଅମାନ୍ୟକାରୀଙ୍କ ଉପରେ ସ୍ଥାନେ ସ୍ଥାନେ ରୋଷ ପ୍ରକାଶ କରିଛନ୍ତି ଏବଂ ଯେତେବେଳେ ସେମାନଙ୍କ ମଧ୍ୟରୁ କେହି ମୋମିନ୍ (ବିଶ୍ୱାସକାରୀ)ହୋଇଯାଏ ତେବେ ସଙ୍ଗେ ସଙ୍ଗେ ସେହି ରୋଷ କରୁଣାରେ ପରିବର୍ତନ ହୋଇଯାଏ । ଏବଂ ସେହିପରି କେବେ କରୁଣା ମଧ୍ୟ ରୋଷରେ ପରିବର୍ତନ ହୋଇଯାଏ । ସେଥିଯୋଗୁ ହଦିସ୍ ଶରିଫ୍‌ରେ ଆସୁଛି କି ଜଣେ ବ୍ୟକ୍ତି ସ୍ୱର୍ଗୀୟ କାର୍ଯ୍ୟ ଗୁଡିକ କରିଚାଲେ ଏପରିକି ସ୍ୱର୍ଗ ଓ ତା ମଧ୍ୟରେ ଅନ୍ତର ଏକ ଚାଖଣ୍ଡର ବ୍ୟବଧାନ ରହିଯାଏ । କିନ୍ତୁ ବାସ୍ତବରେ ତା ଭାଗ୍ୟରେ ନର୍କଦଣ୍ଡ ଥାଏ । ତେଣୁ ପରିଶେଷରେ ତାହା ଦ୍ୱାରା ଏପରି କୌଣସି ପ୍ରଥା ବା କାର୍ଯ୍ୟ ହୋଇଥାଏ ଫଳତଃ ତାକୁ ନର୍କରେ ପକାଇ ଦିଆଯାଏ । ସେହିପରି ଜଣେ ବ୍ୟକ୍ତିଙ୍କ ଭାଗ୍ୟରେ ସ୍ୱର୍ଗ ସୁଖ ଥାଏ । କିନ୍ତୁ ସେ ନର୍କବାସୀଙ୍କ ପରି କାର୍ଯ୍ୟ କରିଚାଲେ ଏପରିକି ନର୍କ ଓ ତା ମଧ୍ୟରେ କେବଳ ଗୋଟିଏ ଚାଖଣ୍ଡ ବ୍ୟବଧାନ ରହିଯାଏ । ଓ ପରିଶେଷରେ ତା ଭାଗ୍ୟରେ ଏପରି ପରିବର୍ତନ ଘଟେ କି ସେ ପୁଣ୍ୟକର୍ମ କରିବା ଆରମ୍ଭ କରିଦିଏ ଓ ଏପରି ଅବସ୍ଥାରେ ତାର ମୃତ୍ୟୁ ହୋଇଯାଏ । ଫଳତଃ ସେ ସ୍ୱର୍ଗକୁ ଚାଲିଯାଏ । ଏହି ପେଶ୍‌ଗୋଇର ସତ୍ୟତାର ପ୍ରମାଣ ଏପରି ଅଟେ ଯାହାକୁ କୌଣସି ବିରୋଧି ଅସ୍ୱୀକାର କରିପାରିବ ନାହିଁ । ଅର୍ଥାତ୍ ମୀର୍ ଅବାସ୍ ଅଲୀଙ୍କ ଉକ୍ତ ପୁସ୍ତକ ଯେଉଁଥିରେ ସେ ନିଜ ହାତଦ୍ୱାରା ମୋର ଏହି ପେଶ୍‌ଗୋଇଟିକୁ ଲେଖିଅଛି(ଯାହା ପୁରଣ ହୋଇଯାଇଛି)ତାହା ଏପର୍ଯ୍ୟନ୍ତ ମହ୍‌ଜୁଦ୍ ଅଛି । ଓ ମୁଁ ତା ମୃତ୍ୟୁ ପରେ ତାକୁ ଥରେ ସ୍ୱପ୍ନରେ ଦେଖିଲି କି ସେ କଳା ବସ୍ତ୍ର ପରିଧାନ କରିଛି, ଯାହା ମୁଣ୍ଡରୁ ପାଦ ପର୍ଯ୍ୟନ୍ତ କଳା ଅଟେ ଓ ମୋଠାରୁ ପାଖାପାଖି ଶହେ ପାଦ ଦୂରତାରେ ଛିଡ଼ା ହୋଇଛି ଓ ମୋଠାରୁ ସାହାଯ୍ୟ ଆକାରରେ କିଛି ମାଗୁଅଛି । ମୁଁ ତାକୁ ଉତର ଦେଲି କି ବର୍ତମାନ ସମୟ ଚାଲିଯାଇଛି । ଏବେ ଆମ ଓ ତୁମ ମଧ୍ୟରେ ବହୁତ ଦୂରତା ଅଛି । ତୁମେ ମୋ ପର୍ଯ୍ୟନ୍ତ ପହଂଚି ପାରିବ ନାହିଁ ।

୧୨୭ ତମ ନିଦର୍ଶନ–ସହଜ୍‌ରାମ୍ ନାମକ ଜଣେ ବ୍ୟକ୍ତି ଅମୃତସରର କମିଶ୍‌ନାରୀରେ ସରିସ୍ତାଦାର୍ (ବିଭାଗ ଅଧିକାରୀ) ଥିଲେ । ଓ ସେ ପ୍ରଥମେ ଜିଲା ସିଆଲ୍‌କୋଟ୍‌ରେ ଡେପୁଟି କମିଶନର୍ ସାହେବଙ୍କ ସରିସ୍ତାଦାର୍ ଥିଲେ ଓ ମୋ ସହିତ ସର୍ବଦା ଧାର୍ମିକ ତର୍କ କରୁଥିଲା ଓ ଦୀନେ ଇସ୍‌ଲାମ୍ (ଇସ୍‌ଲାମ୍ ଧର୍ମ) ସମ୍ବନ୍ଧରେ ଏକ ପ୍ରକାର ଦ୍ୱେଷ ଭାବ ରଖୁଥିଲା । ସଂଯୋଗ ବଶତଃ ଏପରି ହେଲା କି ମୋର ଜଣେ ବଡ଼ଭାଇ ଥିଲେ ଯିଏ ତହ୍‌ସିଲ୍‌ଦାରୀର ପରୀକ୍ଷା ଦେଇଥିଲେ ଓ ପରୀକ୍ଷାରେ ପାସ୍ ହୋଇଯାଇଥିଲେ । ବର୍ତମାନ ଘରେ କାଦିଆନ୍‌ରେ ରହି ଚାକିରୀ କରିବାର ଆଶା ରଖିଥିଲେ । ଦିନେ ମୁଁ ଆମ ଚଉତରା ଉପରେ ବସି ଅସର୍ ସମୟରେ ପବିତ୍ର କୋରାନ୍ ପଢୁଥିଲି । ଯେବେ ମୁଁ ପବିତ୍ର କୋରାନ୍‌ର ଦ୍ୱିତୀୟ ପୃଷ୍ଠାଟି ଓଲଟାଇବା ପାଇଁ ଚାହିଁଲି ସେହି ଅବସ୍ଥାରେ ମୋ ଆଖି ଆଗରେ କଶ୍‌ଫ୍ (ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଦେଖିବା)ଜାରି ହୋଇଗଲା । ଏବଂ ମୁଁ ଦେଖିଲି କି ସହଜ୍‌ରାମ୍ କଳା ବସ୍ତ୍ର ପରିଧାନ କରିଛି ଓ ବିନୟପୂର୍ଣ୍ଣ ଢ଼ଙ୍ଗରେ ଦାନ୍ତ ବାହାର କରି ମୋ ସମ୍ମୁଖରେ ଛିଡ଼ା ହୋଇଛି ଯେପରି ଜଣେ କହୁଅଛି କି ମୋ ଉପରେ ଦୟା କରାଯାଉ । ମୁଁ ତାକୁ କହିଲି କି ଏବେ ଦୟା କରାଯିବାର ସମୟ ନାହିଁ । ତତ୍ ସହିତ ଖୁଦାତାଲା ମୋ ମନରେ ଏକଥା ପକାଇଦେଲେ କି ଏହି କ୍ଷଣି ସେ ବ୍ୟକ୍ତି ମରିଗଲା ବୋଲି । ଏବଂ (ମୋତେ ଏହି ବିଷୟରେ) କିଛି ଜଣା ନଥିଲା । ଏହାପରେ ମୁଁ ତଳକୁ ଓହ୍ଲାଇଲି ଓ ମୋ ଭାଇଙ୍କ ପାଖରେ ଛଅ ସାତଜଣ ଲୋକ ବସି ତାଙ୍କ ଚାକିରି ବାବଦରେ କଥାବାର୍ତା ହେଉଥିଲେ । ମୁଁ କହିଲି କି ଯଦି ପଣ୍ଡିତ୍ ସହଜ୍‌ରାମ୍ ମରିଯିବ ତ ସେହି ପଦବୀ (ପୋଷ୍ଟ୍) ମଧ୍ୟ ଭଲ ହେବ । ସେମାନେ ସମସ୍ତେ ମୋର ଏହି କଥାକୁ ଶୁଣି ଠୋ ଠୋ କରି ହସିଲେ । (ଓ କହିଲେ) କଣ ଭଲ ମଣିଷଟାକୁ ମାରୁଛ । ଦ୍ୱିତୀୟ ବା ତୃତୀୟ ଦିନ ଖବର ମିଳିଲା କି ସେହି ସମୟରେ ସହଜ୍‌ରାମ୍ ଅଚାନକ ମୃତ୍ୟୁର କବଳିତ ହୋଇ ଏ ସଂସାର ଛାଡ଼ି ଚାଲିଯାଇଛି ।

---

*ତେଣୁ ସବୁବେଳେ ନମାଜରେ ଏହି ଦୁଆଟିକୁ ପଢ଼ିବା ପାଇଁ ଖୁଦାତାଲା ଶିଖାଇଛନ୍ତି (ଓ ଧାର୍ଯ୍ୟ କରିଦେଇଛନ୍ତି କି ଏହାକୁ ବାଦ୍‌ଦେଲେ ନମାଜ ସମ୍ପୂର୍ଣ୍ଣ ହେବ ନାହିଁ) ଅର୍ଥାତ୍ *ଗଏରିଲ୍ ମଗ୍‌ଯୁବେ ଆଲୈହିମ୍* ଅର୍ଥାତ୍ ଏପରି ନହେଉ କି ଆମ୍ଭେ *ମୁନ୍‌ଅମ୍ ଆଲୈହେ* ହେବା ପରେ *ମଗ୍‌ଯୁବେ ଆଲୈହିମ୍* ହୋଇଯିବା । ସୁତରାଂ ସର୍ବଦା ଖୁଦାତାଲାଙ୍କ ବେନିୟାଜି (ସର୍ବଶକ୍ତିମାନ ହେବାର ବିଶେଷ ଗୁଣ) କୁ ଭୟ କରିବା ଉଚିତ୍ ।

*(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୩୦୭)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ଆଉ ଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ଇସ୍‌ଲାମ୍‌ରେ ୭୩ ଟି ଫିର୍‌କା କାହିଁକି ରହିଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏତେ ସଂଖ୍ୟକ ଫିର୍‌କା ଅନ୍ୟ ଧର୍ମରେ ମଧ୍ୟ ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ ଏତେ ସଂଖ୍ୟକ ଫିର୍‌କା ମୁସଲ୍‌ମାନ୍‌ଙ୍କ ମଧ୍ୟରେ ହୋଇଯିବେ ଓ ସେମାନଙ୍କ ମଧ୍ୟରେ ଏକତା ରହିବ ନାହିଁ । ଏବଂ ଯେଉଁ ଫିର୍‌କାଟି ୭୩ତମ ହେବ ତାହା ଠିକ୍ ରାସ୍ତାରେ ଥିବ ଓ ଏହି ଫିର୍‌କାଟି ସେ ସମୟରେ ଉଭା ହେବ ଯେବେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଆସିବେ ତେବେ ଏହା ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ । ବର୍ତମାନ ସୁନ୍ନିମାନଙ୍କ ଭିତରେ ତିରିଶି ପଂଚତିରିଶିଟି ଫିର୍‌କା ରହିଛି । ସିହା ମାନଙ୍କ ଭିତରେ ଚଉତିରିଶି ପଂଚତିରିଶିଟି ଫିର୍‌କା ରହିଛି । ମୂଳ ଫିର୍‌କା କେବଳ ଦୁଇଟି ଅଛି । ଗୋଟିଏ ସୁନ୍ନି ଓ ଆଉ ଗୋଟିଏ ସିହା । ପୁଣି ଆଗକୁ ଏହି ଦୁଇଟିରୁ ଶାଖା ଫିର୍‌କାମାନ ବାହାରିଛନ୍ତି । ତେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ଭବିଷ୍ୟବାଣୀଟି ପୁରା ହେଲା । ଅର୍ଥାତ୍ ଶେଷ ଯୁଗରେ ଏତେ ସଂଖ୍ୟକ ଫିର୍‌କା ହୋଇଯିବେ । ଏହାର ଅର୍ଥ ଏପରି ଥିଲା କି ଇସ୍‌ଲାମ୍‌ରେ ବିଭେଦ ସୃଷ୍ଟି ହୋଇଯିବ । ଲୋକମାନେ ଏକ ହୋଇ ରହିବେ ନାହିଁ । ସେମାନଙ୍କ ଭିତରେ ଏକତା ରହିବ ନାହିଁ । ତେବେ ସେ ସମୟରେ ଇମାମ୍ ମେହେଦୀ ଆ:ସ ଙ୍କ ପ୍ରକଟ ହେବ ।

ଆଉ ଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ଅହେମଦୀମାନେ ହଜ୍ କାହିଁକି କରିପାରୁନାହାଁନ୍ତି ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ଏବେ କହିସାରିଛି କି ଅହେମଦୀ ହଜ୍ କରୁଛନ୍ତି ଓ ହଜ୍ ପାଇଁ ଯାଉଛନ୍ତି ମଧ୍ୟ । କିନ୍ତୁ ହଜ୍ ପାଇଁ କିଛି ସର୍ତ ରହିଛି । ଯାତ୍ରା ପାଇଁ ଖର୍ଚ୍ଚ, ଯାତ୍ରାରେ ସୁବିଧା ରହିଥିବ, ସ୍ୱାସ୍ଥ୍ୟ ଠିକ୍ ଥିବ, ରାସ୍ତାରେ କୌଣସି ବିପଦ ନଥିବ, ତୁମମାନଙ୍କୁ ହଜ୍ କରିବା ପାଇଁ କୌଣସି ପ୍ରତିବନ୍ଧକ ମଧ୍ୟ ନଥିବ । ତେବେ ଏହା ସବୁ ହେଉଛି ହଜ୍ କରିବା ପାଇଁ ସର୍ତ । ବର୍ତମାନ ଅହେମଦୀଙ୍କୁ ପ୍ରକାଶ୍ୟରେ ହଜ୍ କରିବା ପାଇଁ ରୋକାଯାଉଛି । ତେଣୁ ଅହେମଦୀମାନେ ଖୋଲା ଖୋଲି ଭାବେ ନିଜର ପରିଚୟ ଦେଇ ଅର୍ଥାତ୍ ଆମେ ହେଉଛି ଅହେମଦୀ, ଏହା କହି ହଜ୍ କରୁନାହାଁନ୍ତି । କାରଣ ସାଉଦୀଆରବ୍ ସରକାର ପୁଣି ଅଙ୍କୁଶ ଲଗାଇ ଦେଉଛି କିନ୍ତୁ ଏହିସବୁ ଅସୁବିଧା ଥାଇ ମଧ୍ୟ ଅହେମଦୀ ହଜ୍ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ମଧ୍ୟ ହଜ୍ କରିଥିଲେ । ବହୁତ ଅହେମଦୀ ହଜ୍ କରୁଛନ୍ତି । ପ୍ରତ୍ୟେକ ବର୍ଷ ଅନେକ ଲୋକେ ହଜ୍ କରିବା ପାଇଁ ଯାଉଛନ୍ତି । ସରକାରଙ୍କ ତରଫରୁ ପ୍ରତିବନ୍ଧକ ଥିବା ଯୋଗୁ ସେମାନେ ନିଜକୁ ଲୁଚାଇ ହଜ୍ କରୁଛନ୍ତି ।

ପୁଣି ଗୋଟିଏ ପିଲା ପ୍ରଶ୍ନ ପଚାରିଲା ଯେ ଆମେ ଆମ ସାଙ୍ଗସାଥିମାନଙ୍କୁ କିପରି ତବ୍‌ଲିଗ୍ କରିପାରିବୁ ? ଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଜ ସାଙ୍ଗସାଥିମାନଙ୍କୁ ନିଜର ଉତମ ଚରିତ୍ର ଦେଖାଓ । ସେମାନେ ଏହା ଜାଣନ୍ତୁ ଯେ ଆମ୍ଭେ ହେଉଛି ଅହେମଦୀ ମୁସଲ୍‌ମାନ୍ । ଖୁଦାଙ୍କୁ ଏକ୍ ବୋଲି ଜାଣୁଛୁ । ପବିତ୍ର କୋରନ୍‌କୁ ମାନୁଛୁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣୁଛୁ । ଅହେମଦୀ ଧର୍ମର ଲୋକେ ତୁମମାନଙ୍କୁ ଭଲ କଥା ଶିଖାଉଛନ୍ତି । ତୁମକୁ ଏହି ଭଲ କଥା ଗୁଡିକ ପବିତ୍ର କୋରାନ୍ ଶିଖାଇଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଶିଖାଇଛନ୍ତି । ଯେବେ ତୁମେ ଅନ୍ୟମାନଙ୍କୁ ଭଲକଥା ବତାଇବ ଏବଂ ସେମାନଙ୍କୁ ଭଲ କଥା ଶିଖାଇବ ଓ ନିଜେ ଉଦାହରଣ ସାଜିବ ତେବେ ଲୋକମାନଙ୍କର ଧ୍ୟାନ ତୁମ ପ୍ରତି ଆକର୍ଷଣ ହେବ । ସେମାନେ ତୁମ କଥାକୁ ଶୁଣିବେ ଓ ତୁମ କଥାକୁ ମଧ୍ୟ ମାନିବେ । ତେଣୁ ନିଜକୁ ଭଲ କରି ଦେଖାଓ । ତେବେ ଯାଇ ଲୋକମାନେ ଆପଣମାନଙ୍କ ଆଡକୁ ଆସିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଅତ୍‌ଫାଲ୍‌ମାନଙ୍କ ଏହି କ୍ଲାସ୍ ୭:୪୦ ରେ ଶେଷ ହେଲା ।

କ୍ରମଶଃ...

(ବହଓ୍ୱାଲା ଅଖ୍‌ବାର୍ ବଦର୍, ୨ଜୁନ୍ ୨୦୧୬)

---

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

*ପୃଷ୍ଠା- ୬ ର ଅବଶିଷ୍ଟାଂଶ.......*

କୁହନ୍ତି ମୁଁ ଦ୍ୱିତୀୟ ଖଲିଫାଙ୍କ ଗୋଟିଏ ପରେ ଗୋଟିଏ କିଛି ତଫସିର୍ କବିର ଖଣ୍ଡ ଉକ୍ତ ବିଶ୍ୱବିଦ୍ୟାଳୟ ଫରାସି ବିଭାଗର ଅଧକ୍ଷ ତଥା ପୂର୍ବତନ ଅଧ୍ୟାପକ ଅବଦୁଲ୍ ମନାନ ବେଦିଲ୍‌ଙ୍କୁ ଅଧ୍ୟୟନ କରିବାକୁ ପ୍ରଦାନ କଲି । ସେ ତାହା ପାଠ କରି ଏଭଳି ପ୍ରଭାବିତ ହେଲେ ଯେ, ସେ ତାହାକୁ ଶମସୁଲ୍ ହୁଦା ଆରବୀ ବିଭାଗ ପାଟନା ବିଶ୍ୱବିଦ୍ୟାଳୟର ଶେଖ୍‌ଙ୍କୁ ପଢ଼ିବା ପାଇଁ ଦେଲେ ଏବଂ ଏକଦା ସେ ଅନେକ ଶେଖ୍‌ଙ୍କୁ ଡ଼ାକି ସେମାନଙ୍କ ଠାରୁ (ଏଥିସମ୍ବନ୍ଧରେ) ମତାମତ ପଚାରି ବୁଝିଲେ । ଜଣେ କହିଲେ ଫାରସି ତଫସିରମାନଙ୍କ ମଧ୍ୟରେ ଏଭଳି ତଫସିର୍ ମିଳୁନାହିଁ । ଅଧ୍ୟାପକ ଅବଦୁଲ୍ ମନ୍ନାନ ସାହେବ ପଚାରିଲେ ଆରବୀ ତଫସିର୍ ସମ୍ବନ୍ଧରେ କ'ଣ ମତ ରହିଛି ? ସମସ୍ତେ ନିରବ ରହିଲେ କିଛି କ୍ଷଣ ପରେ ସେମାନଙ୍କ ମଧ୍ୟରୁ ଜଣେ କହିଲେ ପାଟଣାରେ ସମସ୍ତ (ପ୍ରକାରର) ତଫସିର୍ ମିଳିବା ସମ୍ଭବ ନୁହେଁ । ମିଶର ଓ ସିରିୟାର ସମସ୍ତ ତଫସିର୍ ଅଧ୍ୟୟନ କରିବା ପରେ ସଠିକ୍ ମତ ପ୍ରକାଶ କରାଯାଇ ପାରିବ । ଅଧ୍ୟାପକ ଅବଦୁଲ୍ ମନ୍ନାନ ପୁରାତନ ମୁଫସିର୍ (ବ୍ୟାଖ୍ୟାକାରୀ)ଙ୍କ ଚର୍ଚ୍ଚା କରିବା ଆରମ୍ଭ କରିଦେଲେ ଏବଂ କହିଲେ ମିର୍ଜା ମହେମୁଦ୍‌ଙ୍କ ସ୍ତରର କୌଣସି ଗୋଟିଏ ହେଲେ ମଧ୍ୟ ତଫସିର୍ କୌଣସି ଭାଷାରେ ମିଳୁନାହିଁ । ଆପଣମାନେ ମିଶର ଓ ସିରିୟାର ନୂତନ ତଫସିର୍ ମଧ୍ୟ ମଗାଇ ଦେଖିନିଅନ୍ତୁ ଓ କିଛି ମାସପରେ ମୋ ସହିତ ଆଲୋଚନା କରନ୍ତୁ । ଆରବୀ ଓ ଫାରସିର ବିଦ୍ୱାନମାନେ ଏଥିରେ ନିରବ ହୋଇଗଲେ" । (ଉଦ୍ଧୃତ ତାରିଖେ ଅହେମଦୀୟତ୍ ଖଣ୍ଡ-୯, ପୃଷ୍ଠା-୧୫୮-୧୫୯, ମୁଦ୍ରଣ କାଦିଆନ୍ ୨୦୦୭ ମସିହା)

କୁରୈଶି ଅବ୍‌ଦୁର୍ ରହେମାନ୍ ସାହେବ୍ ସିଖର୍ ହଜୁର୍‌ଙ୍କର ଜାଦୁକାରୀ ବୁଦ୍ଧିମତାର ବ୍ୟକ୍ତିତ୍ୱ ବିଷୟରେ ଚର୍ଚ୍ଚା କରି କହୁଛନ୍ତି କି ହଜୁର୍‌ଙ୍କ ଶିଖରରେ ରହିବା ସମୟରେ ସବୁ ବନ୍ଧୁମାନେ ନିଜ ନିଜର ଅଣ ଜମାତୀୟ ସାଙ୍ଗସାଥିମାନଙ୍କୁ ସାକ୍ଷାତ୍ କରାଇବା ପାଇଁ ଡାକି ଆଣୁଥିଲେ । ମୁଁ ମଧ୍ୟ ଜଣେ ବନ୍ଧୁଙ୍କୁ, ଯିଏ ଅଧିକାଂଶ ସମୟ ନିଜ ଜ୍ଞାନର ଡିଣ୍ଡିମ ପିଟୁଥିଲେ, ସାକ୍ଷାତ୍ କରାଇବା ପାଇଁ ଡାକି ଆଣିଲି । ହଜୁର୍ ସେତେବେଳେ ମଜ୍‌ଲିସ୍‌ରେ ବସିଥିଲେ । ଲୋକମାନେ ପ୍ରଶ୍ନ ପଚାରୁଥିଲେ । ହଜୁର୍ ଏହାର ଉତର ମଧ୍ୟ ଦେଉଥିଲେ । କିନ୍ତୁ ସେହି ବ୍ୟକ୍ତି ଜଣକ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ଚୁପ୍ ରହିଲେ । ଯେତେବେଳେ ମଜ୍‌ଲିସ୍ ବରଖାସ୍ତ ହେଲା ସେତେବେଳେ ମୁଁ ତାଙ୍କୁ ପଚାରିଲି କି ଆପଣ କୌଣସି ପ୍ରଶ୍ନ ପଚାରିଲେ ନାହିଁ । ସେ ଉତରରେ ସଙ୍ଗେ ସଙ୍ଗେ କହିଲେ କି ଏଠାରେ କଥା କହିବା ଏପରି, ଯେପରି ନିଜର ଆବରଣକୁ ଖୋଲିଦେବା । ସେ ଜଣେ ଭୀଷଣ ବିରୋଧି ଥିଲେ କିନ୍ତୁ ହଜୁର୍‌ଙ୍କ କଥା ଗୁଡିକ ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ସେ କହିଲା କି ମୁଁ ତ ଏହା ଭାବୁଛି କି ମୁଁ ଏଠାରୁ ନିଜର ଇମାନ୍‌କୁ ସୁରକ୍ଷିତ ନେଇ ଚାଲିଯିବି ତ ବହୁତ ବଡ଼ କଥା ହେବ" । ପ୍ରଶ୍ନ କରିବା ତ ଦୂରର କଥା । (ଉଦ୍ଧୃତ ସ୍ୱାନେହ୍ ଫଜ୍‌ଲେ ଉମର, ଖଣ୍ଡ-୫, ପୃଷ୍ଠା-୫୫୩)

ଏକ ସାପ୍ତାହିକ ଖବରକାଗଜ "ପାରସ" ର ସମ୍ପାଦକ ଲାଲା କରମଚନ୍ଦ୍ କିଛି ଖବରକାଗଜ ଲେଖକମାନଙ୍କ ସହିତ କାଦିଆନ ଆସିଲେ ଏବଂ ଦ୍ୱିତୀୟ ଖଲିଫାଙ୍କ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇ ଫେରିଲେ ଏବଂ ନିଜ ଖବରକାଗଜରେ ଏଥିସମ୍ବନ୍ଧରେ ସନ୍ଧର୍ଭ ମଧ୍ୟ ଛାପିଲେ । ସେମାନଙ୍କର କହିବା ଥିଲା କି ଆମେ ତ ଜଫରୁଲ୍ଲାଃ ଖାଁଙ୍କୁ ବଡ଼ ମଣୁଥିଲୁ କିନ୍ତୁ ବଶିରୁଦ୍ଦିନ ମହେମୁଦ୍ ଅହେମଦଙ୍କ ନିକଟରେ ସେ ଜଣେ ସ୍କୁଲ ଛାତ୍ର ପରି ଅଟନ୍ତି । ଦ୍ୱିତୀୟ ଖଲିଫା ସମସ୍ତ ମାମଲାରେ ଜଫରୁଲ୍ଲାଃ ଖାଁଙ୍କଠାରୁ ଉତମ ରାଏ ରଖୁଛନ୍ତି ଏବଂ ସୁଦୃଢ ପ୍ରମାଣ ଉପସ୍ଥାପନକାରୀ ଅଟନ୍ତି । ସେ ବ୍ୟବସ୍ଥା ମୂଳକ କାର୍ଯ୍ୟରେ ଅତ୍ୟନ୍ତ ଦକ୍ଷ ଅଟନ୍ତି, ଏଭଳି ବ୍ୟକ୍ତିତ୍ୱ ଅତି ସହଜରେ କୌଣସି ଦେଶକୁ (ଉନ୍ନତିର) ସର୍ବୋଚ୍ଚ ସ୍ତରରେ ପହଂଚାଇପାରିବେ । (ଉଦ୍ଧୃତ ସ୍ୱାନେହ୍ ଫଜ୍‌ଲେ ଉମର, ଖଣ୍ଡ-୫, ପୃଷ୍ଠା-୫୫୮)

ଜଣେ ଜ୍ଞାନବନ୍ତ ବନ୍ଧୁ କାଦିଆନର ଜଲସାରେ ଯୋଗଦେଲେ ତାପରେ ସେ ହଜରତ ମୁସଲେହ ମଉଦ ଓ ଆପଣଙ୍କ ମାନ୍ୟକାରୀଙ୍କ ସମ୍ବନ୍ଧରେ ନିଜ ମତ ପ୍ରକାଶ କରି କହିଲେ- "ମୁଁ ଏକ ଜରୁରୀ କଥା ସେମାନଙ୍କ ମଧ୍ୟରେ ଦେଖିଲି କି ସମସ୍ତ ଉପସ୍ଥିତବୃନ୍ଦ ଓ ସମ୍ପୂର୍ଣ୍ଣ ବ୍ୟବସ୍ଥା ଜଣେ ଖଲିଫାଙ୍କ ଛୋଟ ଆଙ୍ଗୁଳିର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲା । ଇମାମ ଜମାଅତଙ୍କ ସମ୍ପର୍କରେ ମୁଁ ଏହି ପରିଣତିରେ ଉପନୀତ ହୋଇଅଛି କି ଉକ୍ତ ବ୍ୟକ୍ତି ଜଣକ କଲମର ଧନୀ ଓ ବକ୍ତୃତାରେ ସର୍ବଶ୍ରେଷ୍ଠ ସ୍ତରର ଅଧିକାରୀ ତଥା ବ୍ୟବସ୍ଥା ମୂଳକ କାର୍ଯ୍ୟର ଗଭର୍ଣ୍ଣର୍ ମଧ୍ୟ ଅଟନ୍ତି । (ଉଦ୍ଧୃତ ସ୍ୱାନେହ୍ ଫଜ୍‌ଲେ ଉମର, ଖଣ୍ଡ-୫, ପୃଷ୍ଠା-୫୩୩)

ଅଲ୍ଲାମା ନିୟାଜ୍ ଫତେପୁରୀ ସାହେବ୍ ତଫସିର୍ କବିର୍‌ର ତୃତୀୟ ଖଣ୍ଡକୁ ପଢ଼ିବା ପରେ ଲେଖୁଛନ୍ତି କି ତଫ୍‌ସିର୍ କବୀର୍ ତୃତୀୟ ଖଣ୍ଡଟି ଆଜିକାଲି ମୋ ସମ୍ମୁଖରେ ଅଛି ଏବଂ ମୁଁ ଏହାକୁ ଅତ୍ୟନ୍ତ ତିକ୍ଷ୍ଣ ଦୃଷ୍ଟିରେ ଦେଖୁଅଛି । ଏଥିରେ କୌଣସି ସଙ୍କା ନାହିଁ କି ପବିତ୍ର କୋରାନ୍‌ର ଅଧ୍ୟୟନକୁ ଗୋଟିଏ ସମ୍ପୂର୍ଣ୍ଣ ନୁଆ ଦିଗ ନୁଆ ଚିନ୍ତା ଆପଣ ପ୍ରଦାନ କରିଛନ୍ତି ଓ ଏହି ତଫ୍‌ସିର୍ ନିଜ ଶୈଳୀରେ ସମ୍ପୂର୍ଣ୍ଣ ରୂପେ ପ୍ରଥମ ତଫ୍‌ସିର୍ ଅଟେ ଯେଉଁଥିରେ ଜ୍ଞାନ ଓ ଉଦ୍ଧୃତକୁ ଅତ୍ୟନ୍ତ ସୁନ୍ଦର ରୂପେ ସଂଗୃହୀତ କରାଯାଇଛି । ଆପଣ ର:ଅଙ୍କ ଜ୍ଞାନର ତଜୁର୍ବା, ଆପଣଙ୍କ ଗଭୀର ଦୃଷ୍ଟିକୋଣ, ଆପଣଙ୍କ ଅସାଧାରଣ ଅନୁଶୀଳନ ଓ ବୁଦ୍ଧିମତା ଓ ଆପଣଙ୍କର ସୁନ୍ଦର ପ୍ରାମାଣିକତା ଗୁଡିକ ଗୋଟିଏ ଗୋଟିଏ ଶବ୍ଦରେ ବାରି ହୋଇ ପଡୁଛି ଏବଂ ମୋତେ ଦୁଃଖ ଲାଗୁଛି କି ମୁଁ କାହିଁକି ଏପର୍ଯ୍ୟନ୍ତ ଏ ବିଷୟରେ ଜାଣିପାରିଲି ନାହିଁ । କାଳେ ମଁ ଏହି ତଫ୍‌ସିର୍‌ର ସମସ୍ତ ଖଣ୍ଡଗୁଡିକୁ ଦେଖିପାରିଥାଆନ୍ତି । କାଲି ସୁରାହୁଦ୍‌ର ତଫ୍‌ସିର୍ (ବ୍ୟାଖ୍ୟା) ହଜ୍‌ରତ୍ ଲୁତ୍ ଆ:ସଙ୍କ ବିଷୟରେ ଆପଣଙ୍କର ଭାବନାକୁ ଜାଣି ମନରେ ଉଦ୍‌ବେଳନ ହେଲା ଏବଂ ମୁଁ ଏହାକୁ ଲେଖିବା ପାଇଁ ବାଧ୍ୟ ହୋଇଗଲି । ଆପଣ *ହା ଉଲାଏ ବନାତି* ବ୍ୟାଖ୍ୟା କରି ତଥାକଥିତ ବ୍ୟାଖ୍ୟାକାରୀଙ୍କ ଠାରୁ ଭିନ୍ନ ତର୍କର ଯେଉଁ ପାର୍ଶ୍ୱକୁ ଗ୍ରହଣ କରିଛନ୍ତି, ଏହାକୁ ସମ୍ମାନ ଜଣାଇବା ମୋ କର୍ତବ୍ୟ ଅଟେ । ଖୁଦା ଆପଣଙ୍କ ଉପରେ ଅଧିକ ସମୟ ପର୍ଯ୍ୟନ୍ତ ତାର ଆଶିର୍ବାଦ ପ୍ରଦାନ କରନ୍ତୁ । (ଉଦୃତ ତଫ୍‌ସିର୍ କବିର୍, ଖଣ୍ଡ-୭, ପରିଚୟ)

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଆପଣା ଓ ପରଙ୍କର ହଜରତ ମୁସଲେହ୍ ମଉଦଙ୍କ ସମ୍ବନ୍ଧରେ ଉପରେ ମତାମତ ରହିଛି । ଏସବୁ (ହଜରତ ମସିହ ମଉଦ ଆ.ସଙ୍କ) ଭବିଷ୍ୟବାଣୀର ଜ୍ୱଳନ୍ତ ପ୍ରମାଣ ଅଟେ । ହଜୁର ଅନଓ୍ୱର ଅ.ବ କହିଲେ ଆଜିକାଲି (ଜମାଅତମାନଙ୍କରେ ୟୋମେ ମୁସଲେହ୍ ମଉଦ୍‌ର) ଯେଉଁ ଜଲସା କରାଯାଉଅଛି ସେଥିରେ ଭବିଷ୍ୟବାଣୀର ଚର୍ଚ୍ଚା ଓ ଆପଣଙ୍କ ଉତମ କାର୍ଯ୍ୟ ଶୁଣିବା ପରେ ଯେଉଁସ୍ଥଳେ ଆମେ ହଜୁର ର.ଅଙ୍କ (ବୈକୁଣ୍ଠରେ) ସ୍ତର ଅଭିବୃଦ୍ଧି ନିମନ୍ତେ ଦୁଆ କରିବା ସେଠାରେ ନିଜର ଆତ୍ମମନ୍ଥନ ମଧ୍ୟ କରିବା କି ଅହେମଦିୟତ୍‌ର ଉନ୍ନତି ନିମନ୍ତେ ପ୍ରତ୍ୟେକ ସଦସ୍ୟ ଦୃଢ ସଂଙ୍କଳ୍ପର ସହିତ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ଆବଶ୍ୟକ । ଯଦି ଆମେ ଏପରି କରିବା ତେବେ ଆମେ ଅହେମଦିୟତ୍‌ର ଉନ୍ନତି ନିଜ ଜୀବନରେ ପୂର୍ବ ଅପେକ୍ଷା ଅଧିକ ପୂରଣ ହେବାର ଦେଖିପାରିବା । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

# ଖୁତ୍‌ବା ଜୁମା

ଜଣେ ମୋମିନ୍, ଯିଏ ଏ ଦାବି କରିଥାଏ ଯେ ମୁଁ ଖୁଦାତାଲାଙ୍କ ଉପରେ ବିଶ୍ୱାସ ରଖୁଛି ବୋଲି ତାକୁ ଅଲ୍ଲାଃତାଲାଙ୍କର ଏହି ନିର୍ଦ୍ଦେଶ ଉପରେ ଦୃଷ୍ଟି ରଖିବାକୁ ହେବ କି ଅଲ୍ଲାଃତାଲା ଆମକୁ ତାର ଉପାସନା ନିମନ୍ତେ ହିଁ ସୃଷ୍ଟି କରିଛନ୍ତି । ପୁଣି ଅଲ୍ଲାଃତାଲା ଆମକୁ ଉପାସନାର ଶୈଳୀ ମଧ୍ୟ ଶିଖାଇଛନ୍ତି । ଅର୍ଥାତ୍ କେଉଁ ଶୈଳୀରେ ଏହା କରାଯିବ ଓ ପ୍ରାର୍ଥନା କରିବା ପାଇଁ ଶବ୍ଦ ମଧ୍ୟ ଶିଖାଇଛନ୍ତି ଯାହାକୁ ଆମେ ଜିକର୍ ମଧ୍ୟ କହିଥାଉ । ନମାଜରେ ଏହି ଦୁଇଟି କଥା ବିଦ୍ୟମାନ୍ ଅର୍ଥାତ୍ ପ୍ରକାଶ୍ୟରେ ଆଚରଣ କରିବା ଓ ଜିକର୍ ଅର୍ଥାତ୍ ପ୍ରାର୍ଥନା ମଧ୍ୟ କରିବା । କିନ୍ତୁ ନମାଜ ବ୍ୟତୀତ ଆହୁରି ମଧ୍ୟ ଜିକର୍ ଓ ଦୁଆ ଦ୍ୱାରା ଅଲ୍ଲାଃତାଲାଙ୍କୁ ମନେ ପକାଇବା ଜଣେ ମୋମିନ୍‌ଙ୍କର କର୍ତବ୍ୟ ଅଟେ ।

ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ବହୁତ ଗୁଡିଏ ପ୍ରାର୍ଥନା ବିଭିନ୍ନ ଅବତାରମାନଙ୍କ ଜରିଆରେ ବତାଇଛନ୍ତି ଯାହାକୁ ଆମେ ନମାଜ୍‌ରେ ପଢ଼ିପାରିବା ଓ ଯିବା ଆସିବା କରିବା ସମୟରେ ଜିକର୍ ରୂପେ ମଧ୍ୟ ପଢୁଅଛେ ଓ ପଢ଼ିପାରିବା ।

ଆଜି ମୁଁ ଗୋଟିଏ ଜିକର୍ ସମ୍ବନ୍ଧରେ ବତାଇବାକୁ ଚାହୁଁଛି ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କର ମଧ୍ୟ ସୁନ୍ନତ୍ ଅଟେ ଓ ଖୁଦାତାଲାଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥନା ମଧ୍ୟ ଅଟେ । ଏବଂ ଯାହାର ଅର୍ଥଗୁଡିକ ଉପରେ ଧ୍ୟାନ ଦେଇ ପଢ଼ିବା ଦ୍ୱାରା ଯେଉଁଠି ମନୁଷ୍ୟ ଅଲ୍ଲାଃତାଲାଙ୍କ ଏକଶ୍ୱରବାଦ ଓ ଅର୍ଥାତ୍ ସେ ଏକ ଓ ଅଦ୍ୱିତୀୟ ବୋଲି ଜ୍ଞାନ ମିଳିଥାଏ ସେଠାରେ ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟ ଭିତରେ ସେ ଶରଣ ମଧ୍ୟ ପାଇଥାଏ । ଏବଂ ପ୍ରତ୍ୟେକ ପ୍ରକାରର କୁପ୍ରଭାବରୁ ସୁରକ୍ଷିତ ରହିଥାଏ ।

ଆଁ ହଜ୍‌ରତ୍ ସ:ଆ:ସ ନା କେବଳ ନିଜେ ଏହାକୁ ନିୟମିତ ରାତିରେ ଶୋଇବା ପୂର୍ବରୁ ପଢୁଥିଲେ ବରଂ ସାହାବାମାନଙ୍କୁ ମଧ୍ୟ ପଢ଼ିବା ପାଇଁ ଉପଦେଶ ଦେଉଥିଲେ ଏବଂ ଅନେକ ସ୍ଥାନରେ ଏହି ଦୁଆ ଓ ଏହି ଆୟତ ଗୁଡିକର ଗୁରୁତ୍ୱକୁ ବର୍ଣ୍ଣନା କରିଛନ୍ତି । ଏବଂ ଏହାର ଲାଭ ସମ୍ପର୍କରେ ମଧ୍ୟ ବୁଝାଇଛନ୍ତି ।

ଆହାଦିସ୍ ନବୱିୟାଃ ପ୍ରସଙ୍ଗରେ ଆୟତୁଲ୍ କୁରସି, ସୁରା ଏଖ୍‌ଲାସ୍, ସୁରା ଫଲକ୍ ଓ ସୁରା ନାସ୍ ପଢ଼ିବାର ଶ୍ରେଷ୍ଠତା ପ୍ରାଧାନ୍ୟତାର ବର୍ଣ୍ଣନା ଏବଂ ସୁନ୍ନତେ ନବୱି ସ:ଆ:ସଙ୍କ ଆଲୋକରେ ଉକ୍ତ ଦୁଆଗୁଡ଼ିକୁ ନିୟମିତ ପଢ଼ିବା ପାଇଁ ନିର୍ଦ୍ଦେଶ ।

ଯେଉଁ କାର୍ଯ୍ୟକୁ ଆପଣ ସ:ଆ:ସ ନିୟମିତ ଜାରି ରଖିଛନ୍ତି ବା ନିୟମିତ କରିଛନ୍ତି ସେଗୁଡିକ ଆପଣଙ୍କର ସୁନ୍ନତ୍ ଅଟେ । ତେଣୁ ସେହି କାର୍ଯ୍ୟକୁ ପ୍ରତ୍ୟେକ ମୁସଲମାନଙ୍କ ନିମନ୍ତେ କରିବା ଧାର୍ଯ୍ୟ ଅଟେ । ଏବଂ ଆମେ ଅହେମଦୀମାନେ, ଯାହାକୁ ଏ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତ୍ୟେକ ସୁନ୍ନତ୍ ଉପରେ ପରିଚାଳିତ ହେବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମାର୍ଗଦର୍ଶନ କରାଇଛନ୍ତି, ଆମକୁ ତା ଉପରେ ପରିଚାଳିତ ହେବାପାଇଁ ବିଶେଷ ଚେଷ୍ଟା କରିବା ଆବଶ୍ୟକ । ଏବଂ ବିଶେଷ ରୂପେ ଯେଉଁ ସବୁ ପରିସ୍ଥିତି ଦେଇ ଆମେ ଗତି କରୁଅଛେ ଏଥିରେ ପ୍ରାର୍ଥନା, ନମାଜ ଏବଂ ଜିକର୍ ପ୍ରତି ବିଶେଷ ରୂପେ ନା କେବଳ ନିଜର ଆଧ୍ୟାତ୍ମିକ ଓ ସାଂସାରିକ ଆବଶ୍ୟକତା ପ୍ରତି ଧ୍ୟାନ ଦେବା ଉଚିତ୍ ବରଂ ଜମାତି ଫିତ୍‌ନା ଓ ଫସାଦ୍ ଓ ଈର୍ଷାଳୁ ଓ ଶତ୍ରୁମାନଙ୍କ କୁପ୍ରଭାବରୁ ବଂଚିବା ପାଇଁ ମଧ୍ୟ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ ।

ବହୁତ ଦୁଃଖର ବିଷୟ କି ମୁସଲ୍‌ମାନ୍ ମାନଙ୍କ ଅବସ୍ଥା ଏପରି ଅଛି ଯେ ଅଲ୍ଲାଃତାଲା ସେମାନଙ୍କୁ ଗୋଟିଏ ଦୁଆ ଶିଖାଇଛନ୍ତି ଏବଂ ଆଲୋକ ପରେ ଅନ୍ଧକାରର ଫିତ୍‌ନାରୁ ବଂଚିବା ନିମନ୍ତେ ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି କି ଉକ୍ତ ଦୁଆଗୁଡିକୁ ପ୍ରତ୍ୟହ ନିୟମିତ ରୂପେ ପଢ଼ । ଯଦ୍ୱାରା ତୁମେ ଏକଶ୍ୱରବାଦ ଉପରେ କାଏମ୍ ହୋଇଯିବ ଓ ଅନ୍ଧକାରର ଫିତ୍‌ନାରୁ ମଧ୍ୟ ବଂଚିଯିବ କିନ୍ତୁ ମୁସଲ୍‌ମାନମାନେ ଏହାର ପରବାୟ କଲେନାହିଁ ।

ଅଲ୍ଲାଃତାଲା କରନ୍ତୁ କି ଆମ ଭିତରୁ ପ୍ରତ୍ୟେକ ଉକ୍ତ ସୁରା ଗୁଡ଼ିକୁ ବୁଝି ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ନତ୍ ଉପରେ ଅମଳ କରନ୍ତୁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ
## (ପ୍ରଦତ୍ତ: ୧୬ ଫେବୃଆରୀ ୨୦୧୮ ଅନୁଯାୟୀ ୧୬ ତବ୍‌ଲିଗ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଜଣେ ମୋମିନ୍ ଯେ ଘୋଷଣା କରିଥାଏ କି ମୁଁ ଈଶ୍ୱରବିଶ୍ୱାସୀ ଏବଂ ଅଲ୍ଲାଃଙ୍କ ଏହି ଆଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖିଥାଏ କି ଅଲ୍ଲାଃତାଲା ଆମକୁ ନିଜ ଉପାସନା ନିମନ୍ତେ ସୃଷ୍ଟି କରିଛନ୍ତି ଯେପରିକି ସେ କୁହନ୍ତି- **ୱମା ଖଲକ୍‌ତୁଲ୍ ଜିନ୍ନା ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍** (ଜାରିୟାତ୍:୫୭) ଅର୍ଥାତ ଆମେ ଜିନ୍ନ ଓ ମାନବକୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ । ପୁଣି ଅଲ୍ଲାଃତାଲା ଆମକୁ ଉପାସନା କରିବାର (ବାସ୍ତବିକ) ପନ୍ଥା ମଧ୍ୟ ଦର୍ଶାଇ ଦେଇଛନ୍ତି ଅର୍ଥାତ ପ୍ରତ୍ୟକ୍ଷ ଉଠିବା ବସିବା ଓ ଦୁଆ କରିବାର ଶବ୍ଦ ରହିଛି ଯାହାକୁ ଜିକର୍ ମଧ୍ୟ କୁହନ୍ତି । ନମାଜରେ ଏହି ଉଭୟ କାର୍ଯ୍ୟ ରହିଛି ଅର୍ଥାତ ପ୍ରତ୍ୟକ୍ଷ ହରକତ୍ ଓ ଜିକର୍ କରିବା । ନମାଜରେ ଦୁଆ କରିବା ସହିତ ଅନ୍ୟସମୟରେ ମଧ୍ୟ ଜିକର୍, ଦୁଆ ଓ ଅଲ୍ଲାଃଙ୍କୁ ମନେରଖିବା ଜଣେ ମୋମିନ୍‌ର କାର୍ତବ୍ୟ ଅଟେ । ପବିତ୍ର କୋରାନରେ ଅଲ୍ଲାଃତାଲା ଅନେକ ଦୁଆ ବିଭିନ୍ନ ଅବତାରମାନଙ୍କ ମାଧ୍ୟମରେ ଶିକ୍ଷା ଦେଇଛନ୍ତି । ଯାହାକି ଆମେ ନମାଜରେ ପାଠ କରୁଅଛେ ଏବଂ ଚଳପ୍ରଚଳ ସମୟରେ ମଧ୍ୟ ଜିକର୍ ଆକାରରେ ପାଠ କରିଥାଉ । ଲୋକେ ମୋତେ ପତ୍ର ଲେଖିଥାନ୍ତି କି ଆମର ଅମକ ଅମକ ସମସ୍ୟା ରହିଛି କୌଣସି ଦୁଆ ଓ ଜିକର୍ କୁହନ୍ତୁ ଯାହାର ଆମେ ବାରମ୍ବାର ପାଠ କରିବୁ ଯଦ୍ୱାରା ଆମର ଦୁଃଖ କଷ୍ଟ ଦୂର ହେବ । ସାଧାରଣତଃ ମୁଁ ଏପରି ଲୋକମାନଙ୍କୁ ଲେଖିଥାଏ କି ନମାଜ ପ୍ରତି ଧ୍ୟାନ ଦିଅନ୍ତୁ, ସଜଦାରେ ଦୁଆ କରନ୍ତୁ ଏବଂ ନିଜ ଅଲ୍ଲାଃଙ୍କ ଠାରୁ ସାହାଯ୍ୟ ଭିକ୍ଷା କରନ୍ତୁ କିନ୍ତୁ ଆଜି ମୁଁ ଗୋଟିଏ ଜିକର୍ ସମ୍ବନ୍ଧରେ ଚର୍ଚ୍ଚା କରିବାକୁ ଚାହେଁ ଯାହାକି ହଜରତ ମହମ୍ମଦ ସ.ଆଙ୍କର ସୁନ୍ନତ ଥିଲା ତଥା ଅଲ୍ଲାଃତାଲାଙ୍କ ତରଫରୁ ଅବତୀର୍ଣ୍ଣ ଦୁଆ ଅଟେ । ଯାହାର ଅର୍ଥ ବୁଝି ପାଠ କରିବା ଦ୍ୱାରା ଯେଉଁସ୍ଥଳେ ମଣିଷର ଅଲ୍ଲାଃଙ୍କ ଏକେଶ୍ୱରବାଦ ଉପରେ ବିଶ୍ୱାସ ବଢିଥାଏ ସେଠାରେ ସେ ଅଲ୍ଲାଃଙ୍କ ସୁରକ୍ଷା ବଳୟ ଓ ଶରଣରେ ଆସିଯାଇଥାଏ ଏବଂ ସମସ୍ତ ପ୍ରକାରର ଅପକର୍ମରୁ ସୁରକ୍ଷିତ ରହିଥାଏ । ହଜରତ ମହମ୍ମଦ ସ.ଆ କେବଳ ସ୍ୱୟଂ ପ୍ରତିଦିନ ରାତିରେ ନିୟମିତ ଭାବରେ ଶୋଇବା ପୂର୍ବରୁ ଏହି ଆୟତ ଓ ଦୁଆ ପାଠ କରୁନ୍‌ଥିଲେ ବରଂ ସାହାବାଙ୍କୁ ମଧ୍ୟ ପାଠ କରିବାର ନିର୍ଦ୍ଦେଶ ଦେଉଥିଲେ ଏବଂ ଅନେକ ସ୍ଥାନରେ ଏହି ଦୁଆର ଗୁରୁତ୍ୱ ଓ ଉପାଦେୟ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ।

ହଦିସ୍‌ରେ ବର୍ଣ୍ଣିତ ଅଛି ହଜରତ ମହମ୍ମଦ ସ.ଆ ସର୍ବଦା ଶୋଇବା ପୂର୍ବରୁ ଆୟତୁଲ୍ କୁରସି, ସୁରେ ଇଖ୍‌ଲାସ, ସୁରେ ଫଲକ୍ ଓ ସୁରେ ନାସ୍ ତିନି ଥର ଲେଖାଏଁ ପାଠ କରି ହାତକୁ ଫୁଙ୍କନ୍ତି ତା'ପରେ ନିଜ ହାତକୁ ସମ୍ପୂର୍ଣ୍ଣ ଶରୀର ଉପରେ ଏପରି ବୁଲାଇ ଆଣନ୍ତି ଯେପରି ମୁଣ୍ଡଠାରୁ ଆରମ୍ଭ କରି ଯେଉଁପର୍ଯ୍ୟନ୍ତ ହାତ ପହଂଚି ପାରିଥାଏ । ସୁତରାଂ ଯେଉଁ କାର୍ଯ୍ୟକୁ ଆପଣ ନିୟମିତ ଭାବରେ ସମ୍ପାଦନ କରୁଥିଲେ, ଯାହାକି ଆପଣଙ୍କ ସୁନ୍ନତ ପାଲଟିଲା ଏବଂ ଯେଉଁ କାର୍ଯ୍ୟକୁ ପ୍ରତ୍ୟେକ ମୁସଲମାନମାନଙ୍କୁ କରିବା ଉଚିତ୍ ଏବଂ ଆମେ ଅହେମଦିମାନେ ଯାହାଙ୍କୁ ଏହି ଯୁଗରେ ହଜରତ ମହମ୍ମଦ ସ.ଆଙ୍କ ପ୍ରତ୍ୟେକ ସୁନ୍ନତ ମୁତାବକ ଅମଳ କରିବାକୁ ହଜରତ ମସିହ ମଉଦ ଆ.ସ ନିର୍ଦ୍ଦେଶ ଦେଲେ । ଆମ୍ଭକୁ ଏଥିମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ । ବିଶେଷ କରି ଏପରି ଅବସ୍ଥାରେ ଯେଉଁ ପରିସ୍ଥିତି ଦେଇ ଆମେ ଗତି କରୁଅଛେ ଏଥିରେ ଆମକୁ ଦୁଆ, ନମାଜ ଓ ଅଲ୍ଲାଃଙ୍କ ଗୁଣଗାନ କରିବା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ କେବଳ ବ୍ୟକ୍ତିଗତ, ଆଧ୍ୟାତ୍ମିକ ଓ ସାଂସାରିକ ଆବଶ୍ୟକତା ପୂରଣ କରିବା ପ୍ରତି ଧ୍ୟାନ ଦେବା ନାହିଁ ବରଂ ଜମାଅତରେ ବିଭ୍ରାଟ ସୃଷ୍ଟିକାରୀ, ଈର୍ଷାଳୁ ଓ ଶତ୍ରୁମାନଙ୍କ ଶତ୍ରୁତାରୁ ରକ୍ଷା ପାଇବା ନିମନ୍ତେ ମଧ୍ୟ ଏହାକୁ ନିଜର ଅତ୍ୟନ୍ତ ଜରୁରୀ କର୍ତବ୍ୟ ମଣି ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ଏହି ଜିକର୍ ଓ ଆୟତ୍‌ର ବିଶେଷତା କେତେକ ଆହାଦିସ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି ଯାହାକି ମୁଁ ଆପଣମାନଙ୍କ ସମ୍ମୁଖରେ ରଖୁଅଛି । ଆୟତୁଲ୍ କୁରସି ସମ୍ବନ୍ଧରେ ଦୁଇ ଜୁମାପୂର୍ବରୁ ମୁଁ ଚର୍ଚ୍ଚା କରିଥିଲି । ଆଜି ପବିତ୍ର କୋରାନର ଅନ୍ତିମ ତିନି ଗୋଟି ସୁରା ସମ୍ବନ୍ଧରେ ହଦିସ୍ ମାଧ୍ୟରେ ଚର୍ଚ୍ଚା କରିବି । କିପରି ବାରମ୍ବାର ଓ ବିଭିନ୍ନ ଉପାୟରେ ହଜ୍‌ରତ୍ ନବୀ କରିମ୍ ସ:ଆ:ସ ନିଜ ସାହାବା ମାନଙ୍କୁ ଏହି ସୁରା ଗୁଡିକ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ।

ହଜରତ ଆଏଶା ର.ଅ କୁହନ୍ତି- ପ୍ରତ୍ୟେକ ରାତିରେ ହଜରତ ମହମ୍ମଦ ସ.ଆ ଶୟନ କରିବାକୁ ଗଲାବେଳେ ନିଜ ହାତ ଯୋଡ଼ି ସୁରେ ଇଖଲାସ୍, ସୁରେ ଫଲକ୍ ଓ ସୁରେ ନାସ୍ ପାଠ କରନ୍ତି । ପୁଣି ଯେପର୍ଯ୍ୟନ୍ତ ସମ୍ଭବ ଦୁଇ ହାତକୁ ନିଜ ଶରୀର ଉପରେ ବୁଲାଇ ଆଣନ୍ତି । ଆପଣ ନିଜ ମସ୍ତକ ଓ ମୁଖମଣ୍ଡଳରେ ଉଭୟ ହାତ ବୁଲାଇବା ଆରମ୍ଭ କରିଦିଅନ୍ତି ଏବଂ ଶରୀରର ଯେଉଁ ଅଙ୍ଗ ପର୍ଯ୍ୟନ୍ତ ହାତ ପହଂଚିପାରେ ଆପଣ ହାତ ବୁଲାଇଆଣନ୍ତି, ଏପରି ଆପଣ ତିନି ଥର କରନ୍ତି । (ସହି ବୁଖାରୀ, କିତାବ୍ ଫଜାଏଲୁଲ୍ କୁରଆନ୍, ବାବ୍ ଫଜ୍‌ଲଲ୍ ମାଉଜାତ୍)

ହଜୁର ସ.ଆ ଏପରି ଏହାକୁ ନିୟମିତ ପାଠ କରୁଥିଲେ କି ହଜରତ ଆଏଶା ର.ଅ କୁହନ୍ତି ହଜରତ ମହମ୍ମଦ ସ.ଆଙ୍କ ଶେଷ ସମୟରେ ମୁଁ ଉକ୍ତ ଦୁଆ ପାଠ କରି ଆପଣଙ୍କ ହାତରେ ଫୁଙ୍କିଦିଏ ତା'ପରେ ତାହାକୁ ଆପଣଙ୍କ ଶରୀରରେ ବୁଲାଇ ଆଣେ । ସୁତରାଂ ହଜ୍‌ରତ୍ ଆଏଶା ର:ଅ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଯେବେ ବେମାର୍ ପଡୁଥିଲେ ତେବେ ମାଉଜାତ୍ ପଢ଼ି ନିଜ ଉପରେ ଫୁଙ୍କୁଥିଲେ । ପୁଣି ସେ କହୁଛନ୍ତି ଯେତେବେଳେ ଆପଣଙ୍କର ବେମାର୍ ବହୁତ ବଢ଼ିଗଲା ତେବେ ମୁଁ ଏହି ସୁରାଗୁଡିକ ପଢ଼ି ଆପଣ ସ:ଆ:ସଙ୍କ ହାତକୁ ବର୍‌କତ୍ ଖାତିର୍ ଆପଣଙ୍କ ଦେହରେ ଘଷି ଦେଉଥିଲି । (ସହି ବୁଖାରୀ, କିତାବ୍ ଫଜାଏଲୁଲ୍ କୁରଆନ୍, ବାବ୍ ଫଜ୍‌ଲଲ୍ ମାଉଜାତ୍)

ହଜରତ ଆଏଶାଙ୍କୁ ଏପରି ଭାବନା ଆସିବା ନିଶ୍ଚିତ ରୂପେ ଏହି କାରଣରୁ ଥିଲା କି ହଜରତ

ମହମ୍ମଦ ସ.ଆ ଏଭଳି କରିବାରେ ଅଭ୍ୟସ୍ତ ଥିଲେ ଏବଂ ଏହାର ବରକତ୍‌ର ଗୁରୁତ୍ୱ ସମ୍ବନ୍ଧରେ ହଜୁର ସ.ଆ ହଜରତ ଆଏଶାଙ୍କୁ ବେଶ୍ ଭଲ ଭାବରେ ବୁଝାଇ ଦେଇଥିଲେ ।

ପୁଣି ସାହାବାମାନଙ୍କୁ ଏହି ସୁରାଃର ବରକତ୍ ଓ ଗୁରୁତ୍ୱ କିଭଳି ଦର୍ଶାଇଛନ୍ତି । ଏଥିସମ୍ବନ୍ଧରେ ହଜରତ ଉକ୍‌ବା ବିନ୍ ଆମିର୍ ବର୍ଣ୍ଣନା କରିଛନ୍ତି କି ଏକଦା ମୋର ହଜରତ ମହମ୍ମଦ ସ.ଆଙ୍କ ସହିତ ସାକ୍ଷାତ ହେଲା । ଆପଣ ଆଗକୁ ବଢି ମୋର ହାତ ଧରିନେଲେ ଏବଂ କହିଲେ ହେ ଉକ୍‌ବା ବିନ୍ ଆମିର୍ ! କ'ଣ ମୁଁ ତୁମକୁ ତୌରାତ, ଇନଜିଲ୍, ଯବୁର୍ ଓ ପବିତ୍ର କୋରନ୍ ଇତ୍ୟାଦିରେ ଯେଉଁ ସୁରାଗୁଡ଼ିକ ଅବତୀର୍ଣ୍ଣ ହୋଇଛି ସେଥିମଧ୍ୟରୁ ତିନୋଟି ଅତି ସର୍ବୋତ୍କୃଷ୍ଟ ସୁରାଃ ସମ୍ବନ୍ଧରେ ଶିକ୍ଷା ଦେବି ନାହିଁ ? ମୁଁ କହିଲି କାହିଁକି ନୁହେଁ ! ଅଲ୍ଲାଃ ମୋତେ ଆପଣଙ୍କ ଉପରେ ଉତ୍ସର୍ଗ କରନ୍ତୁ । ତାପରେ ହଜୁର ସ.ଆ ମୋତେ ସୁରେ ଇଖଲାସ୍, ସୁରେ ଫଲକ୍ ଓ ସୁରେ ନାସ୍ ପାଠ କରି ଶୁଣାଇଲେ ଏବଂ କହିଲେ ହେ ଉକ୍‌ବା ! ତୁମେ ଏହାକୁ କଦାପି ପାସୋରି ଯିବନାହିଁ ଓ ଏଭଳି କୌଣସି ରାତି ଅତିବାହିତ କରିବ ନାହିଁ ଯେଉଁ ରାତିରେ ତୁମେ ଏହାକୁ ପାଠ ନକରି ଶୋଇଯାଅ । ଉକ୍‌ବା କୁହନ୍ତି ହଜୁର ସ.ଆଙ୍କର ଏପରି କହିବା ଦିନଠାରୁ ଆଜି ପର୍ଯ୍ୟନ୍ତ ମୁଁ ତାହାକୁ ଭୁଲି ନାହିଁ ଏବଂ ମୁଁ ତାହାକୁ ପାଠ ନକରି ଏଭଳି କୌଣସି ରାତି ଅତିବାହିତ କରି ନାହିଁ । (ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ମସ୍‌ନଦ୍ ଅକ୍‌ବା ବିନ୍ ଆମିର୍, ଖଣ୍ଡ-୫, ପୃଷ୍ଠା-୮୯୫-୮୯୬, ମୁଦ୍ରଣ-ବେରୁତ, ଏଡ଼ିଶନ୍-୧୯୯୮, ହଦିସ୍ ନଂ-୧୭୪୬୭)

ସୁତରାଂ ଆପଣ ଆ:ସଙ୍କର ଏପରି କହିବା ଅର୍ଥାତ୍ ସେଗୁଡିକୁ ଭୁଲିବ ନାହିଁ ବୋଲି । ଏବଂ କୌଣସି ରାତି ଏପରି ବିତିନାହିଁ କି ଆପଣ ଏହାକୁ ନପଢ଼ିଥିବେ, ଏଥିରୁ ସ୍ପଷ୍ଟ ହେଉଛି କି ଆପଣ ସ:ଆ:ସ ନିଜେ ମଧ୍ୟ ଏହାକୁ ନିୟମିତ ପାଠ କରୁଥିଲେ । ଅଲ୍ଲାଃତାଲାଙ୍କର କଥା ଉପରେ, ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଓ ଦୁଆଗୁଡିକ ଉପରେ ସବୁଠାରୁ ଅଧିକା ଅମଳ କରିବା ବାଲା ଆପଣ ସ:ଆ:ସ ନିଜେ ଥିଲେ । ତେଣୁ ଆପଣ ଅନ୍ୟମାନଙ୍କୁ ଏହା କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ।

ପୁଣି ସୁରେ ଇଖଲାସ୍‌ର ଗୁରୁତ୍ୱ ସମ୍ବନ୍ଧରେ ହଜରତ ଅବୁସଇଦ୍ ଖୁଦରି ର.ଅ ବର୍ଣ୍ଣନା କରନ୍ତି କି ଜଣେ ବ୍ୟକ୍ତି ଆଉ ଜଣକୁ ସୁରେ ଇଖଲାସ୍ ପାଠ କରୁଥିବାର ଶୁଣିଲା ଯେ ତାହାକୁ ବାରମ୍ବାର ପାଠ କରୁଥିଲା । ସକାଳେ ସେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ ଉକ୍ତ ପାଠକାରୀକୁ ହିନ ଓ ତୁଚ୍ଛ ମଣି ଏପରି ବାରମ୍ବାର ପାଠ କରୁଥିବାର ଅଭିଯୋଗ କଲେ । ଏଥିରେ ହଜୁର ସ.ଆ କହିଲେ ଅଲ୍ଲାଃଙ୍କ ରାଣ ଯାହା ହାତରେ ମୋର ଜୀବନ ନାଟିକା ରହିଛି ଉକ୍ତ ସୁରାଃ ପବିତ୍ର କୋରାନର ଏକ ତୃତୀୟାଂଶ ଅଟେ । (ସହି ବୁଖାରୀ, କିତାବ୍ ଫଜାଏଲୁଲ୍ କୁର୍‌ଆନ୍ ବାବ୍ କୁଲ୍‌ହୁଅଲ୍ଲାହୋ ଅହଦ୍)

ହଜରତ ଅବୁ ସୟିଦ୍ ଖୁଦରି ର.ଅ କୁହନ୍ତି ହଜୁର ସ.ଆ ନିଜ ସାହାବାମାନଙ୍କୁ କହିଲେ କ'ଣ ତୁମମାନଙ୍କ ମଧ୍ୟରୁ କେହି ଗୋଟିଏ ରାତିରେ ଏକ ତୃତିୟାଂଶ କୋରାନ ପାଠ କରିପାରିବ । ଏପରି କରିବା ସାହାବାଙ୍କ ପାଇଁ କଷ୍ଟସାଧ୍ୟ ଥିଲା । ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମମାନଙ୍କ ମଧ୍ୟରୁ କିଏ ଏପରି କରିବାରେ ସକ୍ଷମ । ହଜୁର ସ.ଆ କହିଲେ ସୁରେ ଇଖଲାସ୍ କୋରାନର ଏକ ତୃତୀୟାଂଶ ଅଟେ ।

(ସହି ବୁଖାରୀ, କିତାବ୍ ଫଜାଏଲୁଲ୍ କୁର୍‌ଆନ୍, ବାବ୍ କୁଲ୍‌ହୁଅଲ୍ଲାହୋ ଅହଦ୍)

ସୁରା ଏଖ୍‌ଲାସ୍‌ଟି ପବିତ୍ର କୋରାନ୍‌ର ଏକ ତୃତୀୟାଂଶ ହେବା ପ୍ରସଙ୍ଗରେ ହଦିସ୍ ସହି ମୁସ୍‌ଲିମ୍ ପୁସ୍ତକରେ ଗୋଟିଏ ରିୱାୟତ୍ ଏପରି ଅଛି । ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ କହିଲେ-ତୁମେ ଏକାଠି ହୋଇଯାଓ । ତୁମମାନଙ୍କୁ ପବିତ୍ର କୋରାନ୍‌ର ଏକ ତୃତୀୟାଂଶ ପଢ଼ି ଶୁଣାଇବି । ସମସ୍ତଙ୍କୁ ମସ୍‌ଜିଦ୍ ଠାରେ ଏକତ୍ରିତ କଲେ ଓ ଯେତେବେଳେ ଲୋକମାନେ ଏକାଠି ହୋଇଗଲେ ନବୀ କରିମ୍ ସ:ଆ:ସ ବାହାରକୁ ବାହାରି *କୁଲ୍ ହୁୱଲ୍ଲାହୋ ଅହଦ୍ ତିଲାୱତ୍* କଲେ । ପୁଣି ଆପଣ ସ:ଆ:ସ ଘର ଭିତରକୁ ଚାଲିଗଲେ । ସାହାବାମାନେ କହୁଛନ୍ତି କି ଆମମାନଙ୍କ ମଧ୍ୟରୁ କେହି ଜଣେ କହିଲା ମୁଁ ଭାବୁଛି କି ଆକାଶରୁ କୌଣସି ସ୍ୱର୍ଗବାଣୀ ଅର୍ଥାତ୍ ୱହି ଆସିଛି ବୋଧେ । ସେଥିଯୋଗୁ ଆପଣ ସ:ଆ:ସ ନିଜ ଘର ଭିତରେ ଦାଖିଲ୍ ହୋଇଗଲେ ଅର୍ଥାତ୍ ଭିତରକୁ ଚାଲିଗଲେ । ପୁଣି ନବୀ କରିମ୍ ସ:ଆ:ସ ବାହାରକୁ ବାହାରିଲେ ଓ କହିଲେ ମୁଁ ତୁମମାନଙ୍କୁ କହିଥିଲି କି ମୁଁ ତୁମ ସମ୍ମୁଖରେ ପବିତ୍ର କୋରାନ୍‌ର ଏକ ତୃତୀୟାଂଶ ପଢ଼ିବି । ତେଣୁ ଧ୍ୟାନ ଦେଇ ଶୁଣ । ଏହା ହେଉଛି ସୁରା ଏଖ୍‌ଲାସ୍, ଯାହା ପବିତ୍ର କୋରାନ୍‌ର ଏକ ତୃତୀୟାଂଶ ସହ ସମାନ । (ସହି ମୁସ୍‌ଲିମ୍, କିତାବୁସ୍ ସଲାତ୍ ଅଲ୍ ମୁସାଫିରିନ୍ ୱକସ୍‌ରିହା, ବାବ୍ ଫଜଲ୍ କିରାତ୍ କୁଲ୍‌ହୁୱଲ୍ଲାହୋ ଅହଦ୍)

ହଜୁର ଅନୱର ଅ.ବ କହିଲେ- ହଜୁର ସ.ଆ ଉକ୍ତ ସୁରାଃକୁ କାହିଁକି କୋରାନର ଏକ ତୃତୀୟାଂଶ କହିଲେ ? ଏଥିପାଇଁ କି ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ପ୍ରମାଣିତ କରିବା ଓ ତାହାର ପ୍ରତିଷ୍ଠା ନିମନ୍ତେ ଅଲ୍ଲାଃ ଉକ୍ତ ସୁରା ଅବତୀର୍ଣ୍ଣ କରିଛନ୍ତି । ସୁତରାଂ ଏହି ସୁରାଃରେ ଅଲ୍ଲାଃ ବେଶ୍ ସ୍ପଷ୍ଟ ରୂପେ ନିଜର ଏକେଶ୍ୱରବାଦକୁ ବର୍ଣ୍ଣନା କରିଛନ୍ତି । ଅତଃ ଉକ୍ତ ଶବ୍ଦ ଉପରେ ଅନୁଧ୍ୟାନ କରିବା ଓ ଅମଳ କରିବା ଦ୍ୱାରା ମଣିଷ ବାସ୍ତବରେ ଏକେଶ୍ୱରବାଦୀ ପାଲଟି ଯାଇଥାଏ । ଏବଂ ପୁଣି ପବିତ୍ର କୋରାନ୍‌କୁ ଖୁଦାଙ୍କ ପବିତ୍ର ବାଣୀ ବୋଲି ଭାବି ଯେବେ ମଧ୍ୟ ତା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବ ତେବେ ପ୍ରକୃତ ଏକଶ୍ୱରବାଦକୁ ବୁଝିପାରିବ ଓ ଏହାଉପରେ କାଏମ୍ ମଧ୍ୟ ହୋଇପାରିବ । ଫଳତଃ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହେବା ପାଇଁ ଶକ୍ତି ମଧ୍ୟ ମିଳିବ । ମଣିଷକୁ କେବଳ ଏତିକି ବୁଝିବା ଉଚିତ୍ ନୁହେଁ କି ମୁଁ ସୁରେ ଇଖଲାସ୍ ପାଠ କରିନେଲେ ପବିତ୍ର କୋରାନର ଏକ ତୃତୀୟାଂଶ ପାଠ କରିନେଲି ବରଂ ଏହାର ଅର୍ଥ ତୁମେ ଏହି ସୁରାଃକୁ ପାଠ କର ଏବଂ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ହୋଇ ଏଥି ମୁତାବକ ଅମଳ କର ।

ଏହିପରି କିଛି ରିୱାୟତ୍‌ରେ ଆଉ କିଛି ଆୟତ୍ ମଧ୍ୟ ଅଛି ଯାହା ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ଏହାଏକ ଅଂଶ ଅଟେ ବୋଲି । ଏହାର ଏକ ଚତୁର୍ଥାଂଶ ଅଟେ । ଯଦି ଏହି କଥାକୁ ଧରାଯାଏ ତେବେ ଏହି କିଛି ଆୟତ ଗୁଡିକୁ ପଢ଼ି ଲୋକମାନେ କହିବେ କି ପବିତ୍ର କୋରାନ୍ ସମ୍ପୂର୍ଣ୍ଣ ହୋଇଗଲା ବୋଲି । ଯେବେ କି ଆଁ ହଜ୍‌ରତ୍ ସ:ଆ:ସଙ୍କର ଏହା ବିଷୟରେ ମତ ହେଉଛି କି ଏହା ଉପରେ ତୁମେ ଅମଳ କର ଓ ପୁଣି ପବିତ୍ର କୋରାନ୍‌କୁ ଧ୍ୟାନର ସହିତ ପଢ଼, ଏକଶ୍ୱରବାଦ ସ୍ଥାପନ ନିମନ୍ତେ ଚେଷ୍ଟା କର । ତେବେ ଯାଇ ତୁମେ ପବିତ୍ର କୋରାନ୍‌କୁ ସଠିକ୍ ଭାବେ ପଢୁଛ ବୋଲି ଅଭିହିତ ହେବ । ପବିତ୍ର କୋରାନ କ'ଣ ଅଟେ ? ପବିତ୍ର କୋରନର ଶିକ୍ଷା ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ପ୍ରମାଣିତ କରୁଅଛି ଏବଂ ଏହାକୁ ହାସଲ କରିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଚେଷ୍ଟା ଓ ଦୁଆ କରିବା ଉଚିତ୍ ।

ପୁଣି ହଜରତ ଆଏଶା ର.ଅ ବର୍ଣ୍ଣନା କରନ୍ତି କି ହଜୁର ସ.ଆ ଜଣେ ସାହାବାକୁ ଏକ ସରିୟା (ଏପରି ଯୁଦ୍ଧ ଯେଉଁଥିରେ ହଜୁର ସ.ଆ ଯୋଗ ଦେଇନଥାନ୍ତି)ର ନେତୃତ୍ୱରେ ପଠାଇଲେ ଯେ, ନିଜ ସାଥିମାନଙ୍କୁ ନମାଜ ପାଠ କରାଉଥିଲେ ଏବଂ ଶେଷ (ରେକାତ୍)ରେ ସୁରେ ଇଖଲାସ୍ ପାଠ କରୁଥିଲେ । ଯେତେବେଳେ ସାହାବାମାନେ ସେଠାରୁ ଫେରିଲେ ସେମାନେ ହଜୁର ସ.ଆଙ୍କ ନିକଟରେ ଏହାର ଚର୍ଚ୍ଚା କଲେ । ଏଥିରେ ହଜୁର ସ.ଆ କହିଲେ ତାଙ୍କୁ ପଚାର ସେ ଏପରି କାହିଁକି କରୁଥିଲେ । ସାହାବାମାନେ ତାଙ୍କୁ ପଚାରିବାରୁ ସେ ଉତର ଦେଲେ ଉକ୍ତ ସୁରାଃରେ ରହେମାନ୍ ଅଲ୍ଲାଃଙ୍କ ଗୁଣାବଳୀ ବର୍ଣ୍ଣିତ ଅଛି ସେଥିପାଇଁ ମୋତେ ତାହା ପାଠ କରିବାକୁ ପସନ୍ଦ ଲାଗେ । ଏଥିରେ ହଜୁର ସ.ଆ କହିଲେ ତୁମେ ତାଙ୍କୁ ଖବର ଦେଇଦିଅ କି ଅଲ୍ଲାଃତାଲା ମଧ୍ୟ ତାଙ୍କୁ ପ୍ରେମ (ବହୁତ ପସନ୍ଦ) କରୁଛନ୍ତି । (ସହି ମୁସ୍‌ଲିମ୍, କିତାବ୍ ସଲାତୁଲ୍ ମୁସାଫିରିନ୍ ୱ କସ୍‌ରେହା, ବାବ୍ ଫଜଲ୍ କିରାତ୍ କୁଲ୍‌ହୁୱଲ୍ଲାହୋ ଆହଦ୍)

ପୁଣି ଏ ସମ୍ବନ୍ଧରେ ବୁଖାରୀରେ ହଜ୍‌ରତ୍ ଅନସ୍ ର:ଅଙ୍କ ବର୍ଣ୍ଣିତ ଗୋଟିଏ ହଦିସ୍ ଅଛି । ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରିଛନ୍ତି କି ଜଣେ ଅନ୍‌ସାରୀ ମସ୍‌ଜିଦ୍ କୁବାରେ ସେମାନଙ୍କୁ ନମାଜ ପଢ଼ାଉଥିଲେ । ସେ ଯେତେବେଳେ ନମାଜ ପଢ଼ାଉଥିଲେ ତ ପ୍ରଥମେ କୁଲ୍‌ହୁଅଲ୍ଲାହୋ ଆହଦ୍ ପଢ଼ାଉଥିଲେ । ଅର୍ଥାତ୍ ସୁରା ଏଖ୍‌ଲାସ୍ ପଢ଼ାଉଥିଲେ । ପୁଣି ଯେବେ ଏହା ପଢ଼ିସାରୁଥିଲେ ତା ସହିତ ଆଉ କୌଣସି ଗୋଟିଏ ସୁରା ପଢୁଥିଲେ । ଏହିପରି ପ୍ରତ୍ୟେକ ରେକାତ୍ ପଢ଼ାଉଥିଲେ । ତାଙ୍କ ସାଥିମାନେ ତାଙ୍କୁ କହିଲେ କି ତୁମେ ସୁରା ଏଖ୍‌ଲାସ୍‌ରୁ ଆରମ୍ଭ କରୁଛ ଓ ଭାବୁନାହଁ କି ଏହି ସୁରା ତୁମ ପାଇଁ ଯଥେଷ୍ଟ ବୋଲି ଓ ଆଉ ଗୋଟିଏ ସୁରା ମଧ୍ୟ ତା ସହିତ ପଢୁଛ । ତୁମେ କେବଳ ସେହି ଗୋଟିଏକୁ ପଢ଼ିନିଅ ବା ତାକୁ ଛାଡ଼ିଦେଇ ଆଉ କୌଣସି ସୁରା ପଢ଼ । ଏହାର ଉତରରେ ସେ କହିଲେ କି ମୁଁ ତାକୁ କଦାପି ଛାଡ଼ିବି ନାହିଁ । ଯଦି ତୁମେ ଚାହୁଁଛ କି ମୁଁ ଏହିଭଳି ତୁମକୁ ନମାଜ ପଢ଼ାଇବି ତେବେ ମୁଁ ତୁମମାନଙ୍କର ଇମାମ୍ ରହିବି । ଯଦି ତୁମକୁ ଏହା ପସନ୍ଦ ନାହିଁ ତେବେ ମୁଁ ତୁମକୁ ଛାଡ଼ିଦେବି ଅର୍ଥାତ୍ ନମାଜ ପଢ଼ାଇବି ନାହିଁ । କିନ୍ତୁ ଏ ସୁରାକୁ ଛାଡ଼ିବି ନାହିଁ । ସେହି ଲୋକମାନେ ତାଙ୍କୁ ସମସ୍ତଙ୍କ ଠାରୁ ଭଲ ବୋଲି ଭାବୁଥିଲେ ତେଣୁ ସେମାନେ ତାଙ୍କୁ ବାଦ୍ ଦେଇ ଆଉ କାହାକୁ ଇମାମ୍ ବନାଇବାକୁ ପସନ୍ଦ କରୁନଥିଲେ । ଯେତେବେଳେ ନବୀ କରିମ୍ ସ:ଆ:ସଙ୍କ ପାଖକୁ ଆସିଲେ ତ ସେମାନେ ଆପଣ ସ:ଆ:ସଙ୍କୁ ଉକ୍ତ ବିଷୟ ଜଣାଇଲେ । ଆପଣ ସ:ଆ:ସ କହିଲେ-ହେ ଅମୁକ ଲୋକ ତୁମର ସାଥିମାନଙ୍କର କଥା ନ କରିବା ପାଇଁ କଣ ପ୍ରତିବନ୍ଧକ ଅଛି । ଅର୍ଥାତ୍ ସେହି ସୁରାଗୁଡିକ ଏକାଠି ପଢ଼ିବାର କାରଣ କଣ ? ସେ ବ୍ୟକ୍ତି ଜଣକ କହିଲେ ଏହି ସୁରାଟି ମୋତେ ବହୁତ ପସନ୍ଦ । ଏଥିରେ ଆପଣ ସ:ଆ:ସ କହିଲେ-ସେହି ସୁରା ସହିତ ପ୍ରେମ ତୁମକୁ ଜନ୍ନତ୍ (ସ୍ୱର୍ଗ)ରେ ଦାଖଲ କରିଦେବ । (ସହି ବୁଖାରୀ, କିତାବୁଲ୍ ଅଜାନ୍, ବାବ୍ ଜମା ବଇନଲ୍ ସୁରତଇନ୍ ଫିର୍ ରିକାତ୍)

ହଜରତ ଉବେୟା ବିନ କାବ୍ ବର୍ଣ୍ଣନା କରିଛନ୍ତି ଯେତେବେଳେ ଅମାନ୍ୟକାରୀମାନେ ହଜୁର ସ.ଆଙ୍କୁ ପଚାରିଲେ କି ନିଜ ପାଳନକର୍ତାର ଶଜରାଏ ନସବ୍ (ବଂଶ ସାରଣୀ) ବିଷୟରେ ଆମକୁ ଅବଗତ କରାଅ । ସେତେବେଳେ ଅଲ୍ଲାଃ **କୁଲ୍‌ହୁ ୱଲ୍ଲାଃହୁ ଅହଦ୍ ଅଲ୍ଲାଃହୁସ୍ ସମଦ୍** ଅବତୀର୍ଣ୍ଣ କଲେ । ଅତଃ **ସମଦ୍** ଏପରି ହସ୍ତି ଅଟେ ଯେ ନା କାହାର ପିତା ଅଟେ ନା ତାଙ୍କର କେହି ପିତା ଅଛନ୍ତି କାରଣ ଏଭଳି କୌଣସି ବସ୍ତୁ ନାହିଁ ଯେ ସୃଷ୍ଟି ହେବା ଅନ୍ତେ ମୃତ୍ୟୁବରଣ କରିନଥାଏ ଏବଂ ପ୍ରତ୍ୟେକ ମରଣଶୀଳ ବସ୍ତୁର ନିଶ୍ଚିତ କେହି ଉତରାଧିକାରୀ ରହିଥାଏ । କିନ୍ତୁ ଅଲ୍ଲାଃତାଲା ଏଭଳି ହସ୍ତି ଯାହାଙ୍କର ନା ଅନ୍ତ ଅଛି ନା ତାଙ୍କର କେହି ଉତରାଧିକାରୀ ଅଛନ୍ତି । **ୱଲମ୍ ୟକୁଲ୍ ଲହୁ କୁଫୁଅନ୍ ଅହଦ୍** ଅର୍ଥାତ ତାଙ୍କ ସମତୁଲ୍ୟ ଅନ୍ୟ କେହି ନାହିଁ ନା ତାଙ୍କ ପରି କେହି ହୋଇପାରିବେ । (ସୁନନେ ତିରିମିଜି, ଅବୁଆବ୍ ତଫ୍‌ସିରୁଲ୍ କୁରୁଆନ୍ ଅନ୍ ରସୁଲିଲ୍ଲାଃ ସ:ଆ:ସ, ବାବ୍ ୱମିନ୍ ସୁରତିଲ୍ ଇଖ୍‌ଲାସ୍ ।

ହଜରତ ଅବୁହୁରେରା ବର୍ଣ୍ଣନା କରିଛନ୍ତି ହଜରତ ମହମ୍ମଦ ସ.ଆ କହିଲେ ଲୋକେ ପରସ୍ପରକୁ ପ୍ରଶ୍ନ କରିଥାନ୍ତି କି ପ୍ରତ୍ୟେକ ବସ୍ତୁକୁ ଅଲ୍ଲାଃତାଲା ସୃଷ୍ଟି କରିଛନ୍ତି ତେବେ ଅଲ୍ଲାଃଙ୍କୁ କିଏ ସୃଷ୍ଟି କରିଛି ? (ଏହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମଧ୍ୟ ପ୍ରଶ୍ନ କରାଯାଉଥିଲା । ଆଜିକାଲି ମଧ୍ୟ ଏହି ପ୍ରଶ୍ନ ବହୁତ କରାଯାଉଛି) ହଜୁର ସ.ଆ କହିଲେ ଯେତେବେଳେ ତୁମେ ଏପରି ଲୋକମାନଙ୍କୁ ଦେଖ ତେବେ **କୁଲ୍‌ହୁ ୱଲ୍ଲାହୁ ଅହଦ୍** କୁହ ଏବଂ ଏହି ସୁରାଃକୁ ଶେଷ ପର୍ଯ୍ୟନ୍ତ ପାଠ କର ଅର୍ଥାତ ସୁରେ ଇଖଲାସ୍ ସମ୍ପୂର୍ଣ୍ଣ ପାଠ କର । ଏହାର ଅର୍ଥ ଉପରେ ଅନୁଧ୍ୟାନ କଲେ ତୁମେ ଜାଣିପାରିବ ଅଲ୍ଲାଃତାଲାଙ୍କୁ କେହି ସୃଷ୍ଟି କରିନାହାନ୍ତି ବରଂ ସେ ପ୍ରାରମ୍ଭରୁ ପ୍ରତିଷ୍ଠିତ ଏବଂ ଅନ୍ତିମ ଦିବସ ପର୍ଯ୍ୟନ୍ତ ପ୍ରତିଷ୍ଠିତ ରହିବେ ଅର୍ଥାତ ସେ ସର୍ବଦା ରହିଛନ୍ତି ଏବଂ ଚିରକାଳ ପର୍ଯ୍ୟନ୍ତ ରହିଥିବେ । ପୁନଶ୍ଚ କହିଲେ କି ଏପରି ବ୍ୟକ୍ତିକୁ ଆବଶ୍ୟକ କି ସେ ସଇତାନ କବଳରୁ ରକ୍ଷା ପାଇବା ନିମନ୍ତେ ଅଲ୍ଲାଃଙ୍କ ଶରଣ ଭିକ୍ଷା କଲେ ସଇତାନ ତାହାର କୌଣସି କ୍ଷତି କରିପାରିବ ନାହିଁ । (ଅଲ୍ ଅବାନତୁଲ୍ କୁବ୍‌ରା ଲେ ଇବ୍‌ନେ ବତା, ବାବ୍ ତରକସ୍‌ସୁଆଲ୍ ଅମ୍ମା ଲା ୟାନି ୱଲ୍ ବହସି ୱଲ୍ ତନ୍‌କିର୍)

ହଜ୍‌ରତ୍ ଅବୁହୁରେରା ର:ଅ ବର୍ଣ୍ଣନା କରୁଛନ୍ତି କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଆସିଲି ଓ ଆପଣ ସ:ଆ:ସ ଗୋଟିଏ ଲୋକକୁ କୁଲ୍‌ହୁଅଲ୍ଲାହୋ ଆହଦ୍-ଅଲ୍ଲାହୁସ୍ ସମଦ୍ ପଢ଼ିବାର ଶୁଣିବେ । ତେବେ ରସୁଲୁଲ୍ଲାଃ ସ:ଆ:ସ ଏଥିରେ କହିଲେ ଧାର୍ଯ୍ୟ ହୋଇଗଲା । ମୁଁ ପଚାରିଲି କଣ ଧାର୍ଯ୍ୟ ହୋଇଗଲା ? ଆପଣ ସ:ଆ:ସ କହିଲେ ଯେଉଁପରି ନିଷ୍ଠାର ସହିତ ଏ ବ୍ୟକ୍ତି ଜଣକ ପଢୁଥିଲା ସେଥିଯୋଗୁ ତା ପାଇଁ ଜନ୍ନତ୍ ଧାର୍ଯ୍ୟ ହୋଇଗଲା । (ସୁନତେ ତିରିମିଜି ଅବୁଆବ୍ ତଫ୍‌ସିରୁଲ୍ କୁରୁଆନ୍ ଅନ୍ ରସୁଲିଲ୍ଲାଃ ସ:ଆ:ସ, ବାବ୍ ୱମିନ୍ ସୁରତିଲ୍ ଇଖ୍‌ଲାସ୍)

ହଜରତ ସୋହେଲ୍ ବିନ୍ ସାଦ୍ କୁହନ୍ତି- ଜଣେ ବ୍ୟକ୍ତି ହଜୁର ସ.ଆଙ୍କ ନିକଟକୁ ଆସିଲେ ଏବଂ ନିଜ ଅଭାବଅନାଟନର ଅଭିଯୋଗ କଲେ । ହଜୁର ସ.ଆ କହିଲେ ଯେତେବେଳେ ତୁମେ ନିଜ ଘରେ ପ୍ରବେଶ କର ଯଦି ଘରେ କେହି ଉପସ୍ଥିତ ଥାନ୍ତି ତେବେ ତାଙ୍କୁ ସଲାମ କୁହ ଏବଂ ଯଦି କେହି ନଥାନ୍ତି ତେବେ ନିଜ ଉପରେ ସଲାମତିର ଦୁଆ କର, ଥରେ **କୁଲ୍‌ହୁ ୱଲ୍ଲାଃହୁ ଅହଦ୍** ପାଠ କର । ଉକ୍ତ ବ୍ୟକ୍ତି ଜଣକ ସେହିପରି କଲେ ଫଳରେ ଅଲ୍ଲାଃତାଲା ତାଙ୍କ ଧନସମ୍ପତିରେ ଏଭଳି ଉନ୍ନତି ପ୍ରଦାନ କଲେ କି ତାଙ୍କ ପାଖପଡ଼ିଶା ମଧ୍ୟ ସେଥିରୁ ଉପକୃତ ହେଲେ ।

(ରୁହୁଲ୍ ବୟାନୁଲ୍ ଇସ୍‌ମାଇଲ୍ ହକ୍‌କି ବିନ୍ ମୁସ୍ତଫା ଜେରେ ଆୟତ୍
ସୁରତୁଲ୍ ଇଖ୍‌ଲାସ୍, ଖଣ୍ଡ-୧୦, ପୃଷ୍ଠା-୫୫୮,
ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ୍, ୨୦୦୩)

ଅର୍ଥାତ୍ ଅଲ୍ଲାଃତାଲା ତା ବର୍‌କତ୍‌ରୁ ଏତେ ରିଜିକ୍ (ଅନୁଗ୍ରହ) ପ୍ରଦାନ କଲେ କି ଗୋଟିଏ ସମୟ ଥିଲା । ତା ପାଖରେ କିଛି ନଥିଲା ଓ ଭୋକିଲା ରହୁଥିଲା । କିନ୍ତୁ ଏବେ ଏତେ ମାତ୍ରାରେ ଅନୁଗ୍ରହ ତା ଉପରେ ହୋଇଛି କି ସେ ତା ପଡ଼ୋଶୀ ମାନଙ୍କୁ ମଧ ସାହାଯ୍ୟ କରୁଛନ୍ତି ।

ଅତଃ ଯେତେବେଳେ ମଣିଷ ଏକେଶ୍ୱରବାଦର ଶିକ୍ଷା ହାସଲ କରିନିଏ ଏବଂ ତଦ୍‌ନୁଯାୟୀ ଅମଳ କରେ, ଅଲ୍ଲାଃଙ୍କୁ ସକଳ ଶକ୍ତିର ଉତ୍ସ ଓ ଅଧିକାରୀ ସ୍ୱୀକାର କରିନିଏ ସେତେବେଳେ ଅଲ୍ଲାଃତାଲା ତାହାକୁ ଅଜସ୍ର ପ୍ରଦାନ କରିଥାନ୍ତି । ଅଲ୍ଲାଃତାଲା କୁହନ୍ତି, ସେ ଧର୍ମପରାୟଣ ବ୍ୟକ୍ତିକୁ ଏପରି ସ୍ଥାନରୁ ପ୍ରଦାନ କରିଥାନ୍ତି ଯେଉଁଠାରୁ ଆସିବାର ଉକ୍ତ ବ୍ୟକ୍ତି କଳନା ମଧ କରିନଥାଏ ।

ହଜ୍‌ରତ୍ ଅନସ୍ ର:ଅ ବିନ୍ ମାଲିକ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ପାଖକୁ ଆସିଲେ ଓ କହିଲେ କି ମୋତେ ଏହି ସୁରା ଅର୍ଥାତ୍ କୁଲ୍‌ହୁୱଲ୍ଲାହୋ ଆହଦ୍ ପସନ୍ଦ ଅଟେ । ଏଥିରେ ଆପଣ ସ:ଆ:ସ କହିଲେ-ଏହି ସୁରା ସହିତ ତୋର ପ୍ରେମ କରିବା ତୁମକୁ ଜନ୍ନତ୍‌ରେ ଦାଖିଲ୍ କରିଦେବ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ମସ୍‌ନଦ୍ ଅଲ୍ ମୁକ୍‌ସରିନ୍ ମିନସ୍‌ସହାବା, ମୁସ୍‌ନଦ୍ ଅନସ୍‌ବିନ୍ ମାଲିକ୍, ହଦିସ୍ ନଂ-୧୨୪୩୨)

ପୁଣି ହଜରତ ଜାବିର୍ ବର୍ଣ୍ଣନା କରନ୍ତି କି ହଜୁର ସ.ଆ କହିଲେ ଯେ ପ୍ରତିଦିନ ୫୦ ଥର ସୁରେ ଇଖଲାସ୍ ପାଠ କରେ ପ୍ରଳୟକାରୀ ଦିବସରେ ତାହା କବର୍‌ରୁ ତାକୁ ଡ଼କାଯିବ କି ଛିଡ଼ା ହୋଇଯାଅ ଓ ବୈକୁଣ୍ଠରେ ପ୍ରବେଶ କର । (ଅଲ୍ ମୁହଜମୁଲ୍ ଔସତ୍, ବାବ୍ ଅଲ୍‌ୟାଆ, ମିନ୍ ଇସ୍‌ମୁହୁ, ୟାକୁବ୍, ହଦିସ୍ ନଂ-୯୪୪୬)

ଇବ୍‌ନେ ଦେଲ୍‌ମି ଯେ ନଜାସିଙ୍କ ଭଉଣୀଙ୍କ ପୁତ୍ର ଥିଲେ ଏବଂ ହଜୁର ସ.ଆଙ୍କ ସେବା ମଧ କରୁଥିଲେ ବର୍ଣ୍ଣନା କରନ୍ତି କି ହଜୁର ସ.ଆ କହିଲେ ଯେ ନମାଜରେ କିମ୍ୱା ଅନ୍ୟ ସମୟରେ ୧୦୦ ଥର ସୁରେ ଇଖଲାସ୍ ପାଠ କରେ ସେ ନର୍କର ଅଗ୍ନି ଶାସ୍ତିରୁ ନିଶ୍ଚିତ ରୂପେ ରକ୍ଷା ପାଇଯିବ । (ଅଲ୍ ମୁଅଜମୁଲ୍ କବିର୍ ଲିଲ୍ ତିବ୍‌ରାନି, ଖଣ୍ଡ-୧୮, ପୃଷ୍ଠା-୩୩୧, ବାବ୍ ଅଲ୍‌ଫାଆ ଫିରୋଜୁଦ୍ ଦେଲ୍‌ମି ହଦିସ୍ ନଂ-୮୫୨, ଅଲ୍‌ମକ୍‌ତବତୁସ୍ ଶାମିଲା)

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ସୁରେ ଇଖ୍‌ଲାସର ଏଭଳି ଗୁରୁତ୍ୱ ଅଛି । ଏବଂ ଯେବେ ଆମେ ରାତିରେ ଏହାକୁ ପଢ଼ିବା ତେବେ ଅଲ୍ଲାଃତାଲାଙ୍କ ଏକଶ୍ୱରବାଦକୁ ସମ୍ମୁଖରେ ରଖି ପଢ଼ିବା ଉଚିତ୍ । ଯେତେବେଳେ ଆମେ ଏହା କହିବା କି ଖୁଦାତାଲା ଅହଦ୍ (ଏକ ଓ ଅଦ୍ୱିତୀୟ) ଅଟନ୍ତି । ତତ୍ ସହିତ ତାର ସମଦ୍ ହେବା ମଧ ଓ ତାର ଏପରି ପଦମର୍ଯ୍ୟାଦା ଆମ ସମ୍ମୁଖରେ ରହିବା ଉଚିତ୍ । ସମଦ୍‌ର ଅର୍ଥ ହେଉଛି ଯିଏ କାହାକୁ ଭରଷା କରେ ନାହିଁ ଓ କଦାପି ସେ ନିଃଶେଷ ହୁଏନାହିଁ । ଅର୍ଥାତ୍ ତାର ଅସ୍ତିତ୍ୱ କେବେ ଶେଷ ହୁଏନାହିଁ । ହଜରତ ମସିହ ମଉଦ ଆ.ସ **ସମଦ୍**ର ବ୍ୟାଖ୍ୟା କରି କୁହନ୍ତି **ସମଦ୍** ଅର୍ଥ ଅଲ୍ଲାଃଙ୍କ ବ୍ୟତୀତ ସମସ୍ତ ବସ୍ତୁ ମରଣଶୀଳ ଅଟେ ।'' (ବରାହିନେ ଅହେମଦୀୟା, ପୃଷ୍ଠା-୪୩୩, ହାଶିୟା ବହଓ୍ୱାଲା ତଫ୍‌ସିର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ଖଣ୍ଡ-୪, ପୃଷ୍ଠା-୭୫୬) ଅର୍ଥାତ୍ ଯିଏ ଜନ୍ମ ହୋଇପାରିବ ଓ ଯିଏ ଜନ୍ମ ହେଉଛି ସେ ନିଶ୍ଚିତ ଶେଷ ହେବ । କିନ୍ତୁ ଅଲ୍ଲାଃଙ୍କ ହସ୍ତି ଏପରି ଅଟେ ଅର୍ଥାତ୍ ସେ **ସମଦ୍** ଅଟନ୍ତି । ଲୋକମାନେ ମନେକରିଥାନ୍ତି **ସମଦ୍** ଅର୍ଥ ଯାହାର କୌଣସି ଆବଶ୍ୟକତା ନଥାଏ ଅର୍ଥାତ ବେନିୟାଯ୍ । ଅଲ୍ଲାଃଙ୍କ ବେନିୟାଯ୍ ହେବା ଅର୍ଥ ନା ସେ ନଷ୍ଟ ହେବେ ନା ତାଙ୍କପରି ଅସ୍ତିତ୍ୱ ସୃଷ୍ଟି ହୋଇପାରିବେ । ସୁତରାଂ ଇଏ ହେଉଛନ୍ତି ଆମର ଖୁଦା ବା ଇଶ୍ୱର ଯିଏ ସବୁବେଳେ ଅଛନ୍ତି ଓ ସବୁବେଳେ ରହିବେ । ଏବଂ ଆପଣ କହୁଛନ୍ତି କି "ଖୁଦା ନିଜର ବିଶେଷ ଗୁଣ ଓ ଶକ୍ତିରେ ଏକ ଅଟନ୍ତି । କେହି ତାହାର ସମକକ୍ଷ ନାହାଁନ୍ତି । ସମସ୍ତେ ତା ଉପରେ ନିର୍ଭରଶୀଳ । ଅଣୁ ଅଣୁ ତାଠାରୁ ଜୀବନ ପାଇଥାନ୍ତି । ସେ ପ୍ରତ୍ୟେକ ବସ୍ତୁଙ୍କ ପାଇଁ ଅନୁଗ୍ରହର ସ୍ରୋତ'' । (ଅର୍ଥାତ୍ ସାରା ସଂସାରକୁ ଲାଭ ପହଂଚାଉଥିବା ଓ ଅନୁଗ୍ରହ ପ୍ରଦାନ କରୁଥିବା ଅସ୍ତିତ୍ୱ ସେ ନିଜେ ଅଟେ । ତାଠାରୁ ହିଁ ସମସ୍ତ ଅନୁଗ୍ରହର ଝରଣା ବହୁଛି) । "ଏବଂ ସେ କାହାଠାରୁ ଅନୁଗ୍ରହ ପାଇନଥାଏ" । (ଅର୍ଥାତ୍ ତାକୁ କେହି ଲାଭ ପହଂଚାଇନଥାନ୍ତି । ସେ ନିଜେ ହିଁ ସଂସାରକୁ ଲାଭ ପହଂଚାଉଛନ୍ତି) "ସେ ନା ତ କାହାର ପୁତ୍ର ଅଟେ ଓ ନା ସେ କାହାର ବାପା ଅଟେ । ଓ କାହିଁକି ହେବ । କାରଣ ତା ସମକକ୍ଷ ନାହାଁନ୍ତି । ପବିତ୍ର କୋରାନ୍ ବାରମ୍ୱାର ଖୁଦାଙ୍କ ସମ୍ପୂର୍ଣ୍ଣତା ଓ ତାର ମହିମାକୁ ଲୋକମାନଙ୍କୁ ଧାନ ଆକର୍ଷଣ କରାଉଛି ଯେ ଦେଖ ଏହିପରି ଖୁଦାକୁ ହୃଦୟ ଗ୍ରହଣ କରିଥାଏ । ମୃତ ଓ ଦୁର୍ବଳ ଓ ଅଳ୍ପ ଶକ୍ତି ରଖିଥିବା ଖୁଦାକୁ ନୁହେଁ" । (ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ପୃଷ୍ଠା-୧୦୩, ବହଓ୍ୱାଲା ତଫ୍‌ସିର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ଖଣ୍ଡ-୪, ପୃଷ୍ଠା-୭୫୭)

ସୁରା ଏଖ୍‌ଲାସ୍, ସୁରା ଫଲକ୍ ଏବଂ ସୁରା ନାସ୍ ଅବତୀର୍ଣ୍ଣ ହେବା ସମ୍ୱନ୍ଧରେ ହଜ୍‌ରତ୍ ଉକ୍‌ବାବିନ୍ ଆମିର୍‌ଙ୍କ ଠାରୁ ବର୍ଣ୍ଣିତ ଅଛି । ସେ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେ ଆଜି ରାତିରେ ଏପରି ଆୟାତ୍ ଅବତୀର୍ଣ୍ଣ ହୋଇଛି କି ଏପରି ଆୟାତ୍ ପୂର୍ବରୁ କେବେ ଦେଖାଯାଇନାହିଁ ଓ ସେ ସବୁ ହେଉଛନ୍ତି ଅର୍ଥାତ୍ କୁଲ୍‌ହୁୱଲ୍ଲାହୋ ଆହଦ୍ ଓ କୁଲ୍‌ଅଉଜୁ ବିରବ୍‌ବିଲ୍ ଫଲକ୍ ଏବଂ କୁଲ୍ ଅଉଜୁ ବିରବ୍‌ବିନ୍ ନାସ୍ । (ସହି ମୁସ୍‌ଲିମ୍, କିତାବ୍ ସଲାତୁଲ୍ ମୁସାଫିରିନ୍ ୱ କସ୍‌ରିହା, ବାବ୍ ଫଜଲ୍ କିରାତ୍, ମାଉଜତଇନ୍)

ହଦିସ୍‌ରେ ତିନି କୁଲ୍ ପାଠ କରିବା ସମ୍ୱନ୍ଧରେ ହଜରତ ଉକ୍‌ବା ବିନ୍ ଆମିର କୁହନ୍ତି ଯେ ଥରେ ମୁଁ ଗୋଟିଏ ଯୁଦ୍ଧ ଗସ୍ତରେ ଆପଣ ସ:ଆ:ସଙ୍କ ସଓ୍ୱାରି (ଯେଉଁ ପଶୁ ଉପରେ ବସି ଯାତ୍ରା କରାଯାଏ) ର ଲଗାମ୍‌କୁ ଧରି ଆଗେ ଆଗେ ଚାଲୁଥିଲି । ସେହିକ୍ଷଣି ଆପଣ ସ:ଆ:ସ କହିଲେ ହେ ଉକ୍‌ବା ! ପଢ଼ । ମୁଁ ଆପଣଙ୍କ କଥାକୁ ଧାନର ସହିତ ଶୁଣିବାକୁ ଲାଗିଲି କି ଆପଣ ବୋଧହୁଏ କିଛି କହିବେ ଓ ମୁଁ ତାହା ଶୁଣିକରି ପଢ଼ିବି । ପୁଣି କିଛି ସମୟ ପରେ କହିଲେ ହେ ଉକ୍‌ବା ପଢ଼ । ପୁଣି ମୋର ଧାନ ଆପଣଙ୍କ ପ୍ରତି ଆକର୍ଷଣ କଲି କି ମୁଁ କଣ ପଢ଼ିବି ? ଆପଣ ସ:ଆ:ସ ତୃତୀୟଥର କହିବା ପରେ ମୁଁ ଆପଣଙ୍କ ଗୋଚରେ କହିଲି କଣ ପଢ଼ିବି ? ଏଥିରେ ଆପଣ ସ:ଆ:ସ କହିଲେ ସୁରା କୁଲ୍‌ହୁୱଲ୍ଲାହୋ ଆହାଦ୍ । ପୁଣି ଆପଣ ଏହି ସୋରାକୁ ଶେଷ ପର୍ଯ୍ୟନ୍ତ ପଢ଼ିଲେ । ଏହାପରେ ଆପଣ ସୁରା କୁଲ୍ ଅଉଜୁ ବିରବ୍‌ବିଲ୍ ଫଲକ୍ ଶେଷ ପର୍ଯ୍ୟନ୍ତ ପଢ଼ିଲେ । ମୁଁ ମଧ ଆପଣଙ୍କ ସହିତ ପଢ଼ି ଚାଲିଲି । ପୁଣି ଆପଣ ସ:ଆ:ସ ସୁରାକୁଲ୍ ଅଉଜୁବି ରବ୍‌ବିନ୍ ନାସି ଶେଷ ପର୍ଯ୍ୟନ୍ତ ପଢ଼ିଲେ, ମୁଁ ମଧ ଆପଣଙ୍କ ସହିତ ପଢ଼ି ଚାଲିଲି । ହଜରତ ମହମ୍ମଦ ସ.ଆ କହିଲେ କୌଣସି ବ୍ୟକ୍ତି ଏଭଳି ସୁରାଃ କିମ୍ୱା କଲାମ ସହିତ ଅଲ୍ଲାଃଙ୍କ ଶରଣ ଭିକ୍ଷା କରିନାହାନ୍ତି'' । (ସୁନନେ ନସାଇ, କିତାବୁଲ୍ ଇସ୍ତିଆଜାଃ, ହଦିସ୍ ନଂ-୫୪୩୦)

ଅର୍ଥାତ ଏହା ଏଭଳି କଲାମ ଓ ଦୁଆ ଅଟେ ଯଦ୍ୱାରା ମଣିଷ ଅଲ୍ଲାଃଙ୍କ ଶରଣରେ ଆସିଯାଇଥାଏ ଏବଂ କଦାପି ଧ୍ୱଂସ ହୋଇନଥାଏ ତଥା ସମସ୍ତ ପ୍ରକାରର ଅପକର୍ମରୁ ସୁରକ୍ଷିତ ରହିଥାଏ । ଆ'ଠାରୁ ବଳି ଅଲ୍ଲାଃଙ୍କ ଶରଣ ଭିକ୍ଷା କରିବାର ଅନ୍ୟ କୌଣସି ଉପାୟ ନାହିଁ ।

ପୁଣି ସୁରା ଫଲକ୍ ଏବଂ ସୁରା ନାସ୍ ସମ୍ୱନ୍ଧରେ ହଜ୍‌ରତ୍ ଉକ୍‌ବାବିନ୍ ଆମିର୍ ବର୍ଣ୍ଣନା କରି କହୁଛନ୍ତି କି-ମୁଁ ଗୋଟିଏ ଗସ୍ତରେ ରସୁଲୁଲ୍ଲା ସ:ଆ:ସଙ୍କ ସଓ୍ୱାରିର ଲଗାମ୍‌କୁ ଧରି ଚାଲୁଥିଲି । ଆପଣ ସ:ଆ:ସ କହିଲେ ହେଉ ଉକ୍‌ବା ! କଣ ମୁଁ ତୁମକୁ ଏପରି ଦୁଇଟି ସୁରା ଶିକ୍ଷାଇବି ନାହିଁ ଯାହାକୁ ପଢ଼ିବା ଦ୍ୱାରା ବହୁତ ଲାଭ ପହଂଚିଥାଏ । ଏଥିରେ ମୁଁ କହିଲି କାହିଁକି ନୁହେଁ ହେ ରସୁଲୁଲ୍ଲାଃ ! ଏଥିରେ ଆପଣ ସ:ଆ:ସ କହିଲେ-*କୁଲ୍ ଅଉଜୁବି ରବ୍‌ବିଲ୍ ଫଲକ୍ ଏବଂ କୁଲ୍ ଅଉଜୁବି ରବ୍‌ବିନ୍‌ନାସ୍* । ଏବଂ ଯେତେବେଳେ ଆପଣ ସ:ଆ:ସ ସକାଳର ନମାଜ ପଢ଼ିବା ପାଇଁ ରହିଲେ ସେତେବେଳେ ଆପଣ ଏହି ଦୁଇଟି ପାଠ କଲେ । ପୁଣି ଯେବେ ନମାଜ ପଢ଼ିସାରିଲେ ମୋ ଆଡକୁ ଚାହିଁଲେ ଓ କହିଲେ ହେ ଉକ୍‌ବା ! ତୁ (ଏହାକୁ) କିପରି ଦେଖୁଅଛୁ ? (ବୋଧହୁଏ ଏଇଥିପାଇଁ ଏହା କହିଥିବେ ଯେ ଏହି ଦୁଇଟି ଛୋଟ ଛୋଟ ସୁରା ଆପଣ ସ:ଆ:ସ ପଢ଼ିଛନ୍ତି । ସେଥିଯୋଗୁ କହିଲେ ଏଥିରେ ତ ସବୁକିଛି ଅଛି) । (ସୁନନେ ଅବୁଦାଉଦ୍, ଅବୁଓ୍ୱାବୁଲ୍ ୱିତର୍, ବାବ୍‌ଫିଲ୍ ମାଉଜତଏନ୍ ହଦିସ୍ ନଂ-୧୪୬୨)

ହଜରତ ଅବୁସୟିଦ୍ ବର୍ଣ୍ଣନା କରନ୍ତି ହଜୁର ସ.ଆ ଜିନ୍ ଓ ମଣିଷର ନଜର (କୁଦୃଷ୍ଟି)ରୁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରନ୍ତି କିନ୍ତୁ ଯେତେବେଳେ ମଉଜତିନ୍ (ସୁରାଃ) ଅବତୀର୍ଣ୍ଣ ହେଲା ଆପଣ ତାହାର ପାଠ କଲେ । (ସୁନନେ ଇବ୍‌ନେ ମାଜା କିତାବୁ ତିବ୍ ବାବ୍ ମନ୍ ଇସ୍ତରା କି ମିନଲ୍ ଅଇନି ହଦିସ୍ ନଂ-୩୫୧୧) ଏ ସମ୍ୱନ୍ଧରେ ପ୍ରଥମେ ଯାହା କିଛି ଦୁଆ ଥିଲା ସେ ସବୁକୁ ଶେଷ କରିଦେଲେ ଓ ଏହାକୁ ପଢୁଥିଲେ ।

ହଜରତ ଇବନେ ଆବିସ୍ କୁହନ୍ତି ଏକଦା ହଜରତ ମହମ୍ମଦ ସ.ଆ ମୋତେ କହିଲେ ହେ ଇବ୍‌ନେ ଅବ୍‌ବାସ୍ କ'ଣ ମୁଁ ତୁମକୁ ତଉଜ୍‌ର ସବୁଠାରୁ ଶ୍ରେଷ୍ଠ କଲମା ସମ୍ୱନ୍ଧରେ ଅବଗତ ନ କରାଇବି ? ଉତମ ରୂପେ ଶରଣ ଭିକ୍ଷା କିପରି କରାଯାଏ, ଯାହାଦ୍ୱାରା ଶରଣ ଭିକ୍ଷାକାରୀ ଶରଣ ଭିକ୍ଷା କରିଥାନ୍ତି । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ନିଶ୍ଚୟ କରାନ୍ତୁ- ଆପଣ କହିଲେ ତାହା ସୁରେ ଫଲକ୍ ଓ ସୁରେ ନାସ୍ ଅଟେ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୫, ପୃଷ୍ଠା-୩୨୨, ମସ୍‌ନଦଲ୍ ମକ୍କିଇନ୍, ହଦିସ୍ ଇବ୍‌ନେ ଆବିସ୍ ଅନିନ୍ ନବୀ ସ:ଆ:ସ, ହଦିସ୍ ନଂ-୧୫୫୨୭)

ପୁଣି ଆଉ ଜଣେ ସାହାବା ଅନ୍ତିମ ଦୁଇ ସୁରାଃର ଗୁରୁତ୍ୱ ଦର୍ଶାଇ କହିଲେ ଏକଦା ଆମେ ହଜୁର ସ.ଆଙ୍କ ସହିତ ଗୋଟିଏ ଯାତ୍ରାରେ ଥିଲୁ ହଜୁର ମୋ ପଛପଟରୁ ଆସି ମୋ କାନ୍ଧ ଉପରେ ହାତ ରଖି କହିଲେ ସୁରେ ଫଲକ୍ ପାଠକର । ମୁଁ ତାହା ପାଠ କରିନେଲି ଏବଂ ହଜୁର ମଧ ପାଠ କଲେ । ଏହିପରି ହଜୁର ସୁରେ ନାସ୍ ପାଠ କରିବାକୁ କହିଲେ ଓ ସ୍ୱୟଂ ପାଠ କଲେ, ମୁଁ ମଧ ତାହା ସମ୍ପୂର୍ଣ୍ଣ ପାଠ କରିନେଲି ଏବଂ କହିଲେ ତୁମେ ନମାଜ ପାଠ କଲାବେଳେ ମଧ ଏହି ସୁରାଃ ପାଠ କରିବ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃଷ୍ଠା-୯୧୮, ଅଓ୍ୱଲ୍ ମସ୍‌ନଦୁଲ୍ ବସ୍‌ରିଇନ୍, ହଦିସ୍ ରଜୁଲିନ୍ ଅନିନ୍‌ନବୀ ସ:ଆ:ସ, ହଦିସ୍ ନଂ-୨୧୦୨୫)

ଉକ୍‌ବା ବିନ୍ ଆମିର୍ ଜହନି କୁହନ୍ତି ମୁଁ ଗୋଟିଏ ଯାତ୍ରାରେ ହଜୁର ସ.ଆଙ୍କ ସାଙ୍ଗରେ ଥିଲି ଯେତେବେଳେ ଭୋର ହେଲା ହଜୁର ଅଜାନ୍ ଦେଲେ ଏବଂ ଅକାମତ୍ କହିଲେ ତାପରେ ମୋତେ ନିଜ ଦକ୍ଷିଣ ପାର୍ଶ୍ୱରେ ଛିଡ଼ା କରି ମଉଜତିନ୍ ପାଠ କଲେ ଏବଂ ନମାଜ ଶେଷ କରିବାପରେ କହିଲେ ତୁମେ (ମୋତେ) କିପରି ଦେଖିଲ ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ସତ୍ୟକୁ ଦେଖିନେଲି । ହଜୁର କହିଲେ ତୁମେ ଶୋଇବାକୁ ଗଲାବେଳେ ଓ ଶୟନ କରି ଉଠିବା ବେଳେ ଏହି ଦୁଇ ସୁରାଃ ପାଠ କର । (ଅଲ୍ ମୁସନିଫ୍ ଫିଲ୍ ଆହାଦିସ୍ ୱଲ୍ ଆସାର୍ ଅଜ୍ ଅବୁ ବକର୍ ବିନ୍ ଅବି ଶୈବାଃ, ଖଣ୍ଡ-୧, ପୃଷ୍ଠା-୪୦୩, କିତାବୁସ୍ ସଲାତ୍ ମନ୍ କାନା ୟୁଖଫ୍‌ଫିଫୁଲ୍ କିରାତ୍ ଫିସ୍ ସଫରେ, ହଦିସ୍ ନଂ-୩୬୮୮)

ସୁତରାଂ ଏହା ଅଟେ ଏହି ସୁରାଃଗୁଡ଼ିକର ଗୁରୁତ୍ୱ ଏବଂ ଏହି ଯୁଗରେ ଉକ୍ତ ସୁରାଃଗୁଡ଼ିକୁ ପାଠ କରିବାର ଗୁରୁତ୍ୱ ବେଶ୍ ବଢିଯାଇଛି । ଆମର ଆଧାତ୍ମିକ ଉନ୍ନତି ଓ ସଇତାନର ଆକ୍ରମଣରୁ ରକ୍ଷା ପାଇବା ତଥା ଆମ ଜମାଅତ ଓ ଇସଲାମ ବିରୋଧରେ ଯେଭଳି ସଡ଼ଯନ୍ତ୍ର ଚାଲିଛି ସେଥିରୁ ରକ୍ଷା ପାଇବା ନିମନ୍ତେ ଏହାର ପାଠ କରିବା ଅନିବାର୍ଯ୍ୟ । ଆଜିକାଲି ଗୋଟିଏ ପାର୍ଶ୍ୱରେ ଇସଲାମ ବିରୋଧରେ ଇସଲାମ ବିରୋଧିମାନେ ବେଶ୍ ଚତୁରତାର ସହିତ ସଡ଼ଯନ୍ତ୍ରର ଚେଷ୍ଟା ଚାଲାଇ ଥିବାବେଳେ ଅନ୍ୟପାର୍ଶ୍ୱରେ ନାମକୁ ମାତ୍ର (ଧାର୍ମିକ) ବିଦ୍ୱାନ ବୋଲାଉଥିବା ଓ ଇସଲାମ ମୁଖିଆମାନେ ଏଭଳି ପରିସ୍ଥିତି ଉପୁଯାଇ ବସିଛନ୍ତି ଯଦ୍ୱାରା ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ହୋଇସାରିଛି । ମୁସଲମାନ ବିଦ୍ୱାନମାନେ ମସିହ ମଉଦଙ୍କ ବିରୋଧରେ ସାଧାରଣ, ସରଳ ମୁସଲମାନମାନଙ୍କୁ ପ୍ରବର୍ତାଇ ସଇତାନୀ ଶକ୍ତିର ହାତ ସୁଦୃଢ ହେବାକୁ ସୁଯୋଗ ପ୍ରଦାନ କରୁଛନ୍ତି ଏବଂ ଏପରି ଅନ୍ଧାର (ଅସତ୍) ନିଜ ଶିର୍ଷରେ ପହଂଚିଯାଇଛି । ସୁରା ଫଲକ୍ ପ୍ରସଙ୍ଗରେ ଏ କଥାକୁ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ କୁହନ୍ତି ତୁମେମାନେ ଯେ ମସିହ ମଉଦଙ୍କ ଶତ୍ରୁମାନଙ୍କର ନିଦର୍ଶନ ଅଟ ଏପରି ଦୁଆ କର କି ମୁଁ ସୃଷ୍ଟିର ଆକ୍ରମଣରୁ ଯେ କି ପ୍ରତ୍ୟକ୍ଷ ଓ ପରୋକ୍ଷ ଶତ୍ରୁ ଅଟେ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଅଛି, ଯେ ସକାଳର ମାଲିକ ଅର୍ଥାତ ଆଲୋକ ପ୍ରଦାନ କରିବାର କ୍ଷମତା ରଖୁଛନ୍ତି । (ଏହି ଆଲୋକ ଆଧାତ୍ମିକ ଅଟେ ଯାହାକି ହଜରତ ମସିହ ମଉଦ ଆ.ସଙ୍କ ଆଗମନକ୍ରମେ ପ୍ରକାଶିତ ହୋଇଅଛି) "ଏବଂ ମୁଁ ଅନ୍ଧାର ରାତିର କ୍ଷତିକାରକ ଶକ୍ତି କବଳରୁ ଯାହାକି ମସିହ ମଉଦଙ୍କ ଅମାନ୍ୟକରିବାର ବିଭ୍ରାଟ, ବିଶୃଙ୍ଖଳାକାରୀ ରାତି ଅଟେ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଅଛି" । (ତୋହ୍‌ଫା ଗୋଲଡ଼ିୟା, ପୃଷ୍ଠା-୭୮, ହଓ୍ୱାଲା ତଫ୍‌ସିର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ଖଣ୍ଡ-୪, ପୃଷ୍ଠା-୭୬୨)

ହଜୁର ଅନଓ୍ୱର ଅ.ବ କହିଲେ- ସେମାନଙ୍କ ମଧରୁ ଗୋଟିଏ ଇସଲାମ ବିରୋଧି ଦଳ ଅଟେ ଯେ ଇସଲାମୀୟ ଶିକ୍ଷାର ବିରୋଧ ପ୍ରଦର୍ଶନ କରୁଛନ୍ତି ଦ୍ୱିତୀୟରେ ମୌଲବିମାନେ ଯେ ନିଜ ଭ୍ରମ ଧାରଣାକୁ ବର୍ଜନ କରିବାକୁ ପ୍ରସ୍ତୁତ ନାହାନ୍ତି ଏବଂ ମସିହ୍ ମଉଦ୍‌ଙ୍କ ବିରୁଦ୍ଧରେ ଲୋକମାନଙ୍କୁ ପ୍ରବର୍ତାଇବାରେ ବ୍ୟସ୍ତ ଅଛନ୍ତି । ଯେଉଁମାନଙ୍କ ମଧରେ ପାକିସ୍ତାନର ମୌଲବିମାନେ ହେଉଛନ୍ତି ସର୍ବପ୍ରଥମ ।

ଅତଃ ଏପରି ଅବସ୍ଥାରେ ବିଶେଷକରି ପାକିସ୍ତାନ ଅହେମଦିମାନଙ୍କୁ ଏହି ସୁନ୍ନତ ମୁତାବକ ଅମଳ କରିବା ନିତ୍ୟାନ୍ତ ଜରୁରୀ ଅଟେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ସୁରେ ଫଲକ୍‌ରେ **ଶର୍‌ରି ଗାସିକିନ୍ ଇଜା ୱକବ୍** କୁହାଯାଇଛି ଏଥିରେ ଅନ୍ଧାର ରାତିର ଶର୍ (କ୍ଷତିକାରକ)ର ବିଭ୍ରାଟରୁ ରକ୍ଷା ପାଇବା ନିମନ୍ତେ ଦୁଆ ଶିଖାଯାଇଛି । **ଗାସିକ୍** କୁହନ୍ତି ରାତିକୁ ଏବଂ **ୱକବ୍**ର ଅର୍ଥ ଅନ୍ଧାର ଓ ଅନ୍ଧାରର ପରିବ୍ୟାପ୍ତ ହେବାକୁ ବୁଝାଯାଇଥାଏ । ଅତଏବ ଏହି ଅନ୍ଧାର ରାତିର ବିଭ୍ରାଟ ହଜରତ ମସିହ ମଉଦ ଆ.ସଙ୍କ ଅମାନ୍ୟ କରିବାର ଅନ୍ଧାର ପରିବ୍ୟାପ୍ତ ହେବା ଅଟେ ଯେଉଁଥିରୁ ରକ୍ଷା ପାଇବା ନିମନ୍ତେ ଦୁଆ କରିବାର ଶିକ୍ଷା ଦିଆଯାଇଛି । ଏବଂ ଆଲୋକ ପରେ ଅନ୍ଧାରର ଫିତ୍‌ନାରୁ ବଂଚିବା ପାଇଁ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଏହି ଦୁଆଗୁଡିକୁ ପ୍ରତ୍ୟହ ନିୟମିତ ରୂପେ ପଢ଼ ଯଦ୍ୱାରା ଏକଶ୍ୱରବାଦ ଉପରେ ମଧ୍ୟ କାଏମ୍ ରହିବ ଓ ଅନ୍ଧକାରର ଫିତ୍‌ନାରୁ ମଧ୍ୟ ବଂଚିଯିବ । ଦୁଃଖଦ ମୁସଲମାନମାନଙ୍କ ଅବସ୍ଥାରେ କି ଅଲ୍ଲାଃ ସେମାନଙ୍କୁ ଏକ ଦୁଆ ଶିଖାଇଲେ କିନ୍ତୁ ସେମାନେ ତାହାର ଖାତିର୍ କଲେ ନାହିଁ । ଅଧିକାଂଶ ମୁସଲମାନମାନେ ତ ଏହି ବିଭ୍ରାଟରେ ବୁଡ଼ିଚାଲିଛନ୍ତି ଏବଂ ଏଥିପାଇଁ ଆଜି ଅଣମୁସଲମାନମାନଙ୍କୁ ଇସଲାମ ଉପରେ ଆପତି କରିବାର ସୁଯୋଗ ମିଳୁଅଛି । ତେବେ ସେ ଯାହା ହେଉ ମୁସଲମାନମାନଙ୍କ ଏପରି ଅବସ୍ଥା ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଅଛି କି ଆମେ ଏହି ସୁରାଃଗୁଡ଼ିକୁ ମନଯୋଗ କରି ପାଠ କରିବା ଯଦ୍ୱାରା ଆମେ ସେହି ଅନ୍ଧକାରମୟ ବିଭ୍ରାଟରୁ ରକ୍ଷା ପାଇପାରିବା । ଶର୍‌ରିନ୍ ନଫ୍‌ଫାସାତି ଫିଲ୍ ଉକଦି ଦ୍ୱାରା ମଧ୍ୟ ଅଲ୍ଲାଃତାଲାଙ୍କ ଶରଣରେ ରହିବେ । ଯେଉଁ ନଫ୍‌ଫାସାତ୍‌ର କୁପ୍ରଭାବ ଅଛି, ଯେଉଁ ଗଣ୍ଠି ପଡ଼ିଛି ସେଥିରୁ ମଧ୍ୟ ଆମେ ବଂଚି ଅଲ୍ଲାଃତାଲାଙ୍କ ଶରଣରେ ରହିବା ଅର୍ଥାତ୍ ସେହି ଲୋକମାନଙ୍କଠାରୁ ଯେଉଁମାନେ ଇସ୍‌ଲାମ୍ ଓ ଅହେମଦୀୟତ୍ ବିରୋଧରେ ବ୍ୟାପକ ରୂପେ ଲୋକମାନଙ୍କ ହୃଦୟରେ ବିଦ୍ୱେଷଭାବ ସୃଷ୍ଟି କରୁଛନ୍ତି, ଓ ସେଥିରେ ଯେପରିକି ମୁଁ କହିଲି ଅଣ ମୁସ୍‌ଲିମ୍ ଓ ତଥାକଥିତ ୱଲେମା ଏଇ ଦୁଇଟିଗୋଷ୍ଠୀ ସାମିଲ୍ ଅଛନ୍ତି । ପ୍ରଥମତଃ ଦୀନ୍‌ର ଖିଲାଫ୍ ହେବା ଯୋଗୁଁ ସେ ନିଜର କାର୍ଯ୍ୟକ୍ରମ କରୁଛନ୍ତି ଓ ଅଣ ମୁସ୍‌ଲିମ୍‌ମାନେ ଇସ୍‌ଲାମ୍‌କୁ ବିରୋଧ କରିବା ଯୋଗୁ ନିଜର କାର୍ଯ୍ୟକ୍ରମ କରୁଛନ୍ତି । ଓ ଦ୍ୱିତୀୟତଃ ଧର୍ମ ନାମରେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଦୂତଙ୍କ ବିରୋଧରେ ଲୋକମାନଙ୍କୁ ଭଡକାଇ ଏହିସବୁ କାର୍ଯ୍ୟକଳାପ କରୁଅଛନ୍ତି । ତେଣୁ ଏହି ଦୁଇ ଗୋଷ୍ଠୀ ଉକ୍ତ ପରିଧି ଭିତରେ ସାମିଲ୍ ଅଛନ୍ତି । ଯେଉଁମାନଙ୍କ ନିମନ୍ତେ ଅଲ୍ଲାଃତାଲା କହୁଛନ୍ତି ୱମିନ୍ ଶର୍‌ରିନ୍ ନଫାସାତି ଫିଲ୍ ଉକଦି ।

ସୁରେ ନାସ୍‌ରେ ଅଲ୍ଲାଃତାଲା ପାଳନକର୍ତା, ମାଲିକ ଏବଂ ବାସ୍ତବିକ ଉପାସ୍ୟ ହେବା ସମ୍ବନ୍ଧରେ ଏହା ବର୍ଣ୍ଣନା କରିଛନ୍ତି । ଏହା ବର୍ଣ୍ଣନା କରି ସେ ମଣିଷକୁ ସଇତାନର **ଓସୋସେ** (ପ୍ରବର୍ତାଇବା)ରୁ ନିବୃତ ରହିବାର ଦୁଆ ଶିଖାଇଛନ୍ତି । ଆଜିକାଲି ନାସ୍ତିକତା ଓ ସାଂସାରିକ ମାୟାମୋହ ଲାଳସା ବେଶ୍ ଜୋର ଧରିଛି ଏବଂ ସଂସାର ନିଜ ପଞ୍ଜାକୁ ସମାଜରେ ଏଭଳି ଦୃଢ ଭାବରେ କସିଦେଇଛି କି ଆମ ଯୁବପିଢୀ ସେଥିରେ କବଳିତ ହୋଇ ଚାଲିଛନ୍ତି । ସୁତରାଂ ଏହି ଦୁଆ ଯେତେବେଳେ ଆମେ ପାଠ କରି ନିଜ ଉପରେ ଫୁଙ୍କିବା ଓ ନିଜ ପିଲାମାନଙ୍କ ଉପରେ ଫୁଙ୍କିବା ଯଦ୍ୱାରା ସମସ୍ତ ପ୍ରକାର କ୍ଷତିକାରକ ଶକ୍ତିରୁ ଆମ ଯୁବପିଢି ସୁରକ୍ଷିତ ରହିବ ଏବଂ ସେମାନେ ଧର୍ମ ମାର୍ଗରେ ପ୍ରତିଷ୍ଠିତ ରହି ଅଲ୍ଲାଃଙ୍କ ଏକେଶ୍ୱରବାଦକୁ ବୁଝିବାରେ ସକ୍ଷମ ହେବେ ।

ଅଲ୍ଲାଃତାଲା କରନ୍ତୁ କି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହି ସୁରାଃଗୁଡ଼ିକର ବିଷୟବସ୍ତୁକୁ ବୁଝି ହଜରତ ମହମ୍ମଦ ସ.ଆଙ୍କ ସୁନ୍ନତରେ ପରିଚାଳିତ ହୁଅନ୍ତୁ । ଅଲ୍ଲାଃଙ୍କ ଏକେଶ୍ୱରବାଦର ବିଷୟ ଆମ ଉପରେ ଉନ୍ମୁକ୍ତ ହେଉ ତାଙ୍କ ବ୍ୟତୀତ ଆମେ ଅନ୍ୟ କାହା ଆଗରେ ନତମସ୍ତକ ନହେଉ ଏବଂ ତାଙ୍କୁ ହିଁ ସକଳ ଶକ୍ତିର ଉତ୍ସ ମଣି କେବଳ ହୃଦୟରୁ ନୁହେଁ ବରଂ ନିଜର ପ୍ରତ୍ୟେକ ଅମଲ ଦ୍ୱାରା ପ୍ରମାଣିତ କରି ଦେଖାଉ କି କେବଳ ସେ ହିଁ ସମସ୍ତ ଶକ୍ତିର ଉତ୍ସ, ଆଲୋକର ଉତ୍ପତିସ୍ଥଳି ଓ ସମସ୍ତ ପ୍ରକାର କୃପା ପ୍ରଦାନକାରୀ ଅଟନ୍ତି । ପ୍ରାଣୀମାନଙ୍କ କୁପ୍ରଭାବରୁ ବଂଚିବା ପାଇଁ ପ୍ରାଣୀଙ୍କ ଠାରୁ ଆଶା ରଖିବା ପରିବର୍ତେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା ଉଚିତ୍ । ହଜରତ୍ ମସିହ୍ ମଉଦ୍ ଆ:ସ କୁ ମାନି ଆମେ ଯେଉଁ ଆଲୋକ ପ୍ରାପ୍ତ କରିଛେ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ବାସ୍ତବିକ ଜ୍ୟୋତିର ଛାୟା ଅଟେ, ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ ଅଲ୍ଲାଃତାଲା ଆମକୁ ଏହା ଉପରେ ସର୍ବଦା କାଏମ୍ ରଖନ୍ତୁ । ଏବଂ ଆମେ କଦାପି ଅନ୍ଧକାରରେ ଏଣେତେଣେ ନବୁଲୁ । ଏବଂ ଅଲ୍ଲାଃତାଲାଙ୍କ ପୁରସ୍କାର ମଧ୍ୟରୁ ଖିଲାଫତ୍‌ର ଯେଉଁ ପୁରସ୍କାର ଅଛି ତାହା ଆମକୁ ମିଳିଛି, ଏହା ସହିତ ସର୍ବଦା ସଂଲଗ୍ନ ରହିବା । ପ୍ରତ୍ୟେକ କ୍ଷତିକାରୀଙ୍କ କ୍ଷତିରୁ ଅଲ୍ଲାଃତାଲା ଆମକୁ ନିଜ ଶରଣରେ ନେଇ ବଂଚାନ୍ତୁ । ସେ ସାଂସାରିକ କ୍ଷତି ହେଉ ବା ଧାର୍ମିକ କ୍ଷତି ହେଉ । ପ୍ରତ୍ୟେକ ଇର୍ଶାଳୁଙ୍କ ଇର୍ଶାରୁ ଓ ସେମାନଙ୍କର କ୍ଷତିରୁ ଅଲ୍ଲାଃତାଲା ଆମକୁ ସୁରକ୍ଷା ପ୍ରଦାନ କରନ୍ତୁ । ଆମେ ସର୍ବଦା ଖୁଦାତାଲାଙ୍କୁ ହିଁ ନିଜର ପାଳନକର୍ତା ରୂପେ ମାନି ତାର ଶରଣାଗତ ହେବା ଉଚିତ୍ । ଏବଂ ସମସ୍ତ ସମ୍ରାଟଙ୍କ ଠାରୁ ବଡରୁ ବଡ ଖୁଦାତାଲାଙ୍କୁ ହିଁ ମଣିବା ଉଚିତ୍ । ସେ ସମସ୍ତଙ୍କର ସମ୍ପୂର୍ଣ୍ଣ ମାଲିକ ବୋଲି ବିଶ୍ୱାସ ରଖିବା ଉଚିତ୍ । ତେଣୁ ସେହି ବାସ୍ତବିକ ଉପାସ୍ୟଙ୍କ ଉପାସନାର ହକ୍‌କୁ ଆମେ ପ୍ରଦାନ କରି ସର୍ବଦା ତା ଶରଣରେ ଆସିବା ପାଇଁ ଚେଷ୍ଟା କରିବା ଓ ସଇତାନି ଶକ୍ତିର କୁପ୍ରଭାବରୁ ବଂଚିବା । ତେଣୁ ଅଲ୍ଲାଃତାଲାଙ୍କ ଶରଣାଗତ ହୁଅନ୍ତୁ । ଏବଂ ନିଜ ମନକୁ ମଧ୍ୟ ପ୍ରତ୍ୟେକ ପ୍ରକାରର କୁଚିନ୍ତାରୁ ପବିତ୍ର ରଖିବା ପାଇଁ ଚେଷ୍ଟା କରନ୍ତୁ । ସେଥିପାଇଁ ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରାଯାଏ ।

ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ନିୟମିତ ଶୋଇବା ପୂର୍ବରୁ ଏହି ଆୟତ ଗୁଡିକ ପଢ଼ି, ଏହି ଦୁଆ ଗୁଡିକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ପଢ଼ି ନିଜ ଉପରେ ଫୁଙ୍କିବା ବାଲା ହେବା । ଅଲ୍ଲାଃତାଲା ଆମକୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

---

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା- ୯ ର ଅବଶିଷ୍ଟାଂଶ.......*

ନଭେମ୍ବର୍ ୧୯୬୫, ସ୍ୱାନେହ୍ ଫଜ୍‌ଲେ ଉମର୍, ଖଣ୍ଡ-୩, ପୃଷ୍ଠା-୧୬୮)

ଏକଦା ଆମେରିକାର ଜଣେ ପାଦ୍ରୀ କାଦିଆନ୍ ଆସିଲା । ଏହା ମଧ୍ୟ ଅନ୍ତ ଓ ବାହ୍ୟ ଜ୍ଞାନରେ ପରିପୂର୍ଣ୍ଣ ହେବା ଗୋଟିଏ ଦୃଷ୍ଟାନ୍ତ ଅଟେ । ୧୯୧୪ ମସିହାର କଥା ସେ କିଛି ଅହେମଦୀଙ୍କ ସମ୍ମୁଖରେ କିଛିଟା ଧାର୍ମିକ ପ୍ରଶ୍ନ ଉପସ୍ଥାପନ କଲେ ଯେଉଁଗୁଡିକ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା । ତତ୍ ସହିତ ସେ ଏହା ମଧ୍ୟ କହିଲେ କି ମୁଁ ଆମେରିକାରୁ ଏଠାକୁ ଆସିଛି ଓ ମୁଁ ଅନେକ ୱଲେମାଙ୍କ ସମ୍ମୁଖରେ ଏହି ସବୁ ପ୍ରଶ୍ନ ରଖିସାରିଛି କିନ୍ତୁ ଏପର୍ଯ୍ୟନ୍ତ ଶାନ୍ତ୍ୱନାମୂଳକ ଉତର ପାଇପାରିନାହିଁ । ତେଣୁ ମୁଁ ଏଠାକୁ ଉକ୍ତ ପ୍ରଶ୍ନଗୁଡିକୁ ଆପଣଙ୍କ ଖଲିଫାଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆସିଛି । ଦେଖିବି ସେ କଣ ଏହାର ଉତର ଦେଉଛନ୍ତି ? ମୌଲବୀ ଉମରଦ୍ଦିନ୍ ଶିମ୍‌ଲୁଇ ସାହେବ୍ ବର୍ଣ୍ଣନା କରୁଛନ୍ତି କି ସେହି ପ୍ରଶ୍ନଗୁଡିକ ଏପରି ଅଜବ ପ୍ରକାରର ଥିଲା କି ସେଗୁଡିକ ଶୁଣିବା ପରେ ମୋତେ ବିଶ୍ୱାସ ହୋଇଗଲା ଯେ ହଜ୍‌ରତ୍ ସାହେବ୍ ବର୍ତମାନ୍ ସମ୍ପୂର୍ଣ୍ଣ ରୂପେ ଯୁବକ ଅଟନ୍ତି ଏବଂ ଏଲାହିୟାତ୍ (ଇଶ୍ୱର ସମ୍ବନ୍ଧିତ ଜ୍ଞାନ) ର କୌଣସି ନିୟମିତ ଶିକ୍ଷା ଆପଣ ମଧ୍ୟ ନେଇନାହାଁନ୍ତି । ବୟସ ମଧ୍ୟ କମ୍ ଏବଂ ଜ୍ଞାନ ମଧ୍ୟ କମ୍ ଅଟେ । ତେଣୁ ସେ ଏହି ପ୍ରଶ୍ନ ଗୁଡିକର ଉତର କଦାପି ଦେଇପାରିବେ ନାହିଁ । ଏହିପରି ସିଲ୍‌ସିଲା ଅହେମଦୀୟାର ବହୁତ ବଡ଼ ବଦ୍‌ନାମୀ ହେବ" । (ସାରା ସଂସାରରେ ଅପମାନିତ ହେବ) "କାରଣ ଯଦି ହଜ୍‌ରତ୍ ସାହେବ୍ ସେ ବ୍ୟକ୍ତିଙ୍କ ପ୍ରଶ୍ନ ଗୁଡିକର ଉତର ନଦେଇପାରିବେ ତେବେ ଏହି ଆମେରିକୀୟ ପାଦ୍ରୀଜଣକ ଫେରିଯାଇ ସାରା ଦୁନିଆରେ ଏକଥା ପ୍ରପଗଣ୍ଡା କରିଦେବ କି ଅହେମଦୀଙ୍କ ଖଲିଫା କିଛି ଜାଣନ୍ତି ନାହିଁ ଓ ଇସାଇ ମାନଙ୍କ ମୁକାବିଲାରେ କଦାପି ଟିକ୍ଷି ପାରନ୍ତି ନାହିଁ । ସେ କେବଳ ନାମକୁ ମାତ୍ର ଖଲିଫା । ନଚେତ୍ ବୁଦ୍ଧିର ଲେସମାତ୍ର ତାଙ୍କ ପାଖରେ ନାହିଁ" । (ଏହା ମୌଲବୀ ସାହେବ୍‌ଙ୍କର ଭାବନା ଥିଲା, ପୁଣି ସେ କହୁଛନ୍ତି) "ଏହିପରି ଅବସ୍ଥାକୁ ଦେଖି ମୁଁ ବହୁତ ହଇରାଣ ହୋଇଗଲି ଏବଂ ମୁଁ ଏଥିପାଇଁ ଚେଷ୍ଟା କଲି କି ଉକ୍ତ ଆମେରିକୀୟ ପାଦ୍ରୀଜଣକ ହଜ୍‌ରତ୍ ସାହେବ୍‌ଙ୍କ ସହିତ ନ ମିଶି ଏହିପରି ଫେରିଯାଆନ୍ତୁ କିନ୍ତୁ ମୋର ଏହି ଚେଷ୍ଟା ଅସଫଳ ହେଲା । ସେ ବ୍ୟକ୍ତିଜଣକ ଏକଥାରେ ଅଟଳ ଥିଲା କି ମୁଁ ନିଶ୍ଚିତ ରୂପେ ମିଶିକରି ଯିବି । ପୁଣି ସେ କହୁଛନ୍ତି-ମୁଁ ବିବସ ହୋଇ ହଜ୍‌ରତ୍ ସାହେବ୍‌ଙ୍କ ପାଖକୁ ଗଲି ଏବଂ କହିଲି କି ଆମେରିକାରୁ ଜଣେ ପାଦ୍ରୀ ଆସିଛନ୍ତି ଓ ସେ କିଛି ପ୍ରଶ୍ନ ପଚାରିବାକୁ ଚାହୁଁଛନ୍ତି । ଏବେ କଣ କରିବା । ଏଥିରେ ହଜ୍‌ରତ୍ ସାହେବ୍ ତୁରନ୍ତ କହିଲେ ତେବେ ତାକୁ ଡାକିଆଣ । ପୁଣି ସେ କହୁଛନ୍ତି ମୁଁ ତାକୁ ନେଇ ଉପସ୍ଥିତ ହେଲି । ଏହି ଦୁଇଜଣଙ୍କ ମଧ୍ୟରେ ତର୍ଜୁମାନ୍ (ଅନୁବାଦକ) ମୁଁ ହିଁ ଥିଲି । ସେ କହୁଛନ୍ତି ଉକ୍ତ ଆମେରିକୀୟ ପାଦ୍ରୀଜଣକ କିଛି ତଥାକଥିତ ବାର୍ତାଳାପ ପରେ ନିଜର ପ୍ରଶ୍ନଗୁଡିକୁ ହଜ୍‌ରତ୍ ସାହେବ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କଲେ ଯାହାକୁ ଅନୁବାଦ କରି ମୁଁ ଶୁଣାଇଦେଲି । ଓ ହଜ୍‌ରତ୍ ମୁସ୍‌ଲେ ମଉଦ୍ ବହୁତ ଧୈରସ୍ଥିରତାର ସହିତ ସେହି ସବୁ ପ୍ରଶ୍ନଗୁଡିକ ଶୁଣିଲେ ଏବଂ ତତ୍‌କ୍ଷଣାତ୍ ତାଙ୍କୁ ଏପରି ଶାନ୍ତ୍ୱନା ମୂଳକ ଉତର ଦେଲେ କି ମୁଁ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ମୋତେ କଦାପି ଏ ବିଶ୍ୱାସ ନଥିଲା କି ଉକ୍ତ ପ୍ରଶ୍ନଗୁଡିକର ଉତର ହଜ୍‌ରତ୍ ସାହେବ ଏତେ ବୁଦ୍ଧିମତାର ସହିତ ଦେଇପାରିବେ ବୋଲି । ଯେବେ ମୁଁ ଏହି ଉତର ଗୁଡିକୁ ଇଂରାଜୀ ଭାଷାରେ ସେହି ଆମେରିକୀୟ ପାଦ୍ରୀକୁ ଶୁଣାଇଲି ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲା । ଓ କହିଲେ- ମୁଁ ଆଜି ପର୍ଯ୍ୟନ୍ତ ଏପରି ବୌଦ୍ଧିକ ବାର୍ତାଳାପ ଓ ଏପରି ପ୍ରାମାଣିକ ବକ୍ତବ୍ୟ କାହା ମୁଖରୁ ଶୁଣିନାହିଁ । ଜଣାପଡୁଛି ଯେ ଆପଣଙ୍କର ଖଲିଫା ବହୁତ ବଡ଼ ସ୍କଲାର୍ ଅଟନ୍ତି ଏବଂ ସମଗ୍ର ଧର୍ମ ବିଷୟରେ ତାଙ୍କର ଦୃଷ୍ଟିକୋଣ ବହୁତ ଗଭୀର ଅଟେ । ଏହା କହି ସେ ବହୁତ ସମ୍ମାନର ସହିତ ହଜ୍‌ରତ୍ ସାହେବ୍‌ଙ୍କ ହାତକୁ ଚୁମା ଦେଲେ ଓ ପୁଣି ଫେରି ଚାଲିଗଲେ । (ଉଦ୍ଧୃତ ମାହାନାମା ଖାଲିଦ୍ ସୟଦ୍‌ନା ମୁସ୍‌ଲେହ୍ ମଉଦ୍ ର:ଅ ବିଶେଷାଙ୍କ ଜୁନ୍, ଜୁଲାଇ ୨୦୦୮, ପୃଷ୍ଠା-୩୧୯-୩୨୦)

୧୯୪୫ ମସିହାରେ ହଜରତ ମୁସଲେହ ମଉଦ ର.ଅ ଅହେମଦିୟା ଚିକିତ୍ସାଳୟ ଲାହୋରଠାରେ "ଇସଲାମୀୟ ଅର୍ଥନୀତି ବ୍ୟବସ୍ଥା" ନାମରେ ଗୋଟିଏ ଆକର୍ଷଣ ପୂର୍ଣ୍ଣ ବକ୍ତୃତା ଉପସ୍ଥାପନ କଲେ । ସାଂସାରିକ ଜ୍ଞାନରେ ତାଙ୍କୁ ଏକ ବିଶେଷ ଜ୍ଞାନ ଥିଲା । ବକ୍ତୃତା ଶେଷ ହେବା ପରେ ଜଲସାର ସଭାପତି ଶ୍ରୀମାନ ଲାଲା ରାମଚନ୍ଦ୍ର ସାହେବ ଏକ ସଂକ୍ଷିପ୍ତ ବକ୍ତୃତାରେ କହିଲେ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେକରୁଅଛି କି ମୋତେ ଏଭଳି ପ୍ରଭାବଶାଳୀ ବକ୍ତୃତା ଶୁଣିବାର ଅବସର ମିଳିଲା । ଯେଉଁ ବକ୍ତୃତା ବର୍ତମାନ ଆପଣମାନେ ଶୁଣିଲେ ସେଥିରେ ସେ ଅତି ନୂତନ ଓ ମୂଲ୍ୟବାନ ତଥ୍ୟ ରଖିଛନ୍ତି । ଯେଉଁଥିରୁ ମୁଁ ବହୁତ ଉପକୃତ ହେଲି ଏବଂ ମୁଁ ମନେକରୁଅଛି କି ଆପଣମାନେ ମଧ୍ୟ ଏଥିରୁ ନିଶ୍ଚିତ ରୂପେ ଉପକୃତ ହୋଇଥିବେ । ମୋତେ ଏକଥାରେ ବହୁତ ଆନନ୍ଦ ଲାଭ ହେଲା କି ଏହି ଜଲ୍‌ସାରେ ନା କେବଳ ମୁସଲ୍‌ମାନ୍ ବରଂ ଅଣ ମୁସଲ୍‌ମାନେ ମଧ୍ୟ ସାମିଲ୍ ହୋଇଛନ୍ତି ଓ ମୋତେ ବହୁତ ଖୁସି ଲାଗୁଛି କି ମୁସଲ୍‌ମାନ୍ ଓ ଅଣ ମୁସଲ୍‌ମାନଙ୍କ ସମ୍ପର୍କରେ ବହୁତ ସୁଧାର ହେଉଅଛି । ଜମାତ୍ ଅହେମଦୀୟାର ଅନେକ ସମ୍ମାନୀୟ ବନ୍ଧୁମାନଙ୍କ ସହିତ ମୋତେ ବାର୍ତାଳାପ କରିବା ପାଇଁ ଅବସର ମିଳୁଛି । ଏହି ଜମାତ୍ ଇସ୍‌ଲାମ୍‌ର ଏପରି ବ୍ୟାଖ୍ୟା କରିଥାଏ ଯାହା ଏ ଦେଶ ପାଇଁ ବହୁତ ଲାଭଦାୟକ । ପ୍ରଥମତଃ ମୁଁ ଭାବୁଥିଲି ଓ ଏହା ମୋର ଭୁଲ୍ ଥିଲା କି ଇସ୍‌ଲାମ୍ କେବଳ ନିଜ କାନୁନ୍ ଗୁଡିକରେ ମୁସଲ୍‌ମାନ୍‌ଙ୍କର ଧ୍ୟାନ ରଖିଥାଏ ବୋଲି ଓ ଅଣ ମୁସଲ୍‌ମାନଙ୍କର କୌଣସି ଧ୍ୟାନ ରଖିନଥାଏ କିନ୍ତୁ ଆଜି ଇମାମ୍ ଜମାତ୍ ଅହେମଦୀୟାଙ୍କ ବକ୍ତବ୍ୟରୁ ଜଣାପଡ଼ିଲା କି ଇସ୍‌ଲାମ୍ ସମଗ୍ର ମାନବଜାତି ଭିତରେ ସମାନତାର ଶିକ୍ଷା ଦେଇଥାଏ । ତେଣୁ ମୋତେ ଏହା ବହୁତ ଖୁସି ଲାଗିଲା । ମୁଁ ଅଣ ମୁସ୍‌ଲିମ୍ ବନ୍ଧୁମାନଙ୍କୁ ଯାଇ କହିବି କି ଏହି ପ୍ରକାରର ଇସ୍‌ଲାମ୍‌ର ସମ୍ମାନ କରିବାରେ କଣ ଅସୁବିଧା ରହିଛି ? ଆପଣମାନେ ଯେଉଁପରି ଶାନ୍ତି ଓ ଧୈରତାର ସହିତ ଅଢ଼େଇଘଂଟା ପର୍ଯ୍ୟନ୍ତ ହଜୁର୍‌ଙ୍କର ବକ୍ତବ୍ୟକୁ ଶୁଣିଲେ ଯଦି କୌଣସି ୟୁରୋପୀୟ ବ୍ୟକ୍ତି ଏହା ଦେଖିଥାଆନ୍ତା ତେବେ ସେ ଆଶ୍ଚର୍ଯ୍ୟ ହୋଇଥାନ୍ତା କି ହିନ୍ଦୁସ୍ତାନ୍ ଏତେ ଉନ୍ନତି କରିଗଲାଣି । ଏଠାରେ ଯେଉଁଠି ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ଆପଣମାନେ ବହୁତ ଧୈରସ୍ଥିର ଭାବେ ଏହି ବକ୍ତବ୍ୟକୁ ଶୁଣିଲେ । ସେଠାରେ ମୁଁ ନିଜ ତରଫରୁ ଓ ଆପଣମାନଙ୍କ ତରଫରୁ ହଜରତ ଇମାମ ଜମାଅତ ଅହେମଦିୟାଙ୍କୁ ବାରମ୍ବାର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଅଛି ଯେ ନିଜର ଅତ୍ୟନ୍ତ ମୂଲ୍ୟବାନ ବକ୍ତୃତା ଦ୍ୱାରା ଆମକୁ ଲାଭବାନ କଲେ । (ଉଦ୍ଧୃତ ତାରିଖେ ଅହେମଦୀୟତ୍ ଖଣ୍ଡ-୧୦, ପୃଷ୍ଠା-୪୯୫-୪୯୬, ମୁଦ୍ରଣ କାଦିଆନ୍ ୨୦୦୭ ମସିହା)

ପାଟନା ବିଶ୍ୱବିଦ୍ୟାଳୟର ଉର୍ଦ୍ଦୁ ବିଭାଗ ଅଧ୍ୟକ୍ଷ ଶ୍ରୀମାନ ଅଖତର୍ ଅୱରିନୱି ସାହେବ ଏମ.ଏ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

ଆଜିକାଲି ଜମାଅତମାନଙ୍କରେ **ୟୋମେ ମୁସଲେହ୍ ମଉଦ୍** ଜଲସା ଅନୁଷ୍ଠିତ ହେଉଅଛି । ୨୦ ଫେବୃୟାରୀ, ଯେଉଁ ଦିନ ହଜରତ ମସିହ ମଉଦ ଆ.ସ ଅଲ୍ଲାଃତାଲାଙ୍କଠାରୁ ଖବର ପାଇ (ନିଜର) ଏକ (ସର୍ବଗୁଣ ସମ୍ପର୍ଣ୍ଣ) ପୁତ୍ର ଜନ୍ମ ହେବାର ଭବିଷ୍ୟବାଣୀ କରିଥିଲେ ଏବଂ ସେଥିସମ୍ବନ୍ଧରେ ୨୦ ଫେବୃୟାରୀ ୧୮୮୬ ମସିହାରେ ଏକ ଇସ୍ତେହାର୍ ମଧ୍ୟ ପ୍ରକାଶ କରିଥିଲେ । ଓ ଯେପରି କି ମୁଁ କହିଲି ଏହି ପରିପ୍ରେକ୍ଷୀରେ ଯେଉଁଠାରେ ସମ୍ଭବ ହୋଇପାରୁଛି ସେଠାରେ ୨୦ ଫେବୃୟାରୀ ଦିନ *ୟୋମେ ମୁସଲେହ୍ ମଉଦ୍* ପାଳନ କରାଯାଉଛି । ଏବଂ ଯେଉଁଠାରେ ସେହି ତାରିଖରେ ସୁବିଧା ନ ହେଉଛି ତାରିଖକୁ ଆଗପଛ କରି ପାଳନ କରାଯାଉଛି । *ୟୋମେ ମୁସଲେହ୍ ମଉଦ୍* ପାଳନ କରିବା ଓ ଜଲସାର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହଜରତ ମସିହ ମଉଦ ଆ.ସଙ୍କ ଏକ ଶ୍ରେଷ୍ଠତମ ଭବିଷ୍ୟବାଣୀ ପୂରଣ ହେବା ଅଟେ, ନା କି ହଜରତ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦଙ୍କ ଜନ୍ମ ହେବା ଉପଲକ୍ଷେ ।

ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ବିଷୟରେ ଚର୍ଚ୍ଚା ଓ ଏହି ପେଶ୍‌ଗୋଇ ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର:ଅ ଏବଂ କିଛି ଅନ୍ୟ ବୟଜ୍ୟେଷ୍ଠ ବିଦ୍ୱାନ ମାନଙ୍କ ରିୱାୟାତ୍ ବର୍ଣ୍ଣନା କରାଯାଇଛି କି ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ହିଁ ଏହାର ଅନୁରୂପ ଅଟନ୍ତି ।

ନିଜେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ପେଶ୍‌ଗୋଇର ଅନୁରୂପ ଅଟନ୍ତି ବୋଲି ଘୋଷଣା କଲେ ।

ଏହି ପେଶ୍‌ଗୋଇରେ ମୁସ୍‌ଲେହ୍ ମଉଦ୍‌ଙ୍କ ଯେଉଁ ସବୁ ନିଦର୍ଶନ/ଲକ୍ଷଣ ଗୁଡ଼ିକର ଚର୍ଚ୍ଚା କରାଯାଇଛି ତାହା ସବୁ ଆପଣଙ୍କ ଠାରେ ଅତ୍ୟନ୍ତ ବୈଭବତାର ସହିତ ସମ୍ପୂର୍ଣ୍ଣ ହେଲା । ଏ ସମ୍ବନ୍ଧରେ ନିଜ ଓ ଅନ୍ୟ ଲୋକମାନଙ୍କର କିଛି ସ୍ୱୀକାରୋକ୍ତି ।

ଏହି ଜଲ୍‌ସାରେ ଯାହା ଆଜିକାଲି ପାଳନ ହେଉଅଛି, ସେଥିରେ ଏହି ପେଶ୍‌ଗୋଇର ଚର୍ଚ୍ଚା ଓ ଆପଣଙ୍କର ଉତମ କାର୍ଯ୍ୟାବଳୀ ଓ କାରନାମାର ଗାଥା ଶୁଣି ଯେଉଁଠି ଆମକୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପଦ ମର୍ଯ୍ୟାଦା ବଢ଼ି ଚାଲିବା ପାଇଁ ପ୍ରାର୍ଥନା କରିବା ଉଚିତ୍ ହେବ ସେଠାରେ ନିଜ ଅବସ୍ଥାର ମଧ୍ୟ ଅନୁଶୀଳନ କରିବା ଉଚିତ୍ । ଅର୍ଥାତ୍ ଅହେମଦୀୟତ୍‌ର ଉନ୍ନତି ନିମନ୍ତେ ପ୍ରତିଜ୍ଞା କରିବା ସହିତ ଜମାତ୍‌ର ପ୍ରତ୍ୟେକ ଲୋକମାନଙ୍କୁ ନିଜ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରିବା ମଧ୍ୟ ଜରୁରୀ ହେବ । ଯଦି ଆମେ ଏହା କରିବା ତେବେ ଆମେ ଅହେମଦୀୟତ୍‌ର ଉନ୍ନତିକୁ ନିଜ ଜୀବଦଶାରେ ପ୍ରଥମରୁ ଅଧିକ ପୁରା ହେବାର ଦେଖିନେବା । ଅଲ୍ଲାଃତାଲା ଆମକୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୩ ଫେବୃଆରୀ ୨୦୧୮ ଅନୁଯାୟୀ ୨୩ ତବ୍‌ଲିଗ୍ ୧୩୯୭ ହିଜ୍‌ରି ଶମ୍‌ସି)

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜିକାଲି ଜମାଅତମାନଙ୍କରେ **ୟୋମେ ମୁସଲେହ୍ ମଉଦ୍** ଜଲସା ଅନୁଷ୍ଠିତ ହେଉଅଛି । ୨୦ ଫେବୃୟାରୀ, ଯେଉଁ ଦିନ ହଜରତ ମସିହ ମଉଦ ଆ.ସ ଅଲ୍ଲାଃତାଲାଙ୍କଠାରୁ ଖବର ପାଇ (ନିଜର) ଏକ (ସର୍ବଗୁଣ ସମ୍ପର୍ଣ୍ଣ) ପୁତ୍ର ଜନ୍ମ ହେବାର ଭବିଷ୍ୟବାଣୀ କରିଥିଲେ ଏବଂ ସେଥିସମ୍ବନ୍ଧରେ ୨୦ ଫେବୃୟାରୀ ୧୮୮୬ ମସିହାରେ ଏକ ଇସ୍ତେହାର୍ ମଧ୍ୟ ପ୍ରକାଶ କରିଥିଲେ । ଓ ଯେପରି କି ମୁଁ କହିଲି ଏହି ପରିପ୍ରେକ୍ଷୀରେ ଯେଉଁଠାରେ ସମ୍ଭବ ହୋଇପାରୁଛି ସେଠାରେ ୨୦ ଫେବୃୟାରୀ ଦିନ *ୟୋମେ ମୁସଲେହ୍ ମଉଦ୍* ପାଳନ କରାଯାଉଛି । ଏବଂ ଯେଉଁଠାରେ ସେହି ତାରିଖରେ ସୁବିଧା ନ ହେଉଛି ତାରିଖକୁ ଆଗପଛ କରି ପାଳନ କରାଯାଉଛି ।

*ୟୋମେ ମୁସଲେହ୍ ମଉଦ୍* ପାଳନ କରିବା ଓ ଜଲସାର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହଜରତ ମସିହ ମଉଦ ଆ.ସଙ୍କ ଏକ ଶ୍ରେଷ୍ଠତମ ଭବିଷ୍ୟବାଣୀ ପୂରଣ ହେବା ଅଟେ, ନା କି ହଜରତ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦଙ୍କ ଜନ୍ମ ହେବା ଉପଲକ୍ଷେ ତାହା ପାଳନ କରାଯାଉଅଛି । ଏହି ସ୍ପଷ୍ଟିକରଣ ମୁଁ ଏଥିପାଇଁ କରିଦେଲି କି କେତେକ ଲୋକ ପ୍ରଶ୍ନ କରିଥାନ୍ତି କି ଯେତେବେଳେ ଆମେ *ୟୋମେ ମୁସଲେହ୍ ମଉଦ୍* ପାଳନ କରୁଅଛେ ତେବେ ଅନ୍ୟ ଖଲିଫାମାନଙ୍କର ଜନ୍ମଦିବସ କାହିଁକି ପାଳନ କରୁନାହେଁ । ମନେରଖନ୍ତୁ ଯେ, ଏହା ମୁସଲେହ୍ ମଉଦ୍‌ଙ୍କର ଜନ୍ମ ଦିବସ ନୁହେଁ । ଆପଣ ୧୮୮୯ ମସିହା ଜାନୁଆରୀ ମାସ ୧୨ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ ।

ସୁତରାଂ ଏହି ସ୍ପଷ୍ଟିକରଣ ପରେ ଆଜି ମୁଁ ମୁସଲେହ୍ ମଉଦ୍‌ଙ୍କ ଭବିଷ୍ୟବାଣୀ ସମ୍ବନ୍ଧରେ ଚର୍ଚ୍ଚା କରିବି । ସର୍ବପ୍ରଥମେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ଭବିଷ୍ୟବାଣୀର ସେହି ପଂକ୍ତି ଉପସ୍ଥାପନ କରିବି ଯାହାକି ହଜୁର ଆ.ସଙ୍କ ଲେଖନିରୁ ପ୍ରମାଣିତ ଏବଂ ଆପଣଙ୍କ ଧାରଣା ଥିଲା କି ଏହି ଭବିଷ୍ୟବାଣୀର ଦୃଷ୍ଟାନ୍ତ ଦ୍ୱିତୀୟ ଖଲିଫା ହିଁ ଥିଲେ । ଏହିପରି ସମାନ ଭାବନା ପ୍ରଥମ ଖଲିଫାଙ୍କର ମଧ୍ୟ ଥିଲା । କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ମଧ୍ୟ ଏହି ଧାରଣା ଥିଲା କି ଉକ୍ତ ଭବିଷ୍ୟବାଣୀର ଦୃଷ୍ଟାନ୍ତ ଦ୍ୱିତୀୟ ଖଲିଫା ଅଟନ୍ତି । ଯେପରିକି ମୁଁ କହିଲି ଉକ୍ତ ଭବିଷ୍ୟବାଣୀର ବିଭିନ୍ନ ବିଶେଷତ୍ୱ ଓ ଚିହ୍ନ ଥିଲା ଏବଂ ସେହି ଚିହ୍ନ ଯେଭଳି ରୂପେ ପୂରଣ ହେଲା ଏବଂ ଆପଣା ଓ ପର ଯେପରି ଏହାର ଚର୍ଚ୍ଚା ତଥା ଅନୁଭବ କରିଥିଲେ ତାହାର କିଛି ନମୁନା ଏଠାରେ ଉପସ୍ଥାପନ କରିବି ।

ସର୍ବପ୍ରଥମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଏହି ପେଶ୍‌ଗୋଇର ବାକ୍ୟ ଗୁଡିକ ଉପସ୍ଥାପନ କରାଯାଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

"ଭବିଷ୍ୟବାଣୀ ଯାହା ଏହି ଅଧମ ବିଷୟରେ ହୋଇଅଛି ଆଜି ୨୦ ଫେବୃୟାରୀ ୧୮୮୬ ମସିହା ମୁତାବକ ପନ୍ଦର ଜମାଦିଲ୍ ଅୱଲ୍ ସଂକ୍ଷିପ୍ତରେ ଉକ୍ତ ଐଶିବାଣୀକୁ ଲେଖାଯାଉଅଛି ଓ ବିସ୍ତାର ରୂପେ ପତ୍ରିକାରେ ଦରଜ ହେବ" । (ଅର୍ଥାତ୍ ପରେ) "ଇନ୍‌ଶାଅଲ୍ଲାଃ ତାଲା" । କହୁଛନ୍ତି କି ''ଏଲ୍‌ହାମ୍ ସହିତ ଅଲ୍ଲାଃତାଲା ଓ ମର୍ଯ୍ୟାଦାପୁର୍ଣ୍ଣ ଅଶେଷ ଦୟାବାନ୍ ଏବଂ କରୁଣାମୟ, ଯିଏ ସମସ୍ତଙ୍କଠାରୁ ଉଚ୍ଚରେ ଓ ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ଅଟନ୍ତି (ଜଲ୍ଲା ଶାନୁହୁ ୱ ଅଜ ଇସ୍‌ମୁହୁ) ମୋତେ ନିଜର ଏଲ୍‌ହାମ୍ ଦ୍ୱାରା ସମ୍ବୋଧନ କରି କହିଲେ ଯେ ମୁଁ ତୁମକୁ ଗୋଟିଏ କରୁଣାର ନିଦର୍ଶନ ଦେଉଅଛି । ଏହା ତା ଅନୁସାରେ ଯାହା ତୁ ମୋଠାରୁ ମାଗିଅଛୁ । ତେଣୁ ମୁଁ ତୋ ବ୍ୟାକୁଳତାକୁ ଶୁଣିଲି ଓ ତୁମ ପ୍ରାର୍ଥନାକୁ ନିଜ କରୁଣା ଦ୍ୱାରା ଗ୍ରହଣୀୟ ସ୍ଥାନ ପ୍ରଦାନ କଲି । ଏବଂ ତୋର ସଫର୍‌କୁ (ଯାହା ହୁସିଆର୍‌ପୁର୍ ଓ ଲୁଧିଆନାର ସଫର୍ ଅଟେ) ତୋ ପାଇଁ ମୁବାରକ୍ କରିଦେଲି । ତେଣୁ କୁଦ୍‌ରତ୍ (ଶକ୍ତି), କରୁଣା ଓ ସନ୍ନିକଟତାର ନିଦର୍ଶନ ତୁମକୁ ଦିଆଯାଉଅଛି । କୃପା ଓ ଅନୁଗ୍ରହର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଛି ଓ ବିଜୟ ଓ ସଫଳତାର ଚାବି ତୁମକୁ ମିଳୁଅଛି । ହେ ମୁଜଫର୍ ତୁମ ଉପରେ ସଲାମ୍ ! ଖୁଦାତାଲା ଏହା କହିଲେ, ଯଦ୍ୱାରା ଯେଉଁମାନେ ଜୀବନ ଚାହୁଁଛନ୍ତି ସେମାନେ ମୃତ୍ୟୁର ପଞ୍ଝାରୁ ମୋକ୍ଷ ପାଇବେ । ଏବଂ ଯେଉଁମାନେ କବର ଭିତରେ ପଡ଼ି ରହିଛନ୍ତି । ସେମାନେ ବାହାରକୁ ବାହାରିବେ । ଏବଂ ଯଦ୍ୱାରା ଦୀନେ ଇସ୍‌ଲାମ୍ (ଇସ୍‌ଲାମ୍ ଧର୍ମ)ର ସମ୍ମାନ ଓ ଅଲ୍ଲାଃଙ୍କ ବାଣୀର ମହିମା ଲୋକମାନଙ୍କ ଉପରେ ପ୍ରକାଶ ହେବ । ଏବଂ ସତ୍ୟ ତାର ସମସ୍ତ ବର୍‌କତ୍‌କୁ ନେଇ ଉପସ୍ଥିତ ହେବ ଓ ମିଥ୍ୟା ନିଜର ସମସ୍ତ ଅଶୁଭତାକୁ ନେଇ ଚାଲିଯିବ । ଏବଂ ଲୋକମାନେ ଏହା ଜାଣିନେବେ ଯେ ମୁଁ ହେଉଛି ସର୍ବ ଶକ୍ତିମାନ୍ । ଯାହା ଇଛା କରେ ତାହା କରିଥାଏ । ଏବଂ ସେମାନେ ବିଶ୍ୱାସ କରିନେବେ ଯେ ମୁଁ ତୋ ସହିତ ଅଛି । ଏବଂ ଯେଉଁମାନେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁନାହାଁନ୍ତି ଓ ଖୁଦା ଓ ଖୁଦାଙ୍କ ଧର୍ମ, ତାଙ୍କ ପୁସ୍ତକ ଓ ତାଙ୍କ ପବିତ୍ର ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ମାନୁନାହାଁନ୍ତି ଓ ମିଥ୍ୟାବାଦୀ ବୋଲି ବିବେଚିତ କରୁଛନ୍ତି, ସେମାନଙ୍କୁ ଖୋଲା ନିଦର୍ଶନ ମିଳିବ ଓ ଅପରାଧିଙ୍କର ମାର୍ଗ ସ୍ପଷ୍ଟ ହୋଇଯିବ । ତେଣୁ ତୁମକୁ ଶୁଭେଛା ହେଉ ଯେ ଗୋଟିଏ ସୁନ୍ଦର ଓ ପବିତ୍ର ପୁତ୍ର ତୁମକୁ ଦିଆଯିବ । ଏକ ପବିତ୍ର ଗୁଲାମ୍ (ପୁତ୍ର) ତୁମକୁ ମିଳିବ । ସେ ପୁତ୍ର ତୁମ ବୀଜରୁ ତୁମର ହିଁ ସନ୍ତାନ ଓ ବଂଶଜ ହେବ । ସୁନ୍ଦର ପବିତ୍ର ପୁତ୍ର ତୁମର ଅତିଥି ଆସୁଅଛି । ତାର ନାମ ଅନ୍‌ମୱାଇଲ୍ ଓ ବଶିର୍ ମଧ୍ୟ ଅଟେ । ତାକୁ ପବିତ୍ର ଆତ୍ମା ଦିଆଯାଇଛି । ଏବଂ ସେ ଘୃନତାଠାରୁ ପବିତ୍ର ଅଟେ । ଏବଂ ସେ ଅଲ୍ଲାଃଙ୍କର ଜ୍ୟୋତି ଅଟେ । ମୁବାରକ୍ ସେ ଯିଏ ଆକାଶରୁ ଆସୁଅଛି । ତା ସହିତ ଫଜଲ୍ ଅଛି । ଯିଏ ତାର ଆସିବା ସହିତ ଆସିବ । ସେ ବୈଭବଶାଳୀ, ମହିମାଶାଳୀ ଓ ବିତଶାଳୀ ହେବେ । ସେ ସଂସାରକୁ ଆସିବ ଓ ନିଜର ମସିହ୍ ନଫ୍‌ସ (ମସିହ୍ ଗୁଣ ବିଶେଷ ଅସ୍ତିତ୍ୱ ରଖିଥିବା ବ୍ୟକ୍ତି) ଏବଂ ରୁହୁଲ୍ ହକ୍ (ସତ୍ୟପ୍ରାଣ) ର ଅନୁଗ୍ରହରୁ ବହୁତ ଲୋକଙ୍କୁ ରୋଗରୁ ମୁକ୍ତ କରାଇବ । ସେ ଅଲ୍ଲାଃଙ୍କ ବାଣୀ ଅଟନ୍ତି । କାରଣ ଖୁଦାଙ୍କ କରୁଣା ଓ ସ୍ୱାଭିମାନ ତାକୁ ଶ୍ରେଷ୍ଠ ବାଣୀ ଦେଇ ପଠାଇଛନ୍ତି । ସେ ଅତ୍ୟନ୍ତ ବୁଦ୍ଧିମାନ୍ ଓ ଜ୍ଞାନୀ ହେବ । ଏବଂ ଉଦାରଚିତ ଓ ଅନ୍ତ ଓ ବାହ୍ୟ ଜ୍ଞାନରେ ପରିପୁର୍ଣ୍ଣ କରାଯିବ । ଏବଂ ସେ ୩ କୁ ୪ କରିବେ (ଏହାର ଅର୍ଥ ବୁଝିହେଲା ନାହିଁ) । ଦୋଶମ୍ବା ହେ ମୁବାରକ୍ ଦୋଶମ୍ବା ଫର୍‌ଜନ୍ଦ୍ ଦିଲ୍‌ବନ୍ଦ୍ ଗରାମି ଅର୍‌ଜ ମନ୍ଦ୍ ମଜ୍‌ହରୁଲ୍ ଅୱଲି ୱଲ୍ ଆଖିରି ମଜ୍‌ହରୁଲ୍ ହକ୍‌କି ୱଲ୍ ଉଲାଇ କଅନ୍ନଲ୍ଲାଃ ନଜଲା ମିନସ୍ ସମାଏ । ଯାହାଙ୍କ ଅବତୀର୍ଣ୍ଣ ବହୁତ ମୁବାରକ୍ ଓ ଅଲ୍ଲାଃଙ୍କ ପ୍ରତାପର ପ୍ରକାଶର କାରଣ ହେବ । ଜ୍ୟୋତି, ଯାହାକୁ ଖୁଦା ନିଜ ପ୍ରସନ୍ନତାର ଅତର ଦ୍ୱାରା ସୁବାଶିତ କରିଛି । ଆମେ ତା ମଧ୍ୟରେ ନିଜର ଆତ୍ମା ରଖିବୁ ଓ ଖୁଦାଙ୍କ ଛତ୍ରଛାୟା ତାଙ୍କ ମୁଣ୍ଡ

ଉପରେ ରହିବ । ସେ ଶିଘ୍ର ଶିଘ୍ର ବଢ଼ିବ ଓ କଏଦୀମାନଙ୍କ ମୁକ୍ତିର କାରଣ ହେବ । ସେ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବ ଓ କୌମ୍ ତାଠାରୁ ବର୍‌କତ୍ ପାଇବେ । ତେବେ ଯାଇ ନିଜର ଜୀବନବିନ୍ଦୁ ଆକାଶ ଆଡକୁ ଉଠାଇ ନିଆଯିବ । ଓ୍ୱକାନା ଅମ୍‌ରମ୍ ମକ୍‌ଜିୟା'' । (ଆଇନା କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୫, ପୃଷ୍ଠା-୬୪୭)

ତାପରେ କହିଲେ ହଜରତ ମସିହ ମଉଦ ଆ.ସ ଏହି ଭବିଷ୍ୟବାଣୀ ସମ୍ବନ୍ଧରେ କୁହନ୍ତି- "ଯେତେବେଳେ ମୋର ପ୍ରଥମ ପୁତ୍ରର ଦେହାନ୍ତ ଘଟିଲା ସେତେବେଳେ ଅଜ୍ଞ ମୌଲବିମାନେ ଏବଂ ସେମାନଙ୍କ ସାଥି ତଥା ଖ୍ରୀଷ୍ଟଧର୍ମୀ ଓ ହିନ୍ଦୁମାନେ ତାହାର ମୃତ୍ୟୁରେ ଅତ୍ୟନ୍ତ ପ୍ରସନ୍ନ ହେଲେ । ଯଦିଓ ସେମାନଙ୍କୁ ବାରମ୍ବାର କୁହାଗଲା କି ୨୦ ଫେବୃୟାରୀ ୧୮୮୬ ମସିହାର ଭବିଷ୍ୟବାଣୀରେ କେତେକ ପୁତ୍ରଙ୍କ ଦେହାନ୍ତର ମଧ ଖବର ରହିଛି । ଅତଃ ଏହା ଜରୁରୀ ଥିଲା କି କୌଣସି ପୁତ୍ରର ଶୈଶବାବସ୍ଥାରେ ମୃତ୍ୟୁ ଘଟିଥାନ୍ତା ତଥାପି ସେମାନେ ଆପତି କରିବାରୁ ନିବୃତ ରହିଲେ ନାହିଁ ସେତେବେଳେ ଅଲ୍ଲାଃତାଲା ମୋତେ ଦ୍ୱତୀୟ ପୁତ୍ରର ସୁସମ୍ବାଦ ଦେଲେ । ସୁତରାଂ ସବୁଜ ପତ୍ରିକାର ସପ୍ତମ ପୃଷ୍ଠାରେ ସେହି ଦ୍ୱିତୀୟ ପୁତ୍ର ସମ୍ବନ୍ଧରେ ସୁସମ୍ବାଦ ରହିଛି । ଦ୍ୱିତୀୟ **ବଶିର୍** ପ୍ରଦାନ କରାଯିବ ଯାହାର ଅନ୍ୟ ନାମ ହେଉଛି ମହେମୁଦ୍" । ଆପଣ ପୁଣି କହୁଛନ୍ତି- "ଯଦିଓ ସେ ଆଜି ଅର୍ଥାତ ୧୮୮୮ ମସିହା ସେପଟେମ୍ବର ମାସ ୧ ତାରିଖ ସୁଧା ଜନ୍ମ ଗ୍ରହଣ କରି ନାହିଁ କିନ୍ତୁ ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ସେ ନିଜ ଧାର୍ଯ୍ୟ ଅବଧି ମଧରେ ନିଶ୍ଚୟ ଜନ୍ମ ହେବ । ଆକାଶ ଓ ପୃଥିବୀ ସ୍ଥାନଚ୍ୟୁତ ହୋଇପାରେ କିନ୍ତୁ ଅଲ୍ଲାଃଙ୍କ ପ୍ରତିଶୃତି ଭଙ୍ଗ ହେବା ସମ୍ଭବ ନୁହେଁ" । ପୁଣି କହୁଛନ୍ତି କି "ଏହା ହେଉଛି ସବୁଜ ଇସ୍ତେହାରର ପୃଷ୍ଠା-୭ ର ପଂକ୍ତି ଯାହା ମୁତାବକ ଜାନୁଆରୀ ୧୮୮୯ ମସିହାରେ ସେହି ପୁତ୍ର ଜନ୍ମ ହେଲା ଯାହାର ନାମ ମେହ୍‌ମୁଦ୍ ରଖାଗଲା ଏବଂ ଏପର୍ଯ୍ୟନ୍ତ ଅଲ୍ଲାଃଙ୍କ ଦୟାବଳରୁ ସେ ଜିବୀତ ଅଛନ୍ତି ଓ ତାଙ୍କୁ ସତର ବର୍ଷ ଚାଲିଛି" । (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୩୭୩-୩୭୪)

ଯେପରି ମୁଁ ପୂର୍ବରୁ କହିଥିଲି ଏହା ପ୍ରଥମରୁ ଏକ ଲେଖା ଅଟେ । ପୁଣି ପରେ ଆଗକୁ "ହକିକତୁଲ୍ ଓ୍ୱହି" ରେ ଆପଣ ଆ:ସ ଯାହା ଲେଖିଛନ୍ତି ତାକୁ ମୁଁ ବର୍ଣ୍ଣନା କଲି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏ ସମ୍ବନ୍ଧରେ ଆହୁରି ଅନେକ ହଓ୍ୱାଲା ଅଛି । ବର୍ତମାନ ମୁଁ ପ୍ରଥମ ଖଲିଫାଙ୍କର ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ କିଭଳି ମତାମତ ଥିଲା, ସେଥି ସମ୍ବନ୍ଧରେ ଏକ ତଥ୍ୟ ଉପସ୍ଥାପନ କରୁଅଛି ।

ପ୍ରଥମ ଖଲିଫାଙ୍କ ଦେହାନ୍ତ ହେବାର ଛ'ମାସ ପୂର୍ବରୁ ହଜରତ ପିର୍ ମନଜୁର୍ ମହମ୍ମଦ ସାହେବ ଯେ କି ୟସନଲ୍ କୁରଆନ୍‌ର ଲେଖକ ଥିଲେ ହଜୁର ର.ଅଙ୍କୁ କହିଲେ ଆଜି ମୁଁ ହଜରତ ମସିହ ମଉଦ ଆ.ସଙ୍କ ପତ୍ରିକା ପାଠ କରି ବୁଝିପାରିଲି ଯେ, ପ୍ରତିଶୃତ ପୁତ୍ର ମିଆଁ ସାହେବ ଅର୍ଥାତ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦ ଅଟନ୍ତି । ଏଥିରେ ପ୍ରଥମ ଖଲିଫା କହିଲେ ଆମେ ତ ପ୍ରଥମରୁ ଜାଣିଛୁ କ'ଣ ତୁମେ ଦେଖୁ ନାହଁ କି ଆମେ ମିଆଁ ସାହେବଙ୍କର କିଭଳି ବିଶେଷ ଆଦର ଓ ସମ୍ମାନ କରୁଅଛୁ । ପିର୍ ସାହେବ ତାହା ଉଲ୍ଲେଖ କରି ହଜୁରଙ୍କ ସହମତିର ହସ୍ତାକ୍ଷର ନିମନ୍ତେ (ପତ୍ର) ବଢାଇଦେଲେ ଯେଉଁଥିରେ ପ୍ରଥମ ଖଲିଫା ଲେଖିଲେ ଉପରୋକ୍ତ ଲେଖା ମୁଁ ଭାଇ ପିର ମନ୍‌ଜୁର ମହମ୍ମଦଙ୍କୁ କହିଛି ତାପରେ ହଜୁର ହସ୍ତାକ୍ଷର କଲେ, ନୁରୁଦ୍ଦିନ୍ ୧୦ ସେପ୍ଟେମ୍ବର ୧୯୧୩ ମସିହା" ।

ଆପଣ କୁହନ୍ତି ୧୧ ସେପ୍ଟେମ୍ବର ୧୯୧୩ ମସିହାର ସନ୍ଧ୍ୟା ପରେ, ଉପର ଘଟଣାର ପରଦିନ ପ୍ରଥମ ଖଲିଫା ଘରେ ଖଟରେ ବିଶ୍ରାମ କରୁଥିଲେ ଏବଂ ମୁଁ ଆପଣଙ୍କ ପାଦ ଆଉଁସୁ ଥିଲି କିଛି କ୍ଷଣ ପରେ ବିନା କୌଣସି ଚର୍ଚ୍ଚାରେ ପ୍ରଥମ ଖଲିଫା ସ୍ୱୟଂ କହିଲେ ବର୍ତମାନ ଏହା ପ୍ରକାଶ କରିବ ନାହିଁ ଅର୍ଥାତ ହଜରତ ମିର୍ଜା ବଶିରୁଦ୍ଦିନ ମହେମୁଦ୍ ଅହେମଦ ହିଁ ଉକ୍ତ ଭବିଷ୍ୟବାଣୀର ଦୃଷ୍ଟାନ୍ତ । ଯେତେବେଳେ (ବିରୋଧିମାନଙ୍କ) ବିରୁଦ୍ଧାଚରଣ ହେବ ସେତେବେଳେ ପ୍ରକାଶ କରିବ । (ପିସ୍‌ରେ ମଉଦ୍, ପୃଷ୍ଠା-୨୭, ମାସିକ ପତ୍ରିକା ଖାଲିଦ୍ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସଂଖ୍ୟା ଜୁନ୍, ଜୁଲାଇ ୨୦୦୮ ମସିହା, ପୃଷ୍ଠା-୭୫-୭୬)

ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀମାନ ଗୁଲାମ ହୁସେନ୍ ସାହେବ ନମ୍ବରଦାର ସିଆଲକୋଟ୍ ଦ୍ୱିତୀୟ ଖଲିଫାଙ୍କ **ମୁସଲେହ୍ ମଉଦ୍** ହେବାର ଘୋଷଣା କରିବା ଅନ୍ତେ ଲେଖିଲେ ମୋର ପ୍ରିୟ ଧର୍ମଗୁରୁ ଓ ମାର୍ଗଦର୍ଶକ ୩୦ ଜାନୁଆରୀ ଅଲ୍‌ଫଜଲ୍ ପତ୍ରିକା ପାଠ କରି ଅଲ୍ଲାଃଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି । **ଅଲ୍‌ହମଦୁଲିଲ୍ଲାଃ** ମୋ ସ୍ୱପ୍ନକୁ ମଧ ଅଲ୍ଲାଃ ବାସ୍ତବରେ ପରିଣତ କରିଛନ୍ତି । ସେ ଲେଖିଥିଲେ ହଜୁରଙ୍କୁ ମନେଥିବ ପ୍ରଥମ ଖଲିଫାଙ୍କ ସମୟରେ ଅଧମ ଅଲ୍‌ଫଜଲ୍ କାର୍ଯ୍ୟାଳୟରେ ଶାଦି ଖାଁ (ମୃତ)ଙ୍କ ଉପସ୍ଥିତିରେ ହଜୁରଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲା କି ପ୍ରଥମ ଖଲିଫାଙ୍କ ଅନ୍ତେ ଆପଣ ଖଲିଫା ହେବେ ଏବଂ ସେଥିରେ ସଫଳ ହେବେ, ଆପଣଙ୍କୁ ଐଶ୍ୱରିକବାଣୀ ମଧ ପ୍ରାପ୍ତ ହେବ । ଉକ୍ତ ସ୍ୱପ୍ନ ମୁଁ ପ୍ରଥମ ଖଲିଫାଙ୍କୁ ମଧ ଶୁଣାଇଥିଲି, ଏଥିରେ ହଜୁର ଅତ୍ୟନ୍ତ ପ୍ରସନ୍ନିତ ହୋଇ ସହମତି ପ୍ରକାଶ କରି କହିଥିଲେ କି ଏଥିପାଇଁ ତାଙ୍କର ପ୍ରବଳ ବିରୁଦ୍ଧାଚରଣ ମଧ ଆରମ୍ଭ ହୋଇଗଲାଣି । ମୁଁ ସୟଦ୍ ହାମିଦ୍ ଶାହ ସାହେବ (ମୃତ)ଙ୍କୁ ମଧ ଉକ୍ତ ସ୍ୱପ୍ନ ଶୁଣାଇଥିଲି । **ଅଲ୍‌ହମଦୁଲିଲ୍ଲାଃ** ୧୯୪୪ ମସିହାରେ ହଜୁର ସ୍ୱୟଂ ମୁସଲେହ୍ ମଉଦ ହେବାର ଘୋଷଣା କଲେ । ସେ କୁହନ୍ତି ନଚେତ୍ ମୋତେ ତ ପ୍ରଥମ ଖଲିଫାଙ୍କ ଜୀବନରେ ହିଁ ଆପଣ **ମୁସଲେହ୍ ମଉଦ୍** (ପ୍ରତିଶୃତ ସୁଧାରକ) ବୋଲି ପୂର୍ଣ୍ଣ ବିଶ୍ୱାସ ଥିଲା" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୩୨, ସଂଖ୍ୟା-୪୪, ୨୦ ଫେବୃଆରୀ ୧୯୪୪, ପୃଷ୍ଠା-୧୯)

ଏହିପରି ଆଉ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀମାନ ସୁଫି ମତିଉର୍ ରହେମାନ୍ ସାହେବ ବଙ୍ଗାଳି ଦ୍ୱିତୀୟ ଖଲିଫାଙ୍କ ନାମ ନିଜର ଏକ ଚିଠିରେ ଲେଖିଛନ୍ତି (ମୁସ୍‌ଲେହ୍ ମଉଦ୍‌ର ଯେଉଁ ଘୋଷଣା ହୋଇଥିଲା ତା ପରେ ସେ ଲେଖିଥିଲେ) କି "ମୁଁ ନିଜର ଗୋଟିଏ ସ୍ୱପ୍ନ ବର୍ଣ୍ଣନା କରିଦେବା ସଠିକ୍ ଜାଣୁଛି । ଏହି ସ୍ୱପ୍ନଟି ମୁଁ ୨୩ ବା ୨୪ ବର୍ଷ ପୂର୍ବେ ଦେଖିଥିଲି । ପୂର୍ବରୁ ଥରେ ମଧ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଏହା ମୁଁ ଲେଖିସାରିଛି । ଏବେ ହଜୁର୍‌ଙ୍କ ମୁସ୍‌ଲେହ୍ ମଉଦ୍ ଦାବି କରିବା ପରେ ମୋତେ ଏକଥାରେ ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ ଏହି ସ୍ୱପ୍ନଟି ଉକ୍ତ ପେଶ୍‌ଗୋଇ ସମ୍ବନ୍ଧରେ ଥିଲା । ମୁଁ ସ୍ୱପ୍ନରେ ଦେଖିଲି କି ଇଦ୍‌ର ଜଲ୍‌ସା ଚାଲିଛି । ମୁଁ ସ୍ୱପ୍ନରେ ଦେଖିଲି ହଜରତ ମସିହ ମଉଦ ଆ.ସ ସବୁଜ ବସ୍ତ୍ର ପରିଧାନ କରି ଏକ ଅତି ଉଚ୍ଚ ସ୍ଥାନରେ ଛିଡ଼ା ହୋଇ ଖୁତବା ଦେଉଛନ୍ତି । ଖୁତବା ଶେଷ ହେବାପରେ ମୁଁ ତାଙ୍କ ସହ ହାତ ମିଳାଇବାକୁ ଆଗକୁ ବଢୁଛି ଏବଂ ମୁଁ ଏହା ଦେଖୁଛି କି, ସେ ହଜରତ ମସିହ ମଉଦ ଆ.ସ ନୁହନ୍ତି ବରଂ ଦ୍ୱିତୀୟ ଖଲିଫା ଅଟନ୍ତି" (ଅର୍ଥାତ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ଅଟନ୍ତି)। "ଏହି ସ୍ୱପ୍ନ ମୁଁ କ୍ୟାପଟେନ୍ ଡ଼ାଃ ବଦରୁଦ୍ଦିନ୍ ସାହେବ ଓ ନିଜ ଭ୍ରାତା ଶ୍ରୀମାନ ମୌ. ଜିଲୁର୍ ରହେମାନ୍ ସାହେବ୍‌ଙ୍କୁ ଜଣାଉଛି ଯିଏ ବଙ୍ଗଳାରେ ଧର୍ମସେବା କାର୍ଯ୍ୟରେ ମୁତୟନ ଥିଲେ, ସେ କହିଲେ ତୁମକୁ ଅମିରୁଲ୍ ମୁମିନିନ୍‌ଙ୍କ ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସଙ୍କୁ ଯେଉଁ ଭବିଷ୍ୟବାଣୀ ହୋଇଥିଲା କି ସେ *"ହୁସ୍‌ନ୍ ଓ୍ୱ ଏହ୍‌ସାନ୍ ମେଁ ତେରା ନଜିର୍ ହୋଗା"* ଅର୍ଥାତ୍ ସେ ରଙ୍ଗ ଢ଼ଙ୍ଗ ଓ ଦୟା ଆଚରଣରେ ତୁମ ଅନୁରୂପ ହେବ । ତୁମଠାରେ ସେହିସବୁ ଗୁଣ ଦୃଷ୍ଟିଗୋଚର ହେଉଛି" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୩୨, ସଂଖ୍ୟା-୧୯୯, ୨୫ ଅଗଷ୍ଟ ୧୯୪୪, ପୃଷ୍ଠା-୨)

ଏହିପରି ହଜରତ ଶେଖ୍ ଇସମାଇଲ୍ ସାହେବ ସାରସାଓ୍ୱି ବର୍ଣ୍ଣନା କରନ୍ତି କି ଆମେ ଅନେକ ଥର ହଜରତ ମସିହ ମଉଦ ଆ.ସଙ୍କ ଠାରୁ ଶୁଣିଛୁ କି ଭବିଷ୍ୟବାଣୀରେ ଯେଉଁ ବାଳକର ଚର୍ଚ୍ଚା ରହିଛି ସେ ମିଆଁ ମହେମୁଦ୍ ଅଟନ୍ତି । ଆମେ ଆପଣଙ୍କଠାରୁ ଏକଥା ମଧ ଶୁଣିଛୁ ଯେ, ମିଆଁ ମହେମୁଦ୍‌ଙ୍କ ମଧରେ ଧର୍ମ ପ୍ରତି ଉତେଜନା ଏଭଳି ରହିଛି ଯେ ମୁଁ ତାହା ଦେଖି ଅନେକ ସମୟରେ ତାଙ୍କ ପାଇଁ ବିଶେଷ ରୂପେ ଦୁଆ କରିଥାଏ" । (ଅଲ୍‌ହକମ୍ ୨୮ ଡିସେମ୍ବର୍ ୧୯୩୯ ମାହାନାମା ଖାଲିଦ୍ ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସଂଖ୍ୟା, ଜୁନ୍, ଜୁଲାଇ ୨୦୦୮, ପୃଷ୍ଠା-୩୮)

ହଜରତ ମୁସଲେହ୍ ମଉଦ ର.ଅଙ୍କୁ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ନିର୍ଦେଶ ଦେଲେ ନାହିଁ ସେପର୍ଯ୍ୟନ୍ତ ଆପଣ ଘୋଷଣା କଲେ ନାହିଁ କି ମୁଁ ହିଁ ମୁସଲେହ୍ ମଉଦ୍ ଅଟେ କିନ୍ତୁ ଯେତେବେଳେ (ଅଲ୍ଲାଃଙ୍କ ନିକଟରୁ) ଏହାର ଘୋଷଣା କରିବାର ଆପଣଙ୍କୁ ସ୍ୱଷ୍ଟ ରୂପେ ଆଦେଶ ହେଲା ସେତେବେଳେ ଆପଣ ଏହାର ଘୋଷଣା କରି କହିଲେ ଏଥିରେ ସନ୍ଦେହ ନାହିଁ ଯେ, ହଜରତ ମସିହ ମଉଦ ଆ.ସ ଯେଉଁ ପ୍ରତିଶୃତ ପୁତ୍ରର ଘୋଷଣା କରିଥିଲେ ତାହାର ଅନେକ କିଛି ଦୃଷ୍ଟାନ୍ତ ପୂରଣ ହେବା ଫଳରେ ଆମ ଜମାଅତର ଅନେକ ଲୋକ କହୁଥିଲେ କି ଉକ୍ତ ଭବିଷ୍ୟବାଣୀ ଆପଣଙ୍କ ସମ୍ବନ୍ଧରେ ଅଟେ କିନ୍ତୁ ମୁଁ ସେମାନଙ୍କୁ ସର୍ବଦା ଏହି କଥା କହୁଥିଲି କି ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ମୋତେ ଆଦେଶ ଦେଇ ନାହାନ୍ତି ମୁଁ ଏପରି କୌଣସି ଘୋଷଣା କଦାପି କରିବି ନାହିଁ । ଶେଷରେ ସେହି ଦିନ ଆସିଗଲା କି ଅଲ୍ଲାଃତାଲା ମୋ ମୁଖରୁ ଏହାର ଘୋଷଣା କରାଇଲେ" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୧୪/୪୯, ସଂଖ୍ୟା-୪୦, ୧୯ ଜାନୁଆରି ୧୯୬୦, ପୃଷ୍ଠା-୭)

ହୋଶିଆରପୁରରେ ଆପଣ ଘୋଷଣା କରି କହିଲେ "ମୁଁ ଅଲ୍ଲାଃଙ୍କ ଆଦେଶକ୍ରମେ ଶପଥ କରି କହୁଅଛି କି ଅଲ୍ଲାଃତାଲା ମୋତେ ହଜରତ ମସିହ ମଉଦ ଆ.ସଙ୍କ ଭବିଷ୍ୟବାଣୀ ମୁତାବକ ସେହି ପ୍ରତିଶୃତ ପୁତ୍ର ହେବା ଦର୍ଶାଇଛନ୍ତି, ଯେ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ହଜରତ ମସିହ ମଉଦ ଆ.ସଙ୍କ ନାମ ପହଂଚାଇବା ଧାର୍ଯ୍ୟ ଥିଲା" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୧୨/୪୭, ସଂଖ୍ୟା-୧୩, ୧୫ ଜାନୁଆରୀ ୧୯୫୮, ପୃଷ୍ଠା-୪)

ପୁନଶ୍ଚ ଲାହୋର୍‌ର ଜଲସାରେ ଆପଣ କହିଲେ- "ମୁଁ ସେହି ଏକ ଓ ଅଦ୍ୱିତୀୟ ସୃଷ୍ଟିକର୍ତାଙ୍କ ଶପଥ କରି କହୁଅଛି ଯାହାର ମିଥ୍ୟା ଶପଥ ନେବା ଅଭିଶପ୍ତମାନଙ୍କ କାର୍ଯ୍ୟ ଏବଂ ଯାହାଙ୍କ ବିଷୟରେ ମିଥ୍ୟା କହୁଥିବା ବ୍ୟକ୍ତି ତାଙ୍କ କୋପରୁ ରକ୍ଷା ପାଇନଥାଏ, ସେ ମୋତେ ଏହି ସହର ଲାହୋର୍‌ର ୧୩ ନମ୍ବର ଟେମ୍ପଲ୍ ରୋଡ଼୍‌ର ଓକିଲ୍ ଶେଖ୍ ବଶିର୍ ଅହେମଦ୍ ସାହେବଙ୍କ ବଙ୍ଗଳାରେ ସୁସମ୍ବାଦ ଦେଲେ କି ମୁଁ ହିଁ ସେହି ମୁସଲେହ୍ ମଉଦ୍ ଯାହାର ଭବିଷ୍ୟବାଣୀ ହୋଇଥିଲା ଏବଂ ଯାହା ମାଧମରେ ଇସଲାମ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେବ ଓ ସଂସାରରେ ଏକେଶ୍ୱରବାଦର ପ୍ରତିଷ୍ଠା ହେବ" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୧୨/୪୭, ସଂଖ୍ୟା-୧୩, ୧୫ ଜାନୁଆରୀ ୧୯୫୮, ପୃଷ୍ଠା-୪)

ହଜରତ ମସିହ ମଉଦ ଆ.ସ ମୁସଲେହ୍ ମଉଦ୍ ଭବିଷ୍ୟବାଣୀରେ ପ୍ରତିଶୃତ ପୁତ୍ରର ଯେଉଁ ଚିହ୍ନମାନ ଦର୍ଶାଇ ଥିଲେ ତାହା ୫୨ ବା ୫୮ ନିଦର୍ଶନ ବୋଲି ବତାଇଥିଲେ ଏଥିରେ ଭିନ୍ନତା ମିଳେ । ସେ ଯାହାହେଉ ତାହା ସବୁ ୫୦ରୁ ଉର୍ଦ୍ଧ୍ୱ ଅଟେ । ତେବେ ସେହି ବିଶେଷତ୍ୱମାନ ଆପଣା ଓ ପରମାନେ କିଭଳି ମିର୍ଜା ବଶିରୁଦ୍ଦିନ୍‌ଙ୍କ ଠାରେ ଦେଖିଥିଲେ ତାହାର ଚର୍ଚ୍ଚା କରିଦେଉଛି ।

ହଜରତ ମୁସଲେହ୍ ମଉଦଙ୍କ ଦେହାନ୍ତ ସମୟରେ ହଜରତ ସୟଦ ଅବୁଲ୍ ଫରଜ୍ ହସ୍‌ନି ଦମିଶକ୍ ବର୍ଣ୍ଣନା କରନ୍ତି:- "ହଜରତ ଅମିରୁଲ୍ ମୁମିନିନ୍ ଅର୍ଥାତ ଦ୍ୱିତୀୟ ଖଲିଫାଙ୍କ ବିୟୋଗରେ ଆମ ହୃଦୟ ଅତ୍ୟନ୍ତ ଯନ୍ତ୍ରଣା ଓ ଦୁଃଖରେ ଯର୍ଯରିତ, ଯାହାକି ପ୍ରତ୍ୟେକ ଅହେମଦିଙ୍କୁ ବ୍ୟଥିତ କରିଅଛି । ବିଶେଷକରି ଦମିଶକ୍‌ର ଜମାଅତକୁ ଅତ୍ୟଧିକ ବେଦନା ଓ ପିଡ଼ା ପହଂଚିଅଛି । କାରଣ ଏହି ଜମାଅତ ହଜୁର ର.ଅଙ୍କ ଦ୍ୱାରା ରୋପିତ ଚାରା ଅଟେ ଯାହାକୁ ଆପଣ ନିଜ ପବିତ୍ର ହସ୍ତରେ ରୋପଣ କରିଥିଲେ ଏବଂ ଏହାର ରକ୍ଷାଣବେକ୍ଷଣରେ ଆପଣ ବିଶେଷ ଭାବରେ ଧ୍ୟାନ ଓ ଆଧ୍ୟାତ୍ମିକ (ଜଳ)ର ସିଂଚନ କରିଥିଲେ" । ସୁତରାଂ ଏହି ଗଛଟି ବଢ଼ିଲା ଏବଂ ପ୍ରସ୍ଫୁଟିତ ହେଲା । ଅଲ୍ଲାଃତାଲା ଆପଣଙ୍କ ସମ୍ବନ୍ଧରେ ସତ୍ୟ କହିଥିଲେ କି "କୌମେ ଉସ୍‌ସେ ବର୍‌କତ୍ ପାଏଁଗି" ଅର୍ଥାତ୍ ଏ ଜାତି ତାଠାରୁ ଲାଭ ପାଇବ । ଆମେ ଆପଣଙ୍କ ଦୁଆର ବର୍‌କତ୍‌ରୁ ଅଲ୍ଲାଃଙ୍କ କୃପା ହାସଲ କରିଅଛୁ" ପୁଣି ଲେଖୁଛନ୍ତି କି "ମୋତେ ଭଲ ଭାବେ ମନେଅଛି କି ମୁଁ ଯେବେ କେବେ ବି ହଜୁର୍ ଅନୁଓ୍ୱର୍‌ଙ୍କ ନିକଟରେ ଦୁଆ କରିବା ପାଇଁ ଦରଖାସ୍ତ କରିଛି ସେତେବେଳେ ମୁଁ ସେହି ଦୁଆର ଗ୍ରହଣୀୟତାର ନିଦର୍ଶନ ଗୁଡିକ ଆଧ୍ୟାତ୍ମିକ ଓ ଭୌତିକ ଦୃଷ୍ଟିରୁ ସ୍ୱଷ୍ଟ ରୂପେ ଅନୁଭବ କରିଛି ଓ ଖୁଦାତାଲାଙ୍କ ଦ୍ୱାରା ହୋଇଥିବା ସ୍ୱର୍ଗବାଣୀ ଆପଣଙ୍କ ସପକ୍ଷରେ ସମ୍ପୂର୍ଣ୍ଣ ରୂପେ ସତ୍ୟ ଅଭିହିତ ହେଲା । ଜ୍ୟୋତି ଆସୁଅଛି ଜ୍ୟୋତି ଯାହାକୁ ଖୁଦା ନିଜର ପ୍ରସନ୍ନତାର ଅତରରେ ଆଚ୍ଛାଦିତ କରିଛନ୍ତି" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୨୦/୫୫, ସଂଖ୍ୟା-୧୦, ୧୨ ଜାନୁଆରୀ ୧୯୬୬, ପୃଷ୍ଠା-୫)

୨୭ ଜୁଲାଇ ୧୯୪୪ ର ଅଲ୍‌ଫଜଲ୍‌ରେ ମୋକରମ୍ ମୁହମ୍ମଦ୍ ମୋହିଲ୍ ସାହେବଙ୍କର ଗୋଟିଏ ସ୍ୱପ୍ନ ବାବଦରେ ଏପରି ଚର୍ଚ୍ଚା ମିଳୁଅଛି କି ମୁହମ୍ମଦ୍ ମୋହିଲ୍ ସାହେବ୍ ଅହେମଦୀ କମାଲ୍ ଡେରାରୁ ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନିଙ୍କ ଗୋଚରେ ନିଜର ଜଣେ ଅଣ ଅହେମଦୀ ନିକଟ ସମ୍ପର୍କୀୟ ମୁହମ୍ମଦ୍ ଅକ୍‌ରମ୍ ସାହେବ୍‌ଙ୍କ ନିମ୍ନଲିଖିତ ସ୍ୱପ୍ନ ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ବ୍ୟକ୍ତି ଜଣଙ୍କ ଯିଏ ଏପର୍ଯ୍ୟନ୍ତ ଅହେମଦୀ ହୋଇନଥିଲେ ସେ ଲେଖୁଛନ୍ତି କି ଯେବେ ହଜୁର୍ ୧୯୩୬ ମସିହାରେ ନଓ୍ୱାବ୍ ଶାହ୍ ଆସିଲେ ଏହାର ଗୋଟିଏ ରାତି ପୂର୍ବରୁ ମୁଁ ସ୍ୱପ୍ନ ଦେଖିଥିଲି କି ନଓ୍ୱାବ୍ ଶାହ୍‌ର ଚକ୍‌ରା ଷ୍ଟେସନ୍ (ଯାହା ଏକ ଗୋଲାକାର ସଦୃଶ ବଜାର ଅଟେ) ଆଉ ପଶ୍ଚିମ ଦିଗରୁ ଜଣେ ବ୍ୟକ୍ତି ଗୋଟିଏ ସିଙ୍ଘ ଉପରେ ବସି ଆସୁଅଛି । ସେ ଯେତେବେଳେ ମୋ ନିକଟକୁ ଆସିଲା ମୁଁ ଏହା ଦେଖିବାକୁ ପାଇଲି କି ତା ପବିତ୍ର ଶରୀରରେ ପବିତ୍ର କୋରାନ୍‌ର ଆୟତ ଗୁଡିକ ଲେଖାହୋଇଛି । ମୁଁ ଲୋକମାନଙ୍କୁ ପଚାରିଲି କି ଏ ବ୍ୟକ୍ତିଜଣକ କିଏ ? ସେମାନେ କହିଲେ-ହଜ୍‌ରତ୍ ମିର୍ଜା ମେହ୍‌ମୁଦ୍ ଅହେମଦ୍ କାଦିଆନୀ । ପୁଣି ମୁଁ ପଚାରିଲି ଯେ ସେ

କିପରି ବ୍ୟକ୍ତି ଅଟନ୍ତି । ସେମାନେ କହିଲେ କି ଏ ହେଉଛନ୍ତି ଦୁନିଆର ସବୁଠାରୁ ବଡ଼ ଓ୍ୱଲିଅଲ୍ଲାଃ (ଈଶ୍ୱର ଭକ୍ତ)" । (ଅଲ୍‌ଫଜଲ୍ କାଦିଆନ୍, ଖଣ୍ଡ-୩୨, ସଂଖ୍ୟା-୧୭୪, ୨୭ ଜୁଲାଇ ୧୯୪୪, ପୃଷ୍ଠା-୪)

ହଜରତ ମସିହ ମଉଦ ଆ.ସଙ୍କ ଭବିଷ୍ୟବାଣୀ ପ୍ରକାଶ ନିମନ୍ତେ ଅଲ୍ଲାଃତାଲା ଅଣଅହେମଦିଙ୍କ ଦ୍ୱାରା ମଧ୍ୟ କରାଇଛନ୍ତି । ଅତଏବ ଜଣେ ସମ୍ମାନନୀୟ ଅଣଅହେମଦି ବିଦ୍ୱାନ ସମିଉଲ୍ଲାଃ ଖାଁ ସାହେବ ଫାରୁକି ପାକିସ୍ତାନ ଗଠନ ହେବା ପୂର୍ବରୁ ସତ୍ୟ ସ୍ୱୀକାର କରି ଏକ ଧର୍ମ ପୁସ୍ତିକାରେ ଲେଖିଲେ-

ହଜରତ ମସିହ ମଉଦ ଆ.ସଙ୍କୁ ସୁସମ୍ବାଦ ଲାଭ ହେଲା କି "ମୁଁ ତୁମକୁ ଏକ ଏଭଳି ପୁତ୍ର ପ୍ରଦାନ କରିବି ଯେ ମୋର ନିକଟବର୍ତୀ ହେବ ଓ ଐଶ୍ୱରିକବାଣୀ ଲାଭ କରିବ । ତାହା ମାଧ୍ୟମରେ ସତ୍ୟ ଉନ୍ନତି ପଥରେ ଆଗେଇଚାଲିବ ଏବଂ ଅନେକ ଲୋକ ସତ୍ୟକୁ ସ୍ୱୀକାର କରିବେ" । ସେ ଲେଖିଛନ୍ତି କି ଉକ୍ତ ଭବିଷ୍ୟବାଣୀକୁ ବାରମ୍ବାର ପାଠ କର ଏବଂ ନିଜକୁ ପ୍ରଶ୍ନ କର କ'ଣ ଏହା ପୂରଣ ହୋଇ ନାହିଁ । ଯେତେବେଳେ ଏହି ଭବିଷ୍ୟବାଣୀ କରାଯାଇଥିଲା ସେତେବେଳେ ଦ୍ୱିତୀୟ ଖଲିଫା ଶୈଶବାବସ୍ଥାରେ ଥିଲେ ଏବଂ ହଜରତ ମସିହ ମଉଦ ଆ.ସ ତାଙ୍କୁ ଖଲିଫା କରାଇବାର କୌଣସି ଇଚ୍ଛାପତ୍ର ଲେଖିନଥିଲେ ବରଂ ଏହା ଜନସାଧାରଣଙ୍କ ରାଏ ଉପରେ ଛାଡ଼ି ଦେଇଥିଲେ, ଅତଏବ ହଜୁର ଆ.ସଙ୍କ ଦେହାନ୍ତ ପରେ ଯେତେବେଳେ ଅଧିକାଂଶ ଲୋକ ହକିମ୍ ନୁରୁଦ୍ଦିନ୍ ସାହେବଙ୍କୁ ଖଲିଫା ସ୍ୱୀକାର କରିନେଲେ ବିରୋଧିମାନେ ଭବିଷ୍ୟବାଣୀର ପରିହାସ କରିବା ଆରମ୍ଭ କରିଦେଲେ କି ଦେଖ କହୁଥିଲେ ପୁତ୍ର (ଖଲିଫା) ହେବ ତାହା ତ ହେଲା ନାହିଁ କିନ୍ତୁ ହକିମ୍ ସାହେବଙ୍କ ଦେହାନ୍ତ ପରେ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦ ଖଲିଫା ହେଲେ" । (ଏହି ବ୍ୟକ୍ତିଜଣକ ଗଏର୍ ଅହେମଦୀ ଅର୍ଥାତ୍ ଅହେମଦୀ ନୁହଁନ୍ତି) "ଏହା ବାସ୍ତବ ଘଟଣା କି, ଦ୍ୱିତୀୟ ଖଲିଫାଙ୍କ ସମୟ କାଳରେ ଅହେମଦିୟତ୍ ଯେଭଳି ଉନ୍ନତି କରିଛି ତାହା ଅଭୂତପୂର୍ବ । ଖୁଦ୍ ମିର୍ଜା ସାହେବ୍‌ଙ୍କ ସମୟରେ ଅହେମଦୀମାନଙ୍କର ସଂଖ୍ୟା ବହୁତ ଅଳ୍ପ ଥିଲା । ଖଲିଫା ନୁରୁଦ୍ଦିନ୍ ସାହେବ୍‌ଙ୍କ ସମୟରେ ମଧ୍ୟ ବିଶେଷ ଉନ୍ନତି ହୋଇନଥିଲା । କିନ୍ତୁ ବର୍ତମାନ ଖଲିଫାଙ୍କ ସମୟରେ ମିର୍ଜାଇୟତ୍ ପାଖାପାଖି ସଂସାରର ସବୁ ସ୍ଥାନ ପର୍ଯ୍ୟନ୍ତ ପହଂଚି ଯାଇଛି ଏବଂ ଅବସ୍ଥାରୁ ଏହା ଜଣାପଡୁଛି ଯେ ଆସନ୍ତା ହେବାକୁ ଥିବା ଜନଗଣନାରେ ମିର୍ଜାଇଙ୍କ ସଂଖ୍ୟା ୧୯୩୧ ଅନୁସାରେ ଦୁଇଗୁଣାରୁ ଅଧିକା ହେବ । ଏହାର ପ୍ରତିରୂପ ଏ ସମୟରେ ବିରୋଧିମାନଙ୍କ ତରଫରୁ ମିର୍ଜାଇୟତ୍‌ର ମୂଳୋତ୍ପାଟନ କରିବା ନିମନ୍ତେ ଯେଉଁ ପ୍ରକାରର ସୁସଂଗଠିତ ଚେଷ୍ଟା କରାଯାଇଛି ତାହା ପୂର୍ବରୁ କେବେ ହୋଇନଥିଲା" । ପୁଣି ସେ ଲେଖୁଛନ୍ତି କି "ସୁତରାଂ ଆପଣଙ୍କ ସନ୍ତାନ ମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବିଶେଷଙ୍କୁ ଉକ୍ତ ପେଶ୍‌ଗୋଇ ମୁତାବକ ଜମାତ୍ ପାଇଁ ସ୍ଥାପନ କରାଗଲା" । (ଅର୍ଥାତ୍ ପେଶ୍‌ଗୋଇ ମୁତାବକ ସେ ଜମାତ୍ ନିମନ୍ତେ କାଏମ୍ କରାଗଲେ) "ଯେଉଁଥିରୁ ସ୍ପଷ୍ଟ ଜଣାଯାଉଛି ଯେ, ମିର୍ଜା ସାହେବଙ୍କ ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ପୂରଣ ହୋଇଅଛି" । (ତାରିଖେ ଅହେମଦୀୟତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୨୮୬-୨୮୭, ମୁଦ୍ରଣ- କାଦିଆନ୍ ୨୦୦୭)

ହିନ୍ଦୁସ୍ତାନର ଜଣେ ଅଣମୁସଲମାନ ଶିଖ୍ ଦାର୍ଶନିକ ତଥା ରଙ୍ଗିନ୍ ଅମରତସର୍‌ର ସମ୍ପାଦକ ଅରଜୁନ୍ ସିଙ୍ଗ ସ୍ୱୀକାର କଲେ କି ମିର୍ଜା ସାହେବ ୧୯୦୧ ମସିହାରେ ଯେତେବେଳେ ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦ ସାହେବ ଶୈଶବାବସ୍ଥାରେ ଥିଲେ ଏହି ଭବିଷ୍ୟବାଣୀ କରିଥିଲେ-

**ବଶାରତ୍ ଦି କେ ଏକ ବେଟା ହେ ତେରା    ଯୋ ହୋଗା ଏକ ଦିନ୍ ମେହବୁବ୍ ମେରା ।**
**କରୁଙ୍ଗା ଦୁର ଉସ ମେଃ ସେ ଅନ୍ଧେରା    ଦିଖାଉଁଙ୍ଗା କେ ଏକ ଆଲମ୍ କୋ ଫେରା ।**
**ବଶାରତ୍ କ୍ୟା ହେ ଏକ ଦିଲ୍ କି ଗିଜା ଦି    ଫସୁବହାନଲ୍ ଲଜି ଅଖଜଲ୍ ଅଆ'ଦି ।**

ସେ ଲେଖୁଛନ୍ତି କି "ନିଃସନ୍ଦେହ ଏହି ଭବିଷ୍ୟବାଣୀ ଆଚମ୍ୱିତ କରୁଅଛି । ୧୯୦୧ ମସିହାରେ ନା ମିର୍ଜା ବଶିରୁଦ୍ଦିନ୍ ମହେମୁଦ୍ ଅହେମଦ କୌଣସି ମହାନ ବିଦ୍ୱାନ ଓ ପଣ୍ଡିତ ଥିଲେ ନା ଆପଣଙ୍କର ରାଜନୈତିକ ଯୌଗ୍ୟତା ପ୍ରସ୍ଫୁଟିତ ହୋଇଥିଲା । ସେତେବେଳେ ଏହା କହିବା କି ତୁମର ଏକ ଏପରି (ସର୍ବଗୁଣ ସମ୍ପର୍ଣ୍ଣ) ପୁତ୍ର ହେବ ନିଶ୍ଚିତ ରୂପେ କୌଣସି ଆଧ୍ୟାତ୍ମିକ ଶକ୍ତିର ପ୍ରମାଣ ଅଟେ । ଏପରି କୁହାଯାଇପାରେ ଯେ ମିର୍ଜା ସାହେବ (ନବୁଓ୍ୱତର) ଘୋଷଣା କରି ଏକ ଆସନର ଭିତିସ୍ଥାପନ କରିଦେଇଥିଲେ ତେଣୁ ଆପଣଙ୍କର ଏହି ଆଭିଳାଷା ଥିଲା କି ମୋ ଅନ୍ତେ ମୋ ଗଦିର ଉତରାଧିକାରୀ ମୋ ସନ୍ତାନ ହୁଅନ୍ତୁ କିନ୍ତୁ ଏହା ଭ୍ରମ ଧାରଣା ଅଟେ । ତେଣୁକରି ମିର୍ଜା ସାହେବ ଖିଲାଫତ୍‌ରେ ଏହି ସର୍ତ ରଖିନଥିଲେ କି ତାହା ମୋ ସନ୍ତାନ ଓ ବଂଶଧରଙ୍କ ମଧ୍ୟରୁ ହେବେ । ଅତଃ ପ୍ରଥମ ଖଲିଫା ଜଣେ ଏପରି ବ୍ୟକ୍ତି ଥିଲେ ଯାହାଙ୍କର ମିର୍ଜା ସାହେବଙ୍କ ଖାନଦାନ୍ ସହିତ କୌଣସି ସମ୍ପର୍କ ନଥିଲା । ପୁଣି ଅଧିକ ସମ୍ଭାବନା ଥିଲା କି ପ୍ରଥମ ଖଲିଫାଙ୍କ ଅନ୍ତେ ଅନ୍ୟ କେହି ଖଲିଫା ହୋଇଥାନ୍ତେ ଏବଂ ଏଥିନିମନ୍ତେ ମୌ. ମହମ୍ମଦ ଅଲ୍ଲୀ ସାହେବ ଅମିର ଜମାଅତ ଲାହୋର ଆଶାବାଦୀ ଥିଲେ କିନ୍ତୁ ଅଧିକାଂଶ ଅହେମଦି ମିର୍ଜା ବଶିରୁଦ୍ଦିନ୍ ସାହେବଙ୍କ ସମର୍ଥନ କରିବାରୁ ଆପଣ ଖଲିଫା ହୋଇଗଲେ । ସେ ଲେଖିଛନ୍ତି ବର୍ତମାନ ପ୍ରଶ୍ନ ଉଠୁଛି ଯଦି ବଡ଼ ମିର୍ଜା ସାହେବଙ୍କ ଭିତରେ କୌଣସି ଆଧ୍ୟାତ୍ମିକ ଶକ୍ତି କାର୍ଯ୍ୟ କରୁନଥିଲା ତେବେ ଆପଣ କିଭଳି ଜାଣିନେଲେ କି ମୋର ଏପରି ଏକ (ସର୍ବଗୁଣ ସମ୍ପର୍ଣ୍ଣ) ପୁତ୍ର ହେବ । ଯେତେବେଳେ ମିର୍ଜା ସାହେବ ଉକ୍ତ ଭବିଷ୍ୟବାଣୀ କରିଥିଲେ ସେତେବେଳେ ଆପଣଙ୍କର ତିନି ଜଣ ପୁତ୍ର ଥିଲେ ଏବଂ ଆପଣ ତିନିଜଣଙ୍କ ପାଇଁ ଦୁଆ କରୁଥିଲେ କିନ୍ତୁ ଭବିଷ୍ୟବାଣୀ କେବଳ ଜଣକ ପାଇଁ ଥିଲା । ଆମେ ଦେଖୁଅଛୁ କି ସେହି ଜଣେ ବାସ୍ତବରେ ଏପରି ପାଲଟିଲେ କି ସେ ସମଗ୍ର ବିଶ୍ୱରେ ପରିବର୍ତନ ଆଣିଦେଲେ" । (ତାରିଖେ ଅହେମଦୀୟତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୨୮୬-୨୮୮, ମୁଦ୍ରଣ-କାଦିଆନ୍ ୨୦୦୭)

ସେ ସମୟର ଜମାତ୍‌ର ଯାହା ଅବସ୍ଥା ଥିଲା ଓ ସେ ସମୟରେ ଜମାତ୍ ନିକଟରେ ଯେଉଁ ସବୁ ସାଂସାରିକ ସାଧନ ଥିଲା ତାହା ଆଜିପରି ନଥିଲା । ଯଦିଚ ଆଜି ମଧ୍ୟ ଆମ ପାଖରେ ସବୁ ପ୍ରକାର ସାଧନ ନାହିଁ କିନ୍ତୁ ପୁଣି ମଧ୍ୟ ସେ ଅବସ୍ଥାଠାରୁ ଏ ଅବସ୍ଥା ବହୁତ ଉତମ ଅଟେ । କିନ୍ତୁ ଏପରି ଅବସ୍ଥାରେ ମଧ୍ୟ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହଯୋଗ ବଳରେ ସଂସାରର ପାଖାପାଖି ୫୦ ରୁ ଅଧିକ ଦେଶରେ ଅହେମଦୀୟତ୍‌ର ଗଛ ଲାଗିଲା, ଜମାତ୍ ସ୍ଥାପନ ହେଲା । ଓ ମୋଟାମୋଟି ସବୁ ମହାଦେଶରେ ଜମାତ୍ ସ୍ଥାପନ ହୋଇଯିବା ଏହା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ପେଶ୍‌ଗୋଇ ମୁତାବକ ଇସ୍‌ଲାମ୍‌ର ପ୍ରସାର ହେବା ଆପଣଙ୍କ ଅଦମ୍ୟ ସାହାସ ଫଳରେ ସମ୍ଭବ ହେଲା ।

ପୁନଃ ପ୍ରତିଶୃତ ପୁତ୍ରର ଆଗମନର ଉଦ୍ଦେଶ୍ୟ ଏହା ଥିଲା କି " ତା ଦୀନେ ଇସ୍‌ଲାମ୍ କା ଶରଫ୍ ଅଓର୍ କଲାମୁଲ୍ଲାଃ କା ମର୍ତବା ଲୋଗୋଁ ପର ଜାହିର୍ ହୋ" ଅର୍ଥାତ୍ ଫଳତଃ ଇସ୍‌ଲାମ୍ ଧର୍ମର ସମ୍ମାନ ଏବଂ ଅଲ୍ଲାଃଙ୍କ ବାଣୀର ମର୍ଯ୍ୟାଦା ଲୋକମାନଙ୍କ ଉପରେ ପ୍ରକାଶ ହେବ । ଭାରତ ଓ ପାକିସ୍ତାନର ପ୍ରସିଦ୍ଧ ମୁସଲମାନ ଲିଡ଼ର ଓ କବି ମୌ. ଜଫର୍ ଅଲ୍ଲୀ ଖାଁ ସାହେବ ତଥା **ଜମିଦାର**ର ସମ୍ପାଦକ ମୁକ୍ତ ଶବ୍ଦରେ ସ୍ୱୀକାର କରି ନିଜ ଲୋକମାନଙ୍କୁ କହିଲେ- **କାନ ଖୋଲି ଶୁଣିରଖ ତୁମେ ଓ ତୁମର** ସାଥିମାନେ ମିର୍ଜା ମହେମୁଦ୍‌ଙ୍କର ମୁକାବିଲା ପ୍ରଳୟକାରୀ ଦିବସ ପର୍ଯ୍ୟନ୍ତ କରିପାରିବ ନାହିଁ । ତାଙ୍କ ନିକଟରେ କୁରଆନ୍ ଓ କୁରଆନ୍‌ର ଶିକ୍ଷା ଅଛି ତୁମ ନିକଟରେ କ'ଣ ଅଛି । ତୁମେ ତ କଦାଚିତ୍ ସ୍ୱପ୍ନରେ ମଧ୍ୟ କୋରାନ ପାଠ କରିନଥିବ । ମିର୍ଜା ମହେମୁଦ୍‌ଙ୍କ ନିକଟରେ ଏପରି ଜମାଅତ ରହିଛି ଯେ ନିଜ ତନ, ମନ ଓ ଧନ ତାଙ୍କ ପାଦ ତଳେ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ମିର୍ଜା ମହେମୁଦ୍‌ଙ୍କ ନିକଟରେ ବିଭିନ୍ନ ଜ୍ଞାନରେ ପାରଦର୍ଶିତା ଲାଭ କରିଥିବା ମୁବଲିଗ୍ ଅଛନ୍ତି । ସେ ପୃଥିବୀର ବିଭିନ୍ନ ଦେଶରେ ନିଜ ଜମାଅତକୁ ପ୍ରତିଷ୍ଠିତ କରିଦେଇଛନ୍ତି" । (ଉଦ୍ଧୃତ ତାରିଖେ ଅହେମଦୀୟତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୨୮୮, ମୁଦ୍ରଣ କାଦିଆନ୍ ୨୦୦୭)

ପ୍ରତିଶୃତ ପୁତ୍ରଙ୍କ ବିଷୟରେ ଅଲ୍ଲାଃତାଲାଙ୍କର ପ୍ରତିଶୃତି ଏହା ଥିଲା କି ସେ "ଉଲୁଲ୍ ଅଜମ୍" ଅର୍ଥାତ୍ ଅଦମ୍ୟ ସାହସର ଅଧିକାରୀ ହେବେ । ତତ୍‌ସହିତ ଏହା ମଧ୍ୟ ଥିଲା କି "ସେ ବାହ୍ୟ ଓ ଆଭ୍ୟନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବେ" ସୁତରାଂ ହିନ୍ଦୁସ୍ତାନ୍‌ର ପ୍ରସିଦ୍ଧ ସୁଫି ଖ୍ୱାଜା ହସନ୍ ନିଜାମି ଦେହ୍‌ଲୁଓ୍ୱି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ବାବଦରେ ଲେଖୁଛନ୍ତି କି "ଅଧିକାଂଶ ସମୟ ବେମାର ରହୁଥିଲେ କିନ୍ତୁ ଏହି ବେମାର ତାଙ୍କ କାର୍ଯ୍ୟରେ କୌଣସି ବାଧା ଦେଇପାରିଲା ନାହିଁ । ସେ ବିରୋଧିର ଝଡ଼ ତୋଫାନ୍‌ରେ ମଧ୍ୟ ବହୁତ ଶାନ୍ତିର ସହିତ କାମ କରି ନିଜକୁ ଜଣେ ମୋଗଲ ଯୁବକ ରୂପେ ପ୍ରମାଣିତ କରିଦେଲେ । ଓ ଏହା କହିଦେବା ଉଚିତ୍ ହେବ କି ମୋଗଲ ଜାତି କାମ କରିବାର ବିଶେଷ ଶୈଳୀ ଜାଣେ । ସେ ରାଜନୈତିକ ଜ୍ଞାନ ମଧ୍ୟ ରଖିଛନ୍ତି, ଧାର୍ମିକ ଜ୍ଞାନରେ ମଧ୍ୟ ମଜ୍‌ବୁତ୍ ଅଛନ୍ତି ଓ ଯୁଦ୍ଧର କୌଶଳ ମଧ୍ୟ ଜାଣନ୍ତି ଅର୍ଥାତ୍ ବୁଦ୍ଧି ଓ କଲମର ଯୁଦ୍ଧରେ ସେ ପ୍ରବୀଣ ଅଟନ୍ତି" । (ତାରିଖେ ଅହେମଦୀୟତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୨୮୮, ମୁଦ୍ରଣ-କାଦିଆନ୍-୨୦୦୭)

ପ୍ରତିଶୃତ ପୁତ୍ରଙ୍କ ସମ୍ବନ୍ଧରେ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ଖବର ଏହା ଦିଆଯାଇଥିଲା କି "ସେ ବନ୍ଦୀମାନଙ୍କୁ ମୁକ୍ତ କରିବାର କାରଣ ହେବେ" । ଏହି ପେଶ୍‌ଗୋଇ ମଧ୍ୟ ବିଭିନ୍ନ ରଙ୍ଗରେ ପୁରା ହୋଇଅଛି ଓ ଏପରି ମଧ୍ୟ ପୂରଣ ହୋଇଛି କି ମଣିଷର ବୁଦ୍ଧିକୁ ଆଶ୍ଚର୍ଯ୍ୟରେ ପକାଇଦିଏ । ତେହ୍‌ରିକେ ଆଜିଦିଏ କସ୍‌ମିର୍ ଅର୍ଥାତ୍ କାଶ୍ମୀର୍ ସ୍ୱାଧୀନ ହେବାର ତେହ୍‌ରିକ୍ ଏ କଥାର ମୁକସାକ୍ଷୀ ଅଟେ କାରଣ ଏହି ତେହ୍‌ରିକ୍‌କୁ ସଫଳ କରିବାର ଶ୍ରେୟ ଅଲ୍ ଇଣ୍ଡିଆ କାଶ୍ମିର୍ କମିଟିର ମୁଣ୍ଡରେ ରହିଛି । ଏବଂ ଏହି ପ୍ରସିଦ୍ଧ କମିଟି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ତେହ୍‌ରିକ୍ ଓ ହିନ୍ଦୁସ୍ତାନ୍ ଓ ପାକିସ୍ତାନ୍‌ର ବଡ଼ ବଡ଼ ମୁସ୍‌ଲିମ୍ ନେତାଗଣ ଉଦାହରଣ ସ୍ୱରୂପ ସାର୍ ଜୁଲ୍‌ଫୁକାର୍ ଅଲ୍ଲୀ ଖାନ୍, ଡାଃ ସର୍ ମହମ୍ମଦ୍ ଇକ୍‌ବାଲ୍, ଖ୍ୱାଜା ହସନ୍ ନିଜାମି ଦେହ୍‌ଲୁଓ୍ୱି ଓ ସୟଦ୍ ହବିବ୍ ସମ୍ପାଦକ ସିୟାସତ୍ ଖବରକାଗଜ ଇତ୍ୟାଦିଙ୍କ ମସୁରା ଦ୍ୱାରା ୨୫ ଜୁଲାଇ ୧୯୩୧ ମସିହାରେ ଶିମ୍‌ଲାଠାରେ ସ୍ଥାପନ ହୋଇଥିଲା । ଏଂବ ଏହାର ସଭାପତିତ୍ୱ ନିଜେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିଙ୍କ ହସ୍ତରେ ନ୍ୟସ୍ତ କରାଯାଇଥିଲା । ଆପଣଙ୍କର ସଫଳ ନେତୃତ୍ୱ ଫଳରେ କାଶ୍ମିର୍‌ର ମୁସଲ୍‌ମାନ ମାନେ, ଯେଉଁମାନେ କେଉଁ କାଳରୁ ମାନବିକତାର ସାଧାରଣ ଅଧିକାରରୁ ବଂଚିତ ହୋଇ ଦାସତ୍ୱର ଜୀବନ ବିତାଉଥିଲେ, ସେମାନେ ବହୁତ କମ୍ ସମୟ ମଧ୍ୟରେ ସ୍ୱାଧୀନତାର ପରିବେଶରେ ନିଃଶ୍ୱାସ ପ୍ରଶ୍ୱାସ ନେଲେ । ସେମାନଙ୍କର ରାଜନୈତିକ ଓ ସାମାଜିକ ଅଧିକାର ଗୁଡିକୁ ଗ୍ରହଣ କରାଗଲା । ପ୍ରଦେଶରେ ପ୍ରଥମ ଥର ବିଧାନସଭା ସ୍ଥାପନ କରାଗଲା । କହିବା ଓ ଲେଖିବାର ଅଧିକାର ସହିତ ସେଥିରେ ସେମାନେ ପ୍ରତିନିଧିତ୍ୱ କଲେ । ଏ ବିଷୟରେ ମୁସ୍‌ଲିମ୍ ପ୍ରେସ୍ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ମହାନ୍ କାରନାମାକୁ ଗ୍ରହଣ କରି ଆପଣ ର:ଅଙ୍କୁ ଖେରାଜେ ତହ୍‌ସିନ୍ (ସମ୍ମାନ ପ୍ରଦାନ) କରି ଏହା ମଧ୍ୟ ଲେଖିଦେଲା କି "ଯେଉଁ ସମୟରେ କାଶ୍ମିର୍‌ର ଅବସ୍ଥା ସଙ୍କଟାପନ୍ନ ଥିଲା ଓ ସେ ସମୟରେ ଯେଉଁ ଲୋକମାନେ ବିଶ୍ୱାସର ଭିନ୍ନତା ଥିବା ସତ୍ୱେ ମଧ୍ୟ ମିର୍ଜା ସାହେବଙ୍କୁ ସଦର୍ (ସଭାପତି) ଚୟନ କରିଥିଲେ, ସେମାନେ କାର୍ଯ୍ୟର ସଫଳତାକୁ ଦୃଷ୍ଟି ଆଗରେ ରଖି ବହୁତ ଉତମ ଚୟନ କରିଥିଲେ । ସେ ସମୟରେ ଯଦି ବିଶ୍ୱାସର ଭିନ୍ନତା ଯୋଗୁ ମିର୍ଜା ସାହେବ୍‌ଙ୍କୁ ଚୟନ କରାଯାଇନଥାନ୍ତା ତେବେ ଉକ୍ତ ତେହ୍‌ରିକ୍ ସମ୍ପୂର୍ଣ୍ଣ ରୂପେ ଅସଫଳ ରହିଥାନ୍ତା ଓ ଏହି ଉମ୍ମତ୍‌କୁ ଭୀଷଣ କ୍ଷତି ପହଂଚିଥାଆନ୍ତା" । (ଉଦ୍ଧୃତ ତାରିଖେ ଅହେମଦୀୟତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୨୮୯, ମୁଦ୍ରଣ-କାଦିଆନ୍ ୨୦୦୭)

ମୌଲାନା ମୁହମ୍ମଦ୍ ଅଲୀ ଜୌହର୍ ସାହେବ୍ (ଯିଏ ବହୁତ ବଡ଼ ରାଜନେତା ମଧ୍ୟ ଥିଲେ ଓ ଜ୍ଞାନୀ ମଧ୍ୟ ଥିଲେ) ନିଜର ଖବର କାଗଜ ହମ୍‌ଦର୍ଦ୍ ୨୬ ସେପ୍ଟେମ୍ବର୍ ୧୯୨୭ ମସିହା ଅଙ୍କରେ ଲେଖୁଛନ୍ତି କି "ଏହା ଅବଜ୍ଞା ହେବ କି ଶ୍ରୀମାନ୍ ମିର୍ଜା ବଶିରୁଦ୍ଦିନ୍ ମେହ୍‌ମୁଦ୍ ଅହେମଦ୍ ଓ ତାଙ୍କର ଏହି ସୁସଂଗଠିତ ଜମାତ୍‌ର ଚର୍ଚ୍ଚା ଯଦି ଏହି ଧାଡ଼ିରେ ନକରିବି, ଯେଉଁମାନେ ନିଜର ସମସ୍ତ ଧ୍ୟାନ ସମଗ୍ର ମୁସଲ୍‌ମାନଙ୍କ ଉନ୍ନତି ନିମନ୍ତେ ଉତ୍ସର୍ଗ କରିଦେଇଛନ୍ତି ଏହି ଲୋକମାନେ ବର୍ତମାନ ଯେଉଁଠି ମୁସଲ୍‌ମାନ୍ ମାନଙ୍କ ରାଜନୈତିକ ଅବସ୍ଥାରେ ମନ ବଳାଉଛି ତେବେ ଅନ୍ୟପଟେ ମୁସଲ୍‌ମାନ୍ ମାନଙ୍କୁ ଏକତ୍ରିତ କରିବା ଓ ତବ୍‌ଲିଗ୍ ଓ ବାଣିଜ୍ୟ କରିବାରେ ମଧ୍ୟ ଅତ୍ୟନ୍ତ ଚେଷ୍ଟା କରୁଅଛି ଏବଂ ସେ ସମୟ ଦୂର ନୁହେଁ ଯେବେ ଏହି ସୁ ସଂଗଠିତ ଫିର୍‌କାର କାର୍ଯ୍ୟ ଶୈଳୀ ଇସ୍‌ଲାମ୍ ନିମନ୍ତେ ସାଧାରଣତଃ ଓ ସେହି ବ୍ୟକ୍ତିମାନଙ୍କ ନିମନ୍ତେ ବିଶେଷତଃ, ଯେଉଁମାନେ ବିସ୍‌ମିଲ୍ଲାଃର ସୌଧ ଉପରେ ବସି ଇସ୍‌ଲାମ୍‌ର ସେବା ନିମନ୍ତେ ଉଚ୍ଚ ସ୍ୱରରେ ପାଟି କରିଚାଲିଛନ୍ତି, ସେମାନଙ୍କ ପାଇଁ ମାର୍ଗଦର୍ଶକ ରୂପେ ପ୍ରମାଣିତ ହେବ" (ମାହାନାମା ଖାଲିଦ ସୟଦ୍‌ନା ମୁସ୍‌ଲେହ୍ ମଉଦ୍ ର:ଅ ସଂଖ୍ୟା-ଜୁନ୍, ଜୁଲାଇ ୨୦୦୮, ପୃଷ୍ଠା-୩୨୦-୩୨୧)

ସେ କହିଲେ ତୁମେ ଯେଉଁ ମୌଲବୀମାନେ ଅଛ କେବଳ ମେମ୍ବର୍ ଉପରେ ବସି ଦାବି କରୁଅଛ କିନ୍ତୁ ଏ ଲୋକମାନେ କାମ କରୁଛନ୍ତି ।

କୋରାନର ପ୍ରସିଦ୍ଧ ବ୍ୟାଖ୍ୟାକାରୀ ତଥା **ସିଦ୍‌କେ ଜଦିଦ୍**ର ଅଧ୍ୟକ୍ଷ ଅଲାମା ଅବଦୁଲ୍ ମାଜିଦ୍ ଦରୟାବାଦି ହଜରତ ମୁସଲେହ୍ ମଉଦ ର.ଅଙ୍କ ଦେହାନ୍ତ ଅବସରରେ ଏକ ପ୍ରବନ୍ଧରେ ହଜୁର ର.ଅଙ୍କ କରିଥିବା କୋରାନର ସେବା ସମ୍ପର୍କରେ ବର୍ଣ୍ଣନା କରି ଲେଖିଲେ କୋରାନ ଓ କୋରାନର ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରରିବ୍ୟାପ୍ତ ଓ ଇସଲାମର ପ୍ରଚାର କରିବାର ସେ ଯେଉଁ ପ୍ରଚେଷ୍ଟା କରିଥିଲେ ଏବଂ ନିଜ ଦୃଢ ସଂଙ୍କଳ୍ପ, ଅଧ୍ୟବସାୟ ଓ ଦିର୍ଘ ଜୀବନ କାଳ ମଧ୍ୟରେ ତାହାକୁ ଜାରି ରଖିଥିଲେ ତାହାର ପ୍ରତିଫଳ ଅଲ୍ଲାଃତାଲା ତାଙ୍କୁ ପ୍ରଦାନ କରନ୍ତୁ । ସେ ପବିତ୍ର କୋରାନର ସତ୍ୟାସତ୍ୟ ଓ ଏହାର ରହସ୍ୟର ସେ ଯେଉଁ ବ୍ୟାଖ୍ୟା ଓ ଅନୁବାଦ କରିଯାଇଛନ୍ତି ତାହାର ମଧ୍ୟ ଏକ ଉଚ୍ଚ ସ୍ତର ଓ ମର୍ଯ୍ୟାଦା ରହିଛି" । (ସିଦ୍‌କେ ଜଦିଦ୍ ଲକ୍ଷ୍ନୌ, ୧୮

*ଅବଶିଷ୍ଟାଂଶ ପୃଷ୍ଠା- ୬ ରେ ଦେଖନ୍ତୁ...*

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ......*

ଛାଡ଼ି ଇମାମ୍‌ଙ୍କ ସହିତ ସାମିଲ୍ ହୋଇଯିବ । ଫର୍ଜ୍ ନମାଜକୁ ସମୟ ମୁତାବକ ପାଠ କରିବା ଜରୁରୀ ଅଟେ ଓ ଯେଉଁଠି ସୁନ୍ନତ୍‌ର କଥା ଉଠୁଛି ଏହା ଆଁ ହଜ୍‌ରତ୍ ସ:ଆ:ସ ପଢ଼ି ଦେଖାଇଛନ୍ତି । ଏବଂ ଏଗୁଡିକୁ ପାଠ କରିବା ପାଇଁ ତାଗିଦ୍ ମଧ୍ୟ କରିଛନ୍ତି କିନ୍ତୁ ସେଗୁଡିକୁ ଆଗ ପଛ କରାଯାଇପାରିବ । ଯେବେକି ସୁନ୍ନତ ପାଠ କରିବା ପାଇଁ ଫର୍ଜ୍ ନମାଜକୁ ଆଗପଛ କରାଯାଇପାରିବ ନାହିଁ ।

ହଜୁର୍ ଅନୁଓ୍ୱର୍ କହିଲେ-ଯଦି ଫର୍ଜ୍ ନମାଜ ମସ୍‌ଜିଦ୍‌ରେ ବାଜମାତ୍ ପାଠ କରାଯାଉଅଛି ତେବେ ଆପଣମାନେ ନିଶ୍ଚିତ ରୂପେ ଇମାମ୍‌ଙ୍କ ପଛରେ ପାଠ କରିବେ । ବାକି ସବୁ ଜିନିଷ ପଛକୁ ରହିଯିବ । ଜଣେ ଇମାମ୍‌ଙ୍କ ପଛରେ ଚାଲି ଏକତାର ପରିପ୍ରକାଶ ହୋଇଥାଏ । ତେଣୁ ଅଲ୍ଲାଃତାଲା ଏହାର ପୁଣ୍ୟ ମଧ୍ୟ ଅନେକ ଗୁଣା ବଢ଼ାଇ ଦେଇଛନ୍ତି କି ତୁମେମାନେ ଏକମନ ଯଦି ହୋଇଯିବ ତେବେ ସେଥିରେ ବର୍‌କତ୍ ହେବ । ଯଦି ତୁମେ ବାଜମାତ୍ ନମାଜ ପାଠ କରୁଛ ତେବେ ଜଣକର ଆଧ୍ୟାତ୍ମିକ ପଦମର୍ଯ୍ୟାଦା ଅନ୍ୟଜଣକୁ ପ୍ରଭାବିତ କରିଥାଏ ।

ଗୋଟିଏ ପିଲା ଏ ପ୍ରଶ୍ନ ପଚାରିଲା ଯେ ଆମେ ଟୋପି କାହିଁକି ପିନ୍ଧୁଛେ । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍ କହୁଛି କି ଅଲ୍ଲାଃତାଲାଙ୍କ ସମ୍ମୁଖରେ ଯେବେ ହାଜିର୍ ହେବ ତେବେ ମୁଣ୍ଡକୁ ଢ଼ାଙ୍କି ଦିଅ । ଏହା ସମ୍ମାନ ଦେବାର ଏକ ଚିହ୍ନ ଅଟେ । ଏବେ ଯେଉଁମାନେ ଅଂଗ୍ରେଜ୍ ସେମାନେ କହୁଛନ୍ତି କି ଅଦବ୍ (ସମ୍ମାନ)ର ଚିହ୍ନ ହେଉଛି କି ଯେବେ ସେମାନେ କାହା ସହିତ ମିଶନ୍ତି, ଯେଉଁ ହ୍ୟାଟ୍ (ଟୋପି) ପିନ୍ଧିଥାନ୍ତି ତାକୁ ବାହାର କରି ନଇଁପଡ଼ିଥାନ୍ତି ଏବଂ କହନ୍ତି ଯେ ଏହାଦ୍ୱାରା ଅନ୍ୟର ସମ୍ମାନ ହୋଇଥାଏ । ତେଣୁ ସେମାନେ ଏହିଭଳି ନିଜର ପ୍ରଥା ତିଆରି କରିଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ- ଅଲ୍ଲାଃତାଲାଙ୍କ ସମ୍ମୁଖରେ ହାଜିର୍ ହେବାପାଇଁ ଗୋଟିଏ ବହୁତ ବଡ଼ ସ୍ଥାନ ହେଉଛି ହଜ୍ । ସେ ସମୟରେ ମଣିଷ ଖୁଦାଙ୍କ ମାର୍ଗରେ ନିଜର ସବୁକିଛି ଭୁଲିଯାଏ ଓ ସାଂସାରିକ ଲାଳସାରୁ ନିସ୍ପୃହା ରହି ଖୁଦାଙ୍କ ନିକଟରେ ହାଜିର୍ ହୋଇଥାଏ । ଯେବେ ତୁମେମାନେ ହଜ୍ କରିଥାଓ ସେତେବେଳେ ଟୋପି ମଧ୍ୟ ବାହାର କରିଦିଅ ଓ ମୁଣ୍ଡରୁ ବାଳ ମଧ୍ୟ କାଟି ଦେଇଥାଓ । ଏହା ସବୁ ଅଲ୍ଲାଃତାଲାଙ୍କ ନିକଟରେ ହାଜିର୍ ହେବା ପାଇଁ ଗୋଟିଏ ଆଧ୍ୟାତ୍ମିକ ପରିସ୍ଥିତି, ଯେଉଁଥିରେ ହାଜିର୍ ହେଉଥିବା ବ୍ୟକ୍ତି ନିଜ ପ୍ରେମର ଚରମ ସୀମାକୁ ପହଂଚିଥାଏ ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ-ଆମେ ଯେଉଁ ଟୋପି ପିନ୍ଧୁଅଛେ ଏହା ଶିଷ୍ଟାଚାର ନିମନ୍ତେ ଅଟେ ଓ ଅନ୍ୟକୁ ସମ୍ମାନ ଦେବା ପାଇଁ ପିନ୍ଧୁଛେ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ-ଆରବର କିଛି ମୁସଲ୍‌ମାନ ଗୋଷ୍ଠୀ ଅଛନ୍ତି ଯେଉଁମାନେ ବିନା ଟୋପିରେ ନମାଜ ପଢ଼ିଥାନ୍ତି । ତେଣୁ ଯଦି ତୁମମାନଙ୍କୁ ମଧ୍ୟ କେବେ ଟୋପି ନମିଳେ ତେବେ ବିନା ଟୋପିରେ ମଧ୍ୟ ନମାଜ ପଢ଼ିପାରିବ । କିନ୍ତୁ ଟୋପି ସହିତ ନମାଜ ପଢ଼ିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଆଉ ଜଣେ ପିଲା ପ୍ରଶ୍ନ କଲେ ହଜୁର୍‌ଙ୍କୁ ସେତେବେଳେ କଣ ଅନୁଭବ ହେଉଥିଲା ଯେତେବେଳେ ହଜୁର୍ ଏହା ଜାଣିଲେ ଯେ ସେ ଖଲିଫା ହେବାକୁ ଯାଉଛନ୍ତି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ଅନେକଥର ଆପଣମାନଙ୍କୁ କ୍ଲାସ୍‌ରେ ବତାଇ ସାରିଛି ଓ ଏମ୍.ଟି.ଏ ବାଲା ଏହାକୁ ଦେଖାଉଛନ୍ତି । ତେଣୁ ଭିଡ଼ିଓ ଦେଖିନିଅ । ବହୁତ କଷ୍ଟକର ଓ ବହୁତ ବଡ଼ ଦାୟିତ୍ୱ ରହିଛି । ତେଣୁ ଏହା ବହୁତ ବୋଝ ଅନୁଭବ ହେଉଛି ।

ଆଉ ଜଣେ ପିଲା ପ୍ରଶ୍ନ କଲେ କି ହଜୁର୍ ଅନୁଓ୍ୱର୍ ବିଭିନ୍ନ ଦେଶ ଗୁଡିକୁ ସଫର୍ କରୁଛନ୍ତି କଣ ହଜୁର୍‌ଙ୍କ ନିକଟରେ ଛୁଟିର କୌଣସି ଦିନ ଆସେନାହିଁ ।

ଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ-କୌଣସି ଦିନ ଛୁଟିନାହିଁ । ସପ୍ତାହର ସାତ ଦିନ ମୁଁ କାମ କରେ । କାମ କରିବା ସମୟରେ ଅଳ୍ପ କିଛି ସମୟ ଯଦି କେବେ ମିଳେ ତାହା ହିଁ ମୋ ପାଇଁ ଛୁଟି । ଚାରି ପାଂଚ ମାସ ପରେ କିଛି ଘଂଟା ବା ଦିନେ ଅଧେ ଏପରି ମିଳିଯାଏ । ଆପଣମାନେ ଯେଉଁ ୱିକେଣ୍ଡ୍‌ର ଛୁଟି ପାଳନ କରୁଛ ମୁଁ ଏହା ସବୁ ପାଳନ କରିନଥାଏ ।

ଆଉ ଜଣେ ପିଲା ପ୍ରଶ୍ନ କଲା କି ମୁସଲ୍‌ମାନ୍‌ମାନେ ହଜ୍ କାହିଁକି କରୁଛନ୍ତି । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅର୍‌କାନେ ଇସ୍‌ଲାମ୍ (ଇସ୍‌ଲାମ୍‌ର ସ୍ତମ୍ଭ) ହେଉଛି ପାଂଚଟି । କଲ୍‌ମା ତୟବା, ନମାଜ, ରୋଜା, ଜକାତ୍ ଓ ହଜ୍ । ଏହି ପାଂଚୋଟି ମୂଳସ୍ତମ୍ଭ ଅଟେ । ତେଣୁ ହଜ୍ ମଧ୍ୟ ଗୋଟିଏ ଉପାସନା । କିନ୍ତୁ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଫର୍ଜ୍ (ଧାର୍ଯ୍ୟ) ନୁହେଁ । କେବଳ ସେହିମାନଙ୍କ ପାଇଁ ଫର୍ଜ୍ ଅଟେ ଯାହାଙ୍କ ପାଖରେ ଯାତ୍ରା କରିବାର ଖର୍ଚ୍ଚ ଥିବ, ରାସ୍ତାରେ ଶାନ୍ତି ଥିବ ଓ ହଜ୍ କରିବା ପାଇଁ କୌଣସି ପ୍ରତିବନ୍ଧକ ନଥିବ । ତେଣୁ ଯଦି ଜିବନରେ ଥରେ ମଧ୍ୟ ଏହାକୁ କରିଦିଆଯାଏ ତାହାଲେ ଯଥେଷ୍ଟ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଖାନା କାବା ହେଉଛି ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ମାଣ ହୋଇଥିବା ପ୍ରଥମ ଘର । ଅଲ୍ଲାଃତାଲା କହୁଛନ୍ତି ଏହା ମୋର ପ୍ରଥମ ଘର ଅଟେ । ସମ୍ଭବତଃ ଏହାର ନିର୍ମାଣ ନିମନ୍ତେ ଆକାଶରୁ Meteor ପଡ଼ିଥିବ । ବିଭିନ୍ନ ନକ୍ଷତ୍ରରୁ ପଥର ଛିଣ୍ଡି ଗୋଟିଏ ସ୍ଥାନରେ ପଡ଼ିଥିବ ଏବଂ ଆରମ୍ଭରେ ତାହାଦ୍ୱାରା ଏହାର ନିର୍ମାଣ ହୋଇଥିବ । ପୁଣି ଏକ ସମୟ ଆସିଲା ଯେ ଏହା ଶେଷ ହୋଇଗଲା ଓ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଓ ଇସ୍‌ମାଇଲ୍ ଆ:ସ ଏ ଘରର ପ୍ରଥମ ମୂଳଦୁଆ ଉପରେ ପୁନର୍ବାର ଘର ନିର୍ମାଣ କଲେ । ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ତାହା ଭାଙ୍ଗିଗଲା । ସୁତରାଂ ଆପଣ ସ:ଆ:ସଙ୍କ ଜିବଦଶାରେ ଯେବେ ଖାନା କାବାର ନିର୍ମାଣ ପୁନର୍ବାର ହେଲା ସେତେବେଳେ ଏହାର ମୂଳକାମ ଗୁଡିକୁ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ମାଧ୍ୟମରେ କରାଇଲେ ।

ହଜୁର୍ ଅନୁଓ୍ୱର୍ କହିଲେ-ସୁତରାଂ ହଜ୍ ହେଉଛି ଗୋଟିଏ ଉପାସନା । ଯେପରି ବାକି ସମସ୍ତ ଉପାସନା ଗୁଡିକ ରହିଛି । କିନ୍ତୁ ଏହା ସେଗୁଡିକ ପରି ସମସ୍ତଙ୍କ ଉପର ଜରୁରୀ ନୁହେଁ । ଯେପରି ନମାଜ ସମସ୍ତଙ୍କ ପାଇଁ ଧାର୍ଯ୍ୟ ଅଟେ । ହଜ୍ ଉପାସନାରେ ବିଭିନ୍ନ ଶୈଳୀ ଅଛି ଯେଉଁଥିରେ ତଓ୍ୱାଫ୍ କରାଯାଇଥାଏ । ଏହା ହଜ୍‌ରତ୍ ଇସ୍‌ମାଇଲ୍ ଆ:ସ ଓ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ବଳିଦାନକୁ ମନେପକାଇବା ପାଇଁ କରାଯାଏ । ଅଲ୍ଲାଃତାଲାଙ୍କ ନିକଟରେ ଏହ ପ୍ରକାଶ କରାଯାଏ କି ଆମେ କିଛି ନୁହେଁ । ଲବ୍‌ବେକ୍ ଲବ୍‌ବେକ୍ କୁହାଯାଏ । ତେଣୁ ଏହା ଗୋଟିଏ ଉପାସନା ଯାହାକୁ ଲୋକେ କରିଥାନ୍ତି । ଏହା ଧାର୍ଯ୍ୟ ଉପାସନା ନୁହେଁ ବରଂ ଏଥିରେ କିଛି ସର୍ତ ରହିଛି । ଯଦି ତୁମ ପାଖରେ ଅର୍ଥ ଅଛି, ଖର୍ଚ୍ଚ କରିବା ପାଇଁ ସାମର୍ଥ୍ୟ ଅଛି, ସ୍ୱାସ୍ଥ୍ୟ ଭଲ ଅଛି ଓ ରାସ୍ତାରେ କୌଣସି ପ୍ରକାର ବିପଦ ଓ ପ୍ରତିବନ୍ଧକ ନାହିଁ । ଉଦାହରଣ ସ୍ୱରୂପ- ଅହେମଦୀମାନଙ୍କୁ ସରକାରୀ ସ୍ତରରେ ସେଠାକୁ ଯିବାକୁ ଦିଆଯାଉନାହିଁ । କିନ୍ତୁ ପୁଣି ମଧ୍ୟ ଅହେମଦୀ ହଜ୍ କରିବା ପାଇଁ ଯାଉଛନ୍ତି । ଯଦି ଏହି ସମସ୍ତ ପ୍ରକାରର ସର୍ତ ପୂରଣ ହେଉଥିବ ଓ କୌଣସି ପ୍ରକାର ପ୍ରତିବନ୍ଧକ ନଥିବ ତେବେ ତୁମକୁ ହଜ୍ କରିବା ଉଚିତ୍ ।

ଆଉ ଜଣେ ପିଲା ପ୍ରଶ୍ନ ପଚାରିଲା- ହଜୁର୍‌ଙ୍କ ମନ ପସନ୍ଦ ନଜମ୍ କଣ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସବୁ ନଜମ୍ ଭଲ ଲାଗେ । ପ୍ରତ୍ୟେକ ନଜମ୍‌ରେ କିଛି ନା କିଛି ଭଲ ପଦ ଥାଏ ଯାହା ମନକୁ ଟାଣିନିଏ ।

ଆଉ ଜଣେ ପିଲା ପ୍ରଶ୍ନ କଲା-ରୋଜା ରଖିବା ପାଇଁ କେତେ ବୟସ ହେବା ଦରକାର ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣମାନେ ଏଠାରେ ଯେତେ ସବୁ ବସିଅଛ କାହାର ରୋଜା ରଖିବା ପାଇଁ ବୟସ ହୋଇନାହିଁ । ତେଣୁ ଅଭ୍ୟାସ ପକାଇବା ପାଇଁ ଗୋଟିଏ ଯୋଡ଼ିଏ ଯଦି ରଖିବାକୁ ଚାହଁ ତେବେ ରଖିପାର । ଯଦି ସ୍ୱାସ୍ଥ୍ୟ ଭଲ ଅଛି ଏବଂ ମୋଟା ତାଜା ଅଛ ତେବେ ପୁଣି ଅଭ୍ୟାସରେ ଲମ୍ବା ରୋଜା ମଧ୍ୟ ରଖିପାରିବ । କିନ୍ତୁ ଯେଉଁମାନେ ପାତଳା ପିଲା ସେମାନେ ନରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁମାନେ ଷ୍ଟୁଡେଂଟ୍ ତାଙ୍କ ଉପରେ ପାଠ ପଢ଼ିବାର ବୋଝ ମଧ୍ୟ ଥାଏ । ଏବେ ପରୀକ୍ଷା ମଧ୍ୟ ଚାଲିଛି । ତେଣୁ ତୁମମାନଙ୍କର ବୟସ କାହାର ଏପରି ନାହିଁ ଯଦ୍ୱାରା ସେ ରୋଜା ରଖିପାରିବ । କିନ୍ତୁ ଯେବେ ତୁମେ ସତର ଅଠର ବର୍ଷରେ ହୋଇଯିବ ଓ ଯୁବକ ହୋଇଯିବ ସେ ସମୟରେ ରୋଜା ରଖିବା ଉଚିତ୍ ହେବ । କିନ୍ତୁ ଏହାପୂର୍ବରୁ ରୋଜା ରଖିବା ପାଇଁ ଅଭ୍ୟାସ କରିବା ଉଚିତ୍ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କୌଣସି ଗୋଟିଏ ସ୍ଥାନରେ ଲେଖିଛନ୍ତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୋତେ ପ୍ରଥମ ରୋଜାଟି ସେ ସମୟରେ ରଖିବାକୁ ଦେଇଥିଲେ ଯେତେବେଳେ ମୁଁ ଏଗାର ବାରବର୍ଷର ଥିଲି । ତା ପୂର୍ବରୁ ରଖିବାକୁ ଦେଲେନାହିଁ । ପୁଣି ଏହାପରେ ପନ୍ଦର ଷୋହଳ ଓ ସତର ବର୍ଷ ପର୍ଯ୍ୟନ୍ତ ମଝିରେ ମଝିରେ ରୋଜା ରଖୁଥିଲି । ଯେତେବେଳେ ମୋତେ ଅଠର ବର୍ଷ ହୋଇଗଲା ସେତେବେଳେ ମୁଁ ସବୁତକ ରୋଜା ରଖିବା ଆରମ୍ଭ କଲି ।

ହଜୁର୍ ଅନୁଓ୍ୱର୍ କହିଲେ-ଯେଉଁ ଲୋକମାନେ ନିଜର ଚାରି ପାଂଚବର୍ଷର ପିଲାମାନଙ୍କୁ ଜୋର୍ ଜବର୍‌ଦସ୍ତି ରୋଜା ରଖାଉଛନ୍ତି, ବିଶେଷ ରୂପେ ଖରାଦିନେ, ତାହା କୌଣସି ପାର୍ଶ୍ୱରୁ ଠିକ୍ ନୁହେଁ । ଥରେ ପାକିସ୍ତାନ୍‌ରେ ଗୋଟିଏ ଖବରକାଗଜରେ ଆସିଥିଲା କି ପାଂଚ ଛଅ ବର୍ଷର ପିଲାକୁ ଖରାଦିନେ ରୋଜା ରଖେଇଦେଲେ । ପିଲାକୁ ଶୋଷ ଲାଗିଲା । ପାଣି ପିଇବା ପାଇଁ ଦୌଡୁଥିଲା, ତାକୁ ଘର ଭିତରେ ବନ୍ଦ୍ କରିଦେଲେ । ପୁଣି ସନ୍ଧ୍ୟା ସମୟରେ ଯେତେବେଳେ ରୋଜା ଇଫ୍‌ତାରି (ଖାଇବାର)ର ସମୟ ଆସିଲା ଓ ତାର ସାଙ୍ଗସାଥିମାନଙ୍କୁ ଖାଇବା ପାଇଁ ନିମନ୍ତ୍ରଣ ଦିଆଗଲା ଓ ଏହା କୁହାଗଲା ଯେ ଆମ ପିଲା ପ୍ରଥମ ରୋଜା ରଖିଛି, ତେଣୁ ଆମ ଘରକୁ ଆସ । ଯେତେବେଳେ କବାଟ ଖୋଲାଗଲା ସେତେବେଳେ ପିଲାଟି ମରିପଡ଼ିଥିଲା । ସେ ଶୋଷରେ ମରିଗଲା । ତେଣୁ ଏହା ଅତ୍ୟାଚାର ଅଟେ । ସୁତରାଂ ଯେବେ ବର୍‌ଦାସ୍ତ୍ କରିବାର ବୟସ ହେବ ସେତେବେଳେ ଯାଇ ରୋଜା ରଖିବା ଉଚିତ୍ ।

ଆଉ ଗୋଟିଏ ପିଲା ପ୍ରଶ୍ନ କଲା କି ଆମେ ନମାଜ କାହିଁକି ପଢୁଛେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଅଲ୍ଲାଃତାଲା ଆମକୁ ଜନ୍ମ ଦେଇଛନ୍ତି ଓ ଆମପାଇଁ ସବୁ ପ୍ରକାର ଜିନିଷ ଯୋଗାଇ ଦେଇଛନ୍ତି । ଆମେ ଅଲ୍ଲାଃତାଲାଙ୍କୁ ସାରା ବ୍ରହ୍ମାଣ୍ଡର ପାଳନକର୍ତା ରୂପେ ମାନୁଛେ । ସେ ଆମକୁ ଜନ୍ମ ଦେଇଛନ୍ତି, ଆମର ଲାଳନପାଳନ କରିଛନ୍ତି, ଭଲ ମା’ ବାପା ଦେଇଛନ୍ତି, ଯେଉଁମାନେ ଆମର ଧ୍ୟାନ ରଖୁଛନ୍ତି, ଆମପାଇଁ ପଢ଼ିବାର ଅବସର ଯୋଗାଇଛନ୍ତି । ଆମପାଇଁ ଖାଇବା ପିଇବାର ବସ୍ତୁ ରଖିଛନ୍ତି । ଏହିପରି ପ୍ରତ୍ୟେକ ଜିନିଷ ଆମକୁ ଦେଇଛନ୍ତି । ଯଦି କିଏ ଗରିବ ଅଛି ତେବେ ସେଧ ଖୁସିରେ ଅଛି ଏବଂ ଯଦି କେହି ଧନୀ ଅଛି ସେ ମଧ୍ୟ ଖୁସିରେ ଅଛି । ତେଣୁ ଅଲ୍ଲାଃଙ୍କୁ ଧନ୍ୟବାଦ ଅର୍ପଣ କରିବା ପାଇଁ ଆମେ ନମାଜ ପଢୁଅଛେ । ଏହାଦ୍ୱାର ଅଲ୍ଲାଃଙ୍କ ସହିତ ଆମର ସମ୍ପର୍କ ମଧ୍ୟ ସ୍ଥାପନ ହୋଇଥାଏ । ପୁଣି ଅଲ୍ଲାଃତାଲା କହୁଛନ୍ତି କି ମୁଁ ଆହୁରି ମଧ୍ୟ ପୁରସ୍କାର ଦେବି । ଅଲ୍ଲାଃତାଲା ଏହା ଧାର୍ଯ୍ୟ କରିଛନ୍ତି କି ତୁମେମାନେ ମୋର ଉପାସନା କର ବରଂ ଅଲ୍ଲାଃତାଲା ଏହା କହୁଛନ୍ତି କି ତୁମମାନଙ୍କ ଜନ୍ମ ହେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଉଛି ମୋର ଉପାସନା କରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପଶୁ ଜନ୍ତୁ ମଧ୍ୟ ଖିଆପିଆ କରିଥାନ୍ତି ଓ ଏ ଦୁନିଆରେ ଦିନ କାଟି ଚାଲିଯାଆନ୍ତି । ତେଣୁ ତୁମମାନଙ୍କର ଏପରି କାର୍ଯ୍ୟ ନୁହେଁ । ବରଂ ତୁମର କାର୍ଯ୍ୟ ଏହା ହେଉଛି କି ତୁମେ ନିଜର ବୁଦ୍ଧିକୁ ବ୍ୟବହାର କର ଓ ଅଲ୍ଲାଃତାଲାଙ୍କୁ ଧନ୍ୟବାଦ ଅର୍ପଣ କର । ତେଣୁ ଧନ୍ୟବାଦ ଅର୍ପଣ କରିବାର ଗୋଟିଏ ଶୈଳୀ ଏହା ମଧ୍ୟ ଅଟେ କି ତାର ଉପାସନା କର । ବରଂ ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି କି ତାର ଉପାସନା କର । ଯଦ୍ୱାରା ଅଲ୍ଲାଃତାଲା ତୁମମାନଙ୍କୁ ପୁରସ୍କାର ଓ ଫଳ ପ୍ରଦାନ କରିବେ ।

ଆଉ ଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ବସି କରି ପାଣି କାହିଁକି ପିଇବା ଉଚିତ୍ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବସିକରି ପାଣି ପିଇବା

ଭଲକଥା ଓ ବସିକରି ପିଇବା ସୁନ୍ନତ୍ ଅଟେ । ଆରାମରେ ବସିକରି ପିଇବା ଉଚିତ୍ । ଶିଘ୍ର ଶିଘ୍ର କାମ କରିବା କଥା ନୁହେଁ । ଯଦି କୌଣସି ମଜ୍‌ବୁରି ଅଛି ତେବେ ଛିଡ଼ା ହୋଇ ପିଇପାରିବେ, କୌଣସି ପାପ ନୁହେଁ । କିଛି ସ୍ଥାନରେ ଗ୍ଲାସ୍ ସହିତ ଚେନ୍ ଲାଗିଥାଏ । ତେଣୁ ଛିଡ଼ା ହୋଇ ପିଇବାକୁ ପଡ଼େ । ଯଦି କୌଣସି ଗ୍ଲାସ୍ ଇତ୍ୟାଦି ନାହିଁ ତେବେ ନଇଁକରି ପିଇବାକୁ ପଡ଼ିଥାଏ । ତେଣ ଏଭଳି ପରିସ୍ଥିତିରେ ପିଇନିଅ । କିନ୍ତୁ ଜଗି ରଖି ଆରାମର ସହିତ ଧିରେଧିରେ ପିଅ ଓ ଇଶ୍ୱରଙ୍କୁ ଧନ୍ୟବାଦ ପ୍ରଦାନ କରି ପିଅ । ଉତମ ଚରିତ୍ର ଏହା ହେଉଛି କି ବସିକରି ପିଅ ।

ଆଉ ଜଣେ ପିଲା ପ୍ରଶ୍ନ ପଚାରିଲା-କାଇଦା (ବହି) କାହିଁକି ପଢ଼ାହୁଏ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କାଇଦା ବହି ନିୟମିତ ପଢ଼ିବା ଦ୍ୱାରା ପବିତ୍ର କୁର୍‌ଆନ୍ ପଢ଼ିବା ଆସିଯାଏ । ତୁମେମାନେ ସ୍କୁଲ୍ ଯାଉଛ । ସିଧାସଳଖ ତୃତୀୟ ଶ୍ରେଣୀରେ ଯାଇ ବସୁନାହଁ । ପ୍ରଥମେ ତୁମେ ନର୍ସରୀ ଯାଓ, ପ୍ରଥମ କ୍ଲାସ୍‌କୁ ଯାଓ, ପୁଣି ଦ୍ୱିତୀୟ କ୍ଲାସ୍ ଯାଓ । ଏହିପରି ତୃତୀୟ ଶ୍ରେଣୀକୁ ଯାଅ । ତେଣୁ ତୁମେମାନେ କାଇଦା ପଢ଼ । ଯେବେ କାଇଦା ପଢ଼ିସାର ତେବେ ପବିତ୍ର କୋରାନ୍ ପଢୁଛ । ପୁଣି ପବିତ୍ର କୋରାନ୍‌ର ଅନୁବାଦ ପଢୁଛ, ଯଦ୍ୱାରା ତୁମେ ଏହା ଜାଣିପାରିବ କି ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କଣ କହିଛନ୍ତି । ପୁଣି ସେ ଯାହା କହିଛି ତା ଉପରେ ପରିଚାଳିତ ହୁଅ ଓ କଥାମାନ । ପବିତ୍ର କୋରାନ୍‌ର କାଇଦା ପଢ଼ିବା ନିମନ୍ତେ ଟ୍ରେନିଂ ଦିଆଯାଇ ପଢ଼ାହେଉଛି । ଯଦ୍ୱାରା ତୁମେ ପଢ଼ିପାରିବ, ଶିଖିପାରିବ । ପୁଣି ଯେତେବେଳେ ତୁମକୁ ପବିତ୍ର କୋରାନ୍ ପଢ଼ିବା ଆସିଯିବ ସେତେବେଳେ ତୁମେ ଭଲଭାବେ ଅଲ୍ଲାଃତାଲାଙ୍କ କଥାକୁ ବୁଝିପାରିବ ।

ଆଉ ଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ହଜୁର୍ ଯୌବନ ଅବସ୍ଥାରେ କି ଖେଳ ଖେଳୁଥିଲେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ କ୍ରିକେଟ୍ ଓ ବ୍ୟାଡ୍‌ମିଟନ୍ ଖେଳୁଥିଲି । କେବଳ ଏହି ଦୁଇଟି ଖେଳ ଖେଳୁଥିଲି ।

ଆଉଜଣେ ପିଲା ପ୍ରଶ୍ନ ପଚାରିଲା କି- ଯେତେବେଳେ ଜଣେ ନମାଜ ପଢୁଥାଏ ତେବେ ତା ସମ୍ମୁଖରେ ଯିବା ପାଇଁ କାହିଁକି ମନା କରାଯାଇଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଇଥିପାଇଁ କି ନମାଜ ପଢ଼ାଉଥିବା ବ୍ୟକ୍ତିଙ୍କର ଧ୍ୟାନ ଏପଟ ସେପଟ ନହୋଇଯାଉ ଏବଂ ଏହା ଶିଷ୍ଟାଚାରର ବିରୋଧ ଅଟେ । ସେଇଥିପାଇଁ ଏ ନିର୍ଦ୍ଦେଶ ରହିଛି କି ଅପେକ୍ଷା କର ବା ସଜ୍‌ଦା କରାଯାଉଥିବା ସ୍ଥାନଠାରୁ ଦୂରେଇ ଯିବାଆସିବା କରିବା ଉଚିତ୍ ।

ଆଉଜଣେ ପିଲା ପ୍ରଶ୍ନ ପଚାରିଲା କି କେତେ ବୟସ ହେଲେ ମୋବାଇଲ୍ ରଖିବା ଉଚିତ୍ ହେବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେତେବେଳେ ତୁମ ମା' ବାପା ଅନୁମତି ଦେବେ ଓ ଯେବେ ସେମାନେ ନିଷ୍ପତି ନେବେ କି ତୁମକୁ ମୋବାଇଲ୍ ଫୋନ୍ ଦେବା ଉଚିତ୍ ବୋଲି ? ବେଳେବେଳେ ପିଲାଏ ଯେବେ ସ୍କୁଲ୍ ଯାଆନ୍ତି, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି ତାଙ୍କୁ ବାର ତେରବର୍ଷ ହୋଇଥାଏ, ସେମାନଙ୍କୁ ଫୋନ୍ ଦେଇଥାନ୍ତି । କିନ୍ତୁ ଯଦି ତୁମେମାନେ ଆଇଫୋନ୍, ସ୍ମାର୍ଟଫୋନ୍ ଓ ଏହିଭଳି ଅନ୍ୟ ଜିନିଷ ରଖିଥାଓ ଓ ଆପ୍‌ସ୍ ଦେଖିବା ପାଇଁ ଏହା ରଖିବାକୁ ପଡ଼େ ତେବେ ତୁମେ ଖରାପ କାମରେ ପଡ଼ିଯାଇପାର । ତେଣୁ ମା'ବାପା ତୁମକୁ ରୋକିଥାନ୍ତି । ଯଦି ତୁମେ କେବଳ ସମ୍ପର୍କ ରଖିବା ପାଇଁ ଚାହଁ ତେବେ ସାଧାରଣ ଫୋନ୍ ଅଛି, ତାହା ରଖିପାରିବ । ତୁମେ କୌଣସି ବେପାରି ବଣିଜ କରୁନାହଁ, କେବଳ ଷ୍ଟୁଡେଂଟ୍ । ତେଣୁ ମୋବାଇଲ୍ ଫୋନ୍ ସବୁବେଳେ ଯଦି ହାତରେ ରହିବ ତେବେ ବେକାର ଆପ୍‌ସଗୁଡିକ ତୁମକୁ ମିଳିଯିବ । ସେଥିଯୋଗୁ ପାଠ ପଢ଼ିବା ପାଇଁ ଧ୍ୟାନ ରହିବାନାହିଁ । ବରଂ କୁହାଯାଉଛି କି ଯେବେଠାରୁ ଫୋନ୍ ଆସିଲାଣି, ଅର୍ଥାତ୍ ଯେଉଁଥିରେ ଆପ୍‌ସ୍ ରହିଥାଏ, ସେବେଠାରୁ ଆକ୍‌ସିଡେଂଟ୍ ମଧ୍ୟ ବଢ଼ିଗଲାଣି । ପୁରୁଷ ମହିଳାମାନେ ରାସ୍ତାରେ ଚାଲୁଥିବା ସମୟରେ ଏଥିରେ ଆଙ୍ଗୁଠି ଚଳାଇ ଚାଲିଥାନ୍ତି । ସେହିକ୍ଷଣି ସେପଟୁ କାର୍ ଆସିଲା, ଧକ୍କା ଦେଲା ଓ ଲୋକ ମରିଗଲା । ତେଣୁ ଏହି ମୋବାଇଲ୍ ଫୋନ୍ ଯୋଗୁ ଦୁର୍ଘଟଣା ବହୁତ ବଢ଼ିଗଲାଣି ଓ ଲୋକମାନେ ମଧ୍ୟ ବହୁ ସଂଖ୍ୟାରେ ମଲେଣି । କିନ୍ତୁ ତୁମର ସେ ବୟସ ହୋଇନାହିଁ ଯେ ତୁମେ ଏପରି ଫୋନ ରଖିବ । ପଢ଼ିବା ପାଇଁ ଯଦି ଆବଶ୍ୟକ ହୁଏ ତେବେ ନିଜ ଘରେ ମା' ବାପାଙ୍କ ନିରୀକ୍ଷଣରେ କମ୍ପ୍ୟୁଟର୍ ରଖ । ସମ୍ପର୍କ ରଖିବା ପାଇଁ ଫୋନ୍‌ର ତ ଆବଶ୍ୟକତା ରହିଛି । ତେଣୁ ସାଧାରଣ ଫୋନ୍ ରଖ, ଯେଉଁଥିରେ ଆପ୍‌ସ ନଥିବ । ଏତଦ୍‌ବ୍ୟତୀତ ଯଦି ତୁମ ମା' ବାପାମାନଙ୍କୁ ତୁମ ଉପରେ ବିଶ୍ୱାସ ଅଛି ତେବେ ତୁମେ ରଖିପାର । କିନ୍ତୁ ତୁମେ ଏ କଥାର ଧ୍ୟାନ ରଖିବ ଯେ କୌଣସି ବେକାର୍ ଆପ୍‌ସ୍ ବା ଅନ୍ୟ ପ୍ରୋଗ୍ରାମ୍ ଗୁଡିକ ଇଂଟରନେଟ୍‌ରୁ ବାହାର କରି ଯେପରି ନଦେଖ ବରଂ ଭଲ ଭଲ କଥା ଦେଖ । ଉଦାହରଣ ସ୍ୱରୂପ-ଆଜିକାଲି ଏମ୍.ଟି.ଏ ଅଲ୍ ଇସ୍‌ଲାମ୍ ଓ୍ୱେବ୍‌ସାଇଟ୍ ଆଇଫୋନ୍‌ରେ ଆସୁଛି । ତେଣୁ ଯଦି ଦୀନ୍ ଶିଖିବାକୁ ଚାହୁଁଛ ତେବେ ଏହାକୁ ପାଖରେ ରଖ, କୌଣସି ଅସୁବିଧା ନାହିଁ ।

ଆଉଜଣେ ପିଲା ପଚାରିଲା ଇସ୍‌ଲାମ୍‌ରେ ମ୍ୟୁଜିକ୍‌ର ଅନୁମତି ଅଛି କି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ତୁମେ ମ୍ୟୁଜିକ୍ ବଜାଇ ନାଚ କୁଦ କରିବ ତେବେ ଅନୁମତି ନାହିଁ । ହଁ ଗୋଟିଏ ସୀମା ପର୍ଯ୍ୟନ୍ତ ଡ୍ରମ୍(ଢ଼ୋଲ) ବଜାଇବା ପାଇଁ ଅନୁମତି ଅଛି । ବାହାଘରବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମଧ୍ୟ ଢ଼ୋଲ ବଜାଉଥିଲେ ଓ ଖୁସିର ପରିପ୍ରକାଶ ହେଉଥିଲା । ଝିଅପିଲାମାନେ ଏହି ଆନନ୍ଦକୁ ଏପରି ପ୍ରକାଶ କରୁଥିଲେ । ତେବେ ତୁମେମାନେ ମଧ୍ୟ ବିଭାଘର ସମୟରେ ଢ଼ୋଲ ବଜାଇ ନିଜ ଆନନ୍ଦକୁ ପରିପ୍ରକାଶ କରିପାରିବ । କିନ୍ତୁ ମ୍ୟୁଜିକ୍ ଲଗାଇ, ପିଆନୋ କ୍ଲବ୍‌ରେ ଯାଇ ମ୍ୟୁଜିକ୍ ଶିଖିବା ଓ ବିଶେଷ ରୂପେ ସେଠାକୁ ଯାଇ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବା ଓ ତା ସାଙ୍ଗେ ତାଳ ଦେଇ ନାଚିବା ଏହାସବୁ ଠିକ୍ ନୁହେଁ ।

ଆଉ ଜଣେ ପିଲା ପଚାରିଲା କି-ହଜୁର୍ ଧଳା ଶେର୍‌ଓ୍ୱାନି (ଲମ୍ବାକୋଟ୍) କାହିଁକି ପିନ୍ଧୁନାହାଁନ୍ତି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟିକିଏ ହସିଦେଇ କହିଲେ- ତୁମେମାନେ ମଧ୍ୟ ବହୁତଗୁଡିକ ଜିନିଷ ମୋ ପସନ୍ଦର ପିନ୍ଧୁନାହଁ । ତେଣୁ ମୁଁ ମଧ୍ୟ ନିଜ ପସନ୍ଦର ଜିନିଷ ପିନ୍ଧିଥାଏ ।

ଆଉ ଗୋଟିଏ ପିଲା ପଚାରିଲା କି ପାଣି ତିନିଢ଼ୋକରେ କାହିଁକି ପିଆଯାଏ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହାର ଉଦ୍ଦେଶ୍ୟ ହେଉଛି ତୁମେ ଧିରେ ଧିରେ ପାଣିପିଅ । ଆରାମ୍‌ରେ ପିଅ । ଏକାଦମ୍‌ରେ ଯଦି ତୁମେ ପିଉଛ ତେବେ ଯେଉଁ ପାତ୍ରରେ ପିଉଛ ସେଥିରେ ନିଃଶ୍ୱାସ ପ୍ରଶ୍ୱାସ ନେବା ଉଚିତ୍ ନୁହେଁ । ନିଃଶ୍ୱାସ ପ୍ରଶ୍ୱାସ ଦ୍ୱାରା ନାକରୁ କୀଟାଣୁ ଇତ୍ୟାଦି ବାହାରି ପାଣି ଭିତରକୁ ଚାଲିଯାଆନ୍ତି.... । ପ୍ରଥମତଃ ହେଉଛି ଯେ ପ୍ରଥମେ ଗୋଟିଏ ଢ଼ୋକ ନିଅ ଏବଂ ତାକୁ ଧିରେ ଧିରେ ପିଅ । ପାଣିକୁ ଢ଼କ ଢ଼କ କରି ଗଳାକୁ ଭିଜାଓ । ପୁଣି ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କର । ପୁଣି ଦ୍ୱିତୀୟ ଢ଼ୋକ, ପୁଣି ତୃତୀୟ ଢ଼ୋକ ପିଅ । ଏହିପରି ତ ପାଣି ମଧ୍ୟ ପଶୁମାନେ ପିଇଥାଆନ୍ତି । ତେବେ ପଶୁ ଏବଂ ମଣିଷ ମଧ୍ୟରେ କିଛି ଫରକ ରହିବା ଦରକାର୍ । ବେଳେବେଳେ ପଶୁମାନେ ଏକା ନିଃଶ୍ୱାସରେ ପାଣି ପିଅନ୍ତି ଓ ପୁଣି ରହିଯାଆନ୍ତି । ତାଙ୍କର ମଧ୍ୟ ବୁଦ୍ଧି ଅଛି । ସେମାନେ ଦୁଇ ତିନିଥରରେ ପାଣି ପିଅନ୍ତି । ତେବେ ମଣିଷର ତ ବୁଦ୍ଧି ରହିଛି । ପ୍ରଥମତଃ ଏହା ଅଟେ କି ଧିରେ ଧିରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ । ବେଳେବେଳେ ବହୁତ ଶୋଷ ଲାଗିଥାଏ ଓ ଭୀଷଣ ଗରମ ଦ୍ୱାରା ଗଳା ଏତେ ଶୁଖିଯାଇଥାଏ କି ଲୋକଟି ପାଣି ପିଇଚାଲେ ଓ ପିଇଚାଲେ । ଫଳତଃ ଏତେ ପିଇଦିଏ କି ତା ପେଟ ଖରାପ ହୋଇଯାଏ । ଯଦ୍ୱାରା ସେ ବେମାର ହୋଇଯାଏ । ତେଣୁ ସବୁଠୁ ଭଲ କଥା ହେଉଛି ଧିରେ ଧିରେ ପାଣିପିଅ ଓ ଗଳାକୁ ଭିଜାଓ । ଏହା ଆଦାବ୍ (ଉତମ ଶୈଳୀ) ମଧ୍ୟ ଅଟେ ଓ ତୁମ ସ୍ୱାସ୍ଥ୍ୟପାଇଁ ମଧ୍ୟ ଭଲ ଅଟେ । ଏହାଦ୍ୱାରା ବେମାର ହେବାର କୌଣସି ବିପଦ ନଥାଏ । ତେଣୁ ପାଣି ପିଇବା ସମୟରେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କର ।

ଆଉ ଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ହଜୁରଙ୍କୁ ଖୁତ୍‌ବା ପ୍ରସ୍ତୁତ କରିବା ପାଇଁ କେତେ ସମୟ ଲାଗିଥାଏ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବେଳେବେଳେ ଦୁଇଘଂଟା ଲାଗେ ଓ ବେଳେବେଳେ ପାଂଚଘଂଟା ମଧ୍ୟ ଲାଗିଯାଏ । ଯଦି ହଓ୍ୱାଲା(Reference) ଅଧିକ ଥିବ ତେବେ ହଓ୍ୱାଲା ପଢ଼ିବାରେ ଦୁଇତିନି ଘଂଟା ଲାଗିଯାଏ । ପୁଣି ମୁଁ ନିଜ ଦଫ୍‌ତର୍ ଲୋକଙ୍କୁ ଦେଇଦିଏ, ତାକୁ ପ୍ରିଂଟ୍ କରି ସେ ମୋତେ ଦେଇଦେବେ । ଯଦି ନିଜେ ପ୍ରସ୍ତୁତ କରେ ତ ପୁଣି ଦୁଇ ତିନିଘଂଟା ଅଧିକା ଲାଗିଯାଏ ।

ଆଉଜଣେ ପିଲା ପ୍ରଶ୍ନ ପଚାରିଲା କି ନିଦ ଆଉ ମୃତ୍ୟୁ ଭିତରେ ପ୍ରଭେଦ କଣ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତୁମେ ନିଦ ପରେ ଏ ସଂସାରକୁ ପନର୍ବାର ଫେରି ଆସିଥାଓ । ଅଲ୍ଲାଃତାଲା କହୁଛନ୍ତି କିଛି ଲୋକଙ୍କୁ ମୁଁ ନିଦ ଅବସ୍ଥାରେ ପୁଣି ଫେରାଇଦିଏ । ଅର୍ଥାତ୍ ପୁନର୍ବାର ଜୀବନ ଦେଇ ସଂସାରକୁ ଫେରାଇଦିଏ । କିନ୍ତୁ ଯେଉଁ ମୃତ୍ୟୁ ଅଛି ଏହାଦ୍ୱାରା ତୁମେ ଆରପାରିକୁ ଚାଲିଯାଓ, ଏ ଦୁନିଆକୁ ପୁନର୍ବାର ଫେରନାହିଁ । ବରଂ ଅନ୍ୟ ଗୋଟିଏ ଦୁନିଆକୁ ଚାଲିଯାଓ ।

ଆଉଜଣେ ପିଲା ପ୍ରଶ୍ନ ପଚାରିଲା କି-ଯଦି ଆମକୁ କିଏ କହେ କି ଆମେ ମୁସଲ୍‌ମାନ୍ ନାହୁଁ ବୋଲି ତେବେ ଆମେ ତାଙ୍କୁ କଣ ଉତର ଦେବୁ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତାଙ୍କୁ ପଚାର କି ମୁସଲ୍‌ମାନ୍‌ର ପରିଚୟ କଣ ? ଆଁ ହଜ୍‌ରତ୍ ସ:ଆ:ସ ତ କହିଛନ୍ତି କି ଯିଏ କଲ୍‌ମା ତୟବା ''ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ'' ପଢ଼ିଥାଏ ସେ ମୁସଲ୍‌ମାନ୍ ଅଟେ, ଯିଏ ଆମ ଦ୍ୱାରା ଜେଭ ହୋଇଥିବା ଜିନିଷକୁ ଖାଏ, ଯିଏ ଆମ ଖାଦ୍ୟ ଖାଏ ଓ ଆମ ସହିତ ଉଠାବସା କରେ ସେ ମଧ୍ୟ ମୁସଲ୍‌ମାନ୍ ଅଟେ । କଲ୍‌ମା ତୟବା ପଢ଼ିବା ବାଲା ମୁସଲ୍‌ମାନ୍ ଅଟେ । ଆମେ ତ ''ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ'' ପଢୁଅଛୁ । ତେଣୁ ଆମେ ହେଉଛୁ ମୁସଲ୍‌ମାନ୍ । ଯଦି ସେମାନେ କହୁଛନ୍ତି କି ତୁମେ ମୁସଲ୍‌ମାନ୍ ନୁହଁ ତେବେ ତାଙ୍କୁ ତୁମେ ପଚାର କି ମୁସଲ୍‌ମାନ୍ କେଉଁମାନେ । ଆମକୁ ତ ଆଁ ହଜ୍‌ରତ୍ ସ:ଆ:ସ ବତାଇଛନ୍ତି କି ଯିଏ କଲ୍‌ମା ତୟବା ପଢ଼େ ସେ ମୁସଲ୍‌ମାନ୍ ଅଟେ । ଏହା ହେଉଛି ସାଧାସିଧା ଉତର । ତେଣୁ ଆମେ ମୁସଲ୍‌ମାନ୍ ଅଟୁ । ଆମେ ପବିତ୍ର କୋରାନ୍ ପାଠ କରୁଅଛୁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ରଖୁଛୁ । ଅଲ୍ଲାଃତାଲାଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ବିଶ୍ୱାସ କରୁଛୁ । ଇସ୍‌ଲାମ୍‌କୁ ଶେଷ ଧର୍ମ ବୋଲି ଭାବୁଅଛୁ । ପବିତ୍ର କୋରାନ୍‌କୁ ଶେଷ ପୁସ୍ତକ ରୂପେ ଜାଣୁଅଛୁ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଶେଷ ନବୀ ବୋଲି ଭାବୁଅଛୁ । କଲ୍‌ବା ତୟବା ପଢୁଛୁ, ତେଣୁ ଆମେ ମୁସଲ୍‌ମାନ୍ ଅଟୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆମକୁ କିଏ କଣ କହୁଅଛି ସେଥିରେ ଆମର କିଛି ଯାଏ ଆସ୍ ନାହିଁ । ଆମେ ତ ଅଲ୍ଲାଃଙ୍କୁ ଉତର ଦେବା । ଏହି ଲୋକମାନଙ୍କୁ ଦେବାନାହିଁ । ତେଣୁ ତୁମେ ସେମାନଙ୍କୁ କହିଦିଅକି ଆମେ ନିଜକୁ ମୁସଲ୍‌ମାନ୍ ବୋଲି ଭାବୁଅଛୁ । ଯଦି ତୁମେମାନେ ଭାବୁନାହଁ ତେବେ ନଭାବିପାର । ଆମେ ତୁମକୁ ବୁଝାଇବାର କୌଣସି ଆବଶ୍ୟକ ନାହିଁ । ଆମେ ତ ଅଲ୍ଲାଃତାଲାଙ୍କ ପାଖରେ ଜିବନ ଦେବୁ । ମରିବା ପରେ କୌଣସି ମଣିଷ ପାଖକୁ ତ ଯିବୁନାହୁଁ ।

ପୁଣି ଆଉଗୋଟିଏ ପିଲା ପ୍ରଶ୍ନ ପଚାରିଲା କି ଆପଣ ଏହି ମୁଦି କାହିଁକି ପିନ୍ଧିଛନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହି ମୁଦିର ବିଶେଷତ୍ୱ ଏହା ମଧ୍ୟ ଅଟେ କି ତାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମୁଦି ଅଟେ । ସେଇଥିପାଇଁ ମଧ୍ୟ ପିନ୍ଧିଛି କି ଏହା ଅତି ପବିତ୍ର ଓ ବା ବର୍‌କତ୍ ମୁଦି ଅଟେ । ମସିହ୍ ମଉଦ୍ ଆ:ସଙ୍କୁ ତାଙ୍କ ବାପାଙ୍କ ମୃତ୍ୟୁ ସମୟରେ ଏହି ଏଲ୍‌ହାମ୍ ହୋଇଥିଲା କି ''ଆ ଲୈ ସଲ୍ଲାହୋ ବିକାଫିନ୍ ଅବ୍‌ଦହୁ'' ଅର୍ଥାତ୍- କଣ ଅଲ୍ଲାଃ ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ନୁହଁନ୍ତି । ଏହି ମୁଦିଟିକୁ ତିଆରି ହେବାର ୧୩୫-୩୬ ବର୍ଷ ବିତିଗଲାଣି ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 5-12 April 2018 Issue No.14-15

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

## ୦୮ ମଇ ୨୦୧୬ ରବିବାର
## ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଅତ୍‌ଫାଲ୍‌ଙ୍କ କ୍ଲାସ୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ୬:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଅତ୍‌ଫାଲ୍ ଓ ନାସ୍‌ରାତ୍ ପିଲାମାନଙ୍କର ଅଲଗା ଅଲଗା କ୍ଲାସ୍‌ର ପ୍ରୋଗ୍ରାମ୍ ରଖାଯାଇଥିଲା ।

ପ୍ରଥମେ ଅତ୍‌ଫାଲ୍ ପିଲାମାନଙ୍କର କ୍ଲାସ୍ ଆରମ୍ଭ ହେଲା । ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ଆରମ୍ଭ ହେଲା ଯାହାକୁ ଅଜିଜମ୍ ସାଏମ୍ ଅହେମଦ୍ ପାଠ କଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ମୁହମ୍ମଦ୍ ଅନ୍‌ସର୍ ମେହ୍‌ମୁଦ୍ ଉପସ୍ଥାପନ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ କେବଳ ଉର୍ଦ୍ଦୁ ଅନୁବାଦ ରଖିଛନ୍ତି । ଏ ପିଲାମାନଙ୍କୁ ଏଥିରୁ କଣ ବୁଝା ପଡ଼ିଥିବ । ଏମାନଙ୍କୁ ବୁଝାଇବା ପାଇଁ ଡେନିଶ୍ ଅନୁବାଦ କରିବା ଉଚିତ୍ ଥିଲା । ଏମାନଙ୍କୁ ତ ଜଣାନାହିଁ କି ଏହି ଆୟତ ଗୁଡିକର ଅର୍ଥ କଣ ?

ଏହାପରେ ଅଜିଜମ୍ ଶିଆନ୍ ମେହ୍‌ଦୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ଉପସ୍ଥାପନ କଲେ ।

''ହଜ୍‌ରତ୍ ଅବୁ ଅୟୁବ୍ ଅନ୍‌ସାରୀ ର:ଅ ବର୍ଣ୍ଣନା କରୁଛନ୍ତି କି ଜଣେ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ କହିଲେ-ହେ ଅଲ୍ଲାଃଙ୍କ ରସୁଲ୍ ! ଏପରି କୌଣସି କାର୍ଯ୍ୟ ବତାନ୍ତୁ ଯାହା ମୋତେ ସ୍ୱର୍ଗ ଆଡକୁ ନେଇଯିବ ଓ ନିଆଁରୁ ଦୂର କରିଦେବ । ଆପଣ ସ:ଆ:ସ କହିଲେ ଅଲ୍ଲାଃଙ୍କ ଉପାସନା କର, ତା ସହିତ କାହାକୁ ସମକକ୍ଷ କରନାହିଁ, ନମାଜ ପଢ଼, ଜକାତ୍ ଦିଅ ଓ ସିଲା ରିହ୍‌ମି ଅର୍ଥାତ୍ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କ ସହ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ବସବାସ କର'' ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ ପବିତ୍ର କୋରାନ୍ ତିଲାଓ୍ୱତ୍ କରିସାରିଛନ୍ତି । ହଦିସ୍ ପଢ଼ିସାରିଛନ୍ତି । ଏଥିରୁ ଆପଣମାନଙ୍କୁ କଣ ବୁଝା ପଡ଼ିଲା ।

ପବିତ୍ର କୋରାନ୍‌ର ଆୟତରେ ତଓ୍ୱକ୍କଲ୍ (ଇଶ୍ୱରଙ୍କ ଉପରେ ଭରଷା ରଖିବା) ବିଷୟରେ ଚର୍ଚ୍ଚା ଥିଲା । ଅଲ୍ଲାଃତାଲାଙ୍କ ଉପରେ ଭରଷା କରିବା ଅର୍ଥ କଣ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଅଲ୍ଲାଃତାଲାଙ୍କ ଉପରେ ଭରଷା ରଖିବା ଅର୍ଥ ହେଉଛି ଯିଏ ସବୁକିଛି ଦେଇଛି, କେବଳ ତା ଉପରେ ହିଁ ଭରଷା କରିବା । ଖୁଦାଙ୍କୁ ପ୍ରତ୍ୟେକ ବସ୍ତୁର ସୁରକ୍ଷାକାରୀ ରୂପେ ଜାଣିବା । ତୁମେମାନେ ପାଠ ପଢ଼, ପରିଶ୍ରମ କର, ଯଥା ସମ୍ଭବ ଚେଷ୍ଟା କର । ପୁଣି ଖୁଦାଙ୍କ ଉପରେ ଭରଷା କର କି ସେ ତୁମକୁ ଉତମ ରୂପେ ପରୀକ୍ଷାରେ ପ୍ରଶ୍ନପତ୍ର ସମାଧାନ କରିବା ପାଇଁ ଶକ୍ତି ଦିଅନ୍ତୁ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିଚାଲ । ଲୋକମାନଙ୍କ ଠାରୁ ଆଶା ରଖିବା ପରିବର୍ତେ ପ୍ରତ୍ୟେକ ଜିନିଷ ଆଶା ଖୁଦାଙ୍କ ନିକଟରେ ରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପିଲାମାନେ ଶିର୍କ୍ (ଅଲ୍ଲାଃଙ୍କ ସହିତ କାହାକୁ ସମକକ୍ଷ କରିବା) କଣ ଅଟେ ? ପୁଣି କହିଲେ ଯେ ଶିର୍କ୍‌ର ଅର୍ଥ ହେଉଛି ଖୁଦାଙ୍କ ମୁକାବିଲାରେ ଆଉ କାହାରିକୁ ଖୁଦା ଭାବିବା । କେବଳ ତା ଠାରୁ ହିଁ ମାଗିବା ଓ ତାର ଉପାସନା କରିବା । କାଫିର୍ ଲୋକମାନେ ମୂର୍ତୀପୂଜା କରୁଥିଲେ । ଏହିପରି ସେମାନେ ଶିର୍କ୍ କରୁଥିଲେ । ଖୁଦାଙ୍କ ସ୍ଥାନରେ ସେମାନେ ନିଜର ଗୋଟିଏ ଗୋଟିଏ ମୂର୍ତୀ ତିଆରି କରି ରଖିଥିଲେ । ଖାନାକାବାରେ ମୂର୍ତୀ ରଖାଯାଇଥିଲା । ସେମାନେ ତାଙ୍କର ପୂଜା କରୁଥିଲେ । ଏହିପରି ସେମାନେ ଶିର୍କ୍ କରୁଥିଲେ ।

ଜକାତ୍ ବିଷୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହାର ଅର୍ଥ ହେଉଛି ଯାହା କିଛି ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କର ଚ୍ୟାରିଟିରେ ଦିଅ, ଚାନ୍ଦା ଆକାରରେ ଦିଅ, ଲୋକମାନଙ୍କ ସହାନୁଭୁତି ପାଇଁ ଖର୍ଚ୍ଚ କର, ଦୀନ୍‌ର ସେବା ନିମନ୍ତେ ଖର୍ଚ୍ଚ କର, ସଦ୍‌କା ଦିଅ । ଏହି ସବୁ ବିଷୟ ଜକାତ୍‌ର ପରିଧି ଭିତରେ ସାମିଲ୍ ହୋଇଥାଏ ।

ପୁଣି ଜକାତ୍ ହେଉଛି ଇସ୍‌ଲାମ୍‌ରେ ଗୋଟିଏ ବିଶେଷ ପ୍ରକାରର ଚାନ୍ଦା ଏବଂ ଏହାର ଗୋଟିଏ ମାପ ଅଛି । ଯେଉଁମାନେ ଏକବର୍ଷ ପର୍ଯ୍ୟନ୍ତ ଏକ ନିର୍ଦ୍ଧାରିତ ଅର୍ଥ ରାଶିକୁ ବ୍ୟାଙ୍କ୍‌ରେ ଜମା ରଖିଥାନ୍ତି ତେବେ ଏକବର୍ଷ ବିତିଯିବା ପରେ ଉକ୍ତ ଅର୍ଥର କିଛି ଅଂଶ ଖୁଦାତାଲାଙ୍କ ମାର୍ଗରେ ଦେଇଥାନ୍ତି ।

ପୁଣି ସୁନା ଓ ରୂପାର ଜକାତ୍ ଅଛି । ଏହି ଦୁଇଟି ବସ୍ତୁର ଗୋଟିଏ ନିର୍ଦ୍ଧାରିତ ମାପ ରହିଛି । ଗୋଟିଏ ବର୍ଷ ବିତିଯିବା ପରେ ସେଥିରୁ ୪୦ ଭାଗରୁ ୧ ଭାଗ ଜକାତ୍ ରୂପେ ଦିଆଯାଏ । ଏହି ସବୁ ବସ୍ତୁଗୁଡିକ ଉପରେ ଜକାତ୍ ଧାର୍ଯ୍ୟ କରାଯିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରୁ ପ୍ରଚଳନ ରହିଛି । ଏହିପରି ଆଉକିଛି ଜିନିଷ ମଧ୍ୟ ରହିଛି, ଯାହା ଉପରେ ଜକାତ୍ ଧାର୍ଯ୍ୟ କରାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସିଲା ରିହ୍‌ମିର ଅର୍ଥ କଣ । ସିଲା ରିହ୍‌ମି ହେଉଛି ନିଜ ନିକଟ ସମ୍ପର୍କୀୟଙ୍କ ସହିତ ଉତମ ବ୍ୟବହାର କରିବା, ଆପୋଷରେ ମିଳିମିଶି ରହିବା, ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ରହିବା । ଯଦି ତୁମେ ନିଜ କଜିନ୍ ମାନଙ୍କ ସହିତ ଲଢ଼େଇ ଝଗଡ଼ା କରୁଛ ତେବେ ଏହା ସିଲା ରିହ୍‌ମି ନୁହେଁ । ସିଲ ରିହ୍‌ମି ହେଉଛି କି ତୁମେମାନେ ଆପୋଷରେ ଭାଇ, କଜିନ୍, ଜ୍ଞାତି କୁଟୁମ୍ବ ସମସ୍ତେ ଜଣେ ଅନ୍ୟଜଣଙ୍କର ଧ୍ୟାନ ରଖିବେ । ଏହାପରେ ଅଜିଜମ୍ ମୁଗିସ୍ ଅହେମଦ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍‌ରୁ କିଛି ପାରା ଉପସ୍ଥାପନ କଲେ ।

''ନମାଜ ହେଉଛି ଖୁଦାଙ୍କ ହକ୍ । ତେଣୁ ତାକୁ ଉତମ ରୂପେ ପାଠ କରନ୍ତୁ ।..... ଯଦି ପୁରା ଘର ଭାସିଯାଉଛି ତେବେ ଭାସିଯାଉ କିନ୍ତୁ ନମାଜକୁ ଛାଡ଼ନାହିଁ । ଯେଉଁମାନେ ନମାଜକୁ ମନ୍‌ହୁସ୍ (ଅଶୁଭ) ବୋଲି ଅଭିହିତ କରୁଛନ୍ତି ସେମାନେ ହେଉଛନ୍ତି କାଫିର୍(ଅମାନ୍ୟକାରୀ) ଓ ମୁନାଫିକ୍(କପଟୀ) । ଏବଂ ସେମାନେ କହୁଛନ୍ତି କି ନମାଜ ଆରମ୍ଭ କରିବା ଦ୍ୱାରା ଆମର ଅମୁକ କାର୍ଯ୍ୟ କ୍ଷତି ହୋଇଛି । ନମାଜ କଦାପି ରୋଷ/ଦଣ୍ଡ ର ମାଧ୍ୟମ ନୁହେଁ । ଯିଏ ଏହାକୁ ମନ୍‌ହୁସ୍ କହୁଛି ସେମାନଙ୍କ ଭିତରେ ବିଷ ରହିଛି ଯେପରି ରୋଗୀଙ୍କୁ ମିଠା ଜିନିଷ ପିତା ଲାଗେ ସେହିପରି ସେମାନଙ୍କୁ ମଧ୍ୟ ନମାଜରେ ମଜା ଆସେନାହିଁ । ନମାଜ ଦୀନ୍‌କୁ ସୁଧାରିଥାଏ ଓ ଚରିତ୍ରକୁ ମଧ୍ୟ ସୁଧାରିଦିଏ । ସେହିପରି ସଂସାରକୁ ମଧ୍ୟ ସୁଧାରିଥାଏ । ନମାଜ୍‌ର ମଜା ସଂସାରର ପ୍ରତ୍ୟେକ ମଜାଠାରୁ ଅଧିକ । ଶରୀରକୁ ମଜା ଦେବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଛି । ପୁଣି ଏହା ଫଳରେ ରୋଗ ଆସିଥାଏ କିନ୍ତୁ ନମାଜ ମାଗଣାର ସ୍ୱର୍ଗ ଅଟେ, ଯାହାକୁ ଏହା ପ୍ରାପ୍ତ ହୁଏ । ପବିତ୍ର କୋରାନ୍‌ରେ ଦୁଇଟି ଜନ୍ନତ୍(ସ୍ୱର୍ଗ) ବିଷୟରେ ଚର୍ଚ୍ଚା କରାଯାଇଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ସାଂସାରିକ ସ୍ୱର୍ଗ ଓ ତାହା ବାସ୍ତବରେ ନମାଜର ମଜା ଅଟେ'' । (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୫୯୧-୫୯୨, ଏଡ଼ିଶନ୍-୨୦୦୩, ଇଣ୍ଡିଆ)

ଏହାପରେ ଅଜିଜମ୍ ଫରାଜ୍ ଅହେମଦ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମନ୍‌ଜୁମ୍ କଲାମ୍-

କଭି ନୁସ୍‌ରତ୍ ନେହିଁ ମିଲ୍‌ତି
ଦରେ ମୌଲା ସେ ଗନ୍ଦୋଁ କୋ
କଭି ଜାୟା ନେହିଁ କର୍‌ତା ଓ୍ୱହ୍
ଆପ୍‌ନେ ନେକ୍ ବନ୍ଦୋଁ କୋ

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ଅଜିଜମ୍ ମୁଦସିର୍ ଅହେମଦ୍ ଡେନ୍‌ମାର୍କ ଦେଶ ବିଷୟରେ ଗୋଟିଏ ଜ୍ଞାନବର୍ଦ୍ଧକ ନିବନ୍ଧ ଉପସ୍ଥାପନ କଲେ । ଏହାପରେ ଅଜିଜମ ଶମାଇକ୍ ଅହେମଦ୍ ''ମସ୍‌ଜିଦ୍ ନୁସ୍‌ରତ୍ ଜାହାଁ'' ବିଷୟରେ ଗୋଟିଏ ବକ୍ତବ୍ୟ ପ୍ରଦାନ କଲେ ।

ସେ ତାଙ୍କ ବକ୍ତବ୍ୟରେ ବତାଇଲେ କି ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃ ତାଲା ୨୦ ଜୁଲାଇ ୧୯୬୭ ଦିନ ଟ୍ରେନ୍ ଜରିଆରେ କୋପୋନ୍‌ହେଗେନ୍‌ରେ ପଦାର୍ପଣ କରିଥିଲେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏକଥା କୁହାଗଲା ନାହିଁ କି ଟ୍ରେନ୍ ଜରିଆରେ କେଉଁଠାରୁ ଆସିଥିଲେ । ଏଥିରେ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ କୁହାଗଲା କି ହେମ୍‌ବର୍ଗ୍‌ଠାରୁ ଡେନ୍‌ମାର୍କ୍ ପର୍ଯ୍ୟନ୍ତ ଟ୍ରେନ୍ ମାଧ୍ୟମରେ ଆସିଥିଲେ । ଜର୍ମାନୀରୁ ଡେନ୍‌ମାର୍କ୍ ଆସିବା ରାସ୍ତାରେ ସମୁଦ୍ର ଅଛି ଓ ଟ୍ରେନ୍‌ଟି ସମ୍ପୂର୍ଣ୍ଣ ରୂପେ ଫେରି (ସମୁଦ୍ର ଜାହାଜ) ରେ ଲଦା ହୁଏ ଏବଂ ଅନ୍ୟପଟେ ପୋର୍ଟ୍‌ରୁ ବାହାରିଯାଇ ନିଜ ଟ୍ରାକ୍ ଉପରେ ଚାଲିଥାଏ ।

ଏହାପରେ ''ମସ୍‌ଜିଦ୍ ନୁସ୍‌ରତ୍ ଜାହାଁ'' ର ଭିତିପ୍ରସ୍ତରର ରଖିବା ଅବସରରେ ହୋଇଥିବା ଭିଡ଼ିଓ ରେକର୍ଡିଂ ପରିଦର୍ଶନ କରାଗଲା । ଏଥିରେ ହଜ୍‌ରତ୍ ସାହାବ୍‌ଜାଦା ମିର୍ଜା ମୁବାରକ୍ ଅହେମଦ୍ ସାହେବ୍‌ଙ୍କୁ ମୂଳଦୁଆ ରଖିବାର ଦୃଶ୍ୟ ଦେଖାଇ ଦିଆଗଲା । ଏହି ମୂଳଦୁଆ ୬ ମଇ ୧୯୬୬ରେ ରଖାଯାଇଥିଲା । ଉକ୍ତ ଭିଡ଼ିଓରେ ହଜ୍‌ରତ୍ ଚୌଧୁରୀ ସର୍ ମହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ର:ଅଙ୍କୁ ନମାଜ ପଢ଼ାଇବାର ଦୃଶ୍ୟ ଦେଖାଇ ଦିଆଗଲା ।

ଏହାପରେ ଅଜିଜମ୍ ସିରାଜ୍ ଅହେମଦ୍ ପଞ୍ଜାବୀ ଭାଷାରେ ଗୋଟିଏ ସ୍ୱାଗତ ନଜମ୍ ଉପସ୍ଥାପନ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ପ୍ରଦାନ କଲେ ।

ଗୋଟିଏ ପିଲା ପ୍ରଶ୍ନ କଲା କି ଯେତେବେଳେ ଆମେ ନମାଜ ପଢୁଅଛୁ ଓ ଏବେ ନମାଜ ସମ୍ପୂର୍ଣ୍ଣ କରିନାହୁଁ କି ଓ ନମାଜର ଗୋଟିଏ ଭାଗ ବାକି ଥିବ, ଯଦି ଏହି ସମୟରେ ଇମାମ୍ ବାଜମାତ୍ ନମାଜ ଆରମ୍ଭ କରାଇଦେବେ ତେବେ ଆମକୁ କଣ କରିବାକୁ ହେବ ।

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଫର୍ଜ୍ ନମାଜ୍ ଅଧିକ ଗୁରୁତ୍ୱପୁର୍ଣ୍ଣ ଅଟେ । ଯଦି ତୁମେ ସୁନ୍ନତ୍ ପଢୁଅଛ ଓ ଅନ୍ୟପଟେ ଫର୍ଜ୍ ନମାଜ ଆରମ୍ଭ ହୋଇଯାଏ ତେବେ ସୁନ୍ନତ୍‌କୁ ତୁମେ ଛାଡ଼ି ଦେଇ ଫର୍ଜ୍ ନମାଜ୍‌ରେ ସାମିଲ୍ ହୋଇଯାଓ ଓ ଏହି ସୁନ୍ନତ୍‌କୁ ପରେ ପଢ଼ିନେବ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବାଜମାତ୍ ନମାଜକୁ ଇମାମ୍‌ଙ୍କ ସହିତ ପଢ଼ିବା ଅଧିକ ଜରୁରୀ ଅଟେ ଏବଂ ଅଧିକ ବର୍‌କତ୍ ଓ ପୁଣ୍ୟର କାରଣ ହୋଇଥାଏ । ଏଥିରେ ଏକତା ଓ ଐକ୍ୟ ଭାବ ସୃଷ୍ଟି ହୋଇଥାଏ । ତେଣୁ ଏହା ନିର୍ଦ୍ଦେଶ ମଧ୍ୟ ଅଛି କି ଗୋଟିଏ ଇମାମ୍‌ଙ୍କ ପଛରେ ଚାଲନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ-ଫର୍ଜ୍ ହେଉଛି ଗୋଟିଏ ଏପରି ଜିନିଷ ଯାହାକୁ ତୁମେ ନିଶ୍ଚିତ ରୂପେ କରିବାକୁ ହେବ । ଯଦି ଇମାମ୍ ନମାଜ୍ ପଢ଼ାଉଛନ୍ତି ତେବେ ତୁମେ ସୁନ୍ନତ୍ ନଫିଲ୍ ଇତ୍ୟାଦି

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan